R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୦୭
ତିଥି : ଅଷ୍ଟମୀ
୦୫ ମେ’ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 207
05 May 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଦୁର୍ଘଟଣାରେ ଚାଲିଗଲା ୫ ଜୀବନ



ପାରାଦୀପ/ବାଲିଚନ୍ଦ୍ରପୁର,୪।୫ ( ଜିପ୍ର/ସବ୍ୟୁ): ରବିବାର ଦୁର୍ଘଟଣାରେ ଚାଲିଯାଇଛି ୫ଜଣଙ୍କ ଜୀବନ । ଏକ ଆଇରନ ବୋଝେଇ ଟ୍ରକ୍ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଟ୍ରାକ୍ଟର ଓଲଟି ପଡ଼ିବାରୁ ୩ଜଣଙ୍କର ମୃତ୍ୟୁ ଘଟିଛି। ଏପରି ଘଟଣା ଜଗତସିଂହପୁର ପାରାଦ୍ୱୀପ ଅଞ୍ଚଳ ଓ ଯାଯପୁର ଜିଲ୍ଲା ବାଲିଚନ୍ଦ୍ରପୁର ଅଞ୍ଚଳରେ ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ପାରାଦୀପରେ ଦୁଇ ଦୁଇଟି ଆଇରନ ଟ୍ରକ ଧକ୍କାରେ ତିନି ତିନୋଟି ନିରୀହ ଜୀବନ ଚାଲି ଯାଇଥିବା ସମସ୍ତଙ୍କୁ ବେଶ ବ୍ୟଥିତ କରିଛି । ଗତକାଲି ଶନିବାର ଦୁର୍ଘଟଣା ଘଟାଇଥିବା ଆଇରନ ଟ୍ରକ ଡ୍ରାଇଭର ନିଜେ ଛଶହ ଟଙ୍କା ଦେଇ ଭୁତମୁଣ୍ଡାଇ ଠାରୁ ଧାଡି ଭାଙ୍ଗି ଆସିଥିବା କହିବା ଭିଡିଓ ଏବେ ଭାଇରଲ ହେଉଥିବା ବେଳେ ମାତ୍ର କେଇ ଘଣ୍ଟା ଅନ୍ତରରେ ପୁଣି ରବିବାର ଦିନ ଆଇରନ ଟ୍ରକ ଧକ୍କାରେ ଆଉ ଦୁଇଟି ନିରୀହ ଲୋକଙ୍କ ଜୀବନ ଚାଲିଗଲା । ଗତକାଲି ଆଇରନ ଟ୍ରକ ଧକ୍କାରେ ରାଜରାସ୍ତାରେ ଜଣେ ନିରୀହ ଲୋକର ଜୀବନ ଗଲା। ଓ ପାରାଦୀପ ରାସ୍ତା ପାଞ୍ଚ ଘଣ୍ଟା ବନ୍ଦ ରହିଲା ଘଟଣାର ମାତ୍ର ୨୪ ଘଣ୍ଟା ନପୂରୁଣୁ ପୁଣି ଆଇରନ ଟ୍ରକ ଧକ୍କାରେ ଦୁଇ ଜଣଙ୍କ ଜୀବନ ଯିବା ପ୍ରଶାସନର ପାରିବା ପଣିଆ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିଛି । ରବିବାର ଦିନ ଘଟଣା ଘଟିଛି ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ପୋର୍ଟ ନିଷିଦ୍ଧାଞ୍ଚଳରେ ।ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇଜଣ ହାଇୱା ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି । ଏକ ଆଇରନ ବୋଝେଇ ଟ୍ରକ୍ ହାଇୱାକୁ ଧକ୍କା ଦେବାରୁ ଘଟିଛି ଏଭଳି ଘଟଣା ।ବନ୍ଦରର ଆଇ-୧୦ ପ୍ଲଟ ସମ୍ମୁଖରେ ଏକ ହାଇୱା ଗାଡ଼ି ଖରାପ ହେବାରୁ ତାକୁ ଦୁଇଜଣ ଡ୍ରାଇଭର ମିଶି ହାଇୱା ଗାଡ଼ି ର କେବିନ ଭିତରେ କାମ କରୁଥିଲେ। ଏହି ସମୟରେ ଓଡି-୦୪ପି-୯୯୯୩ ନମ୍ବର ବିଶିଷ୍ଟ ଏକ ଆଇରନ ବୋଝେଇ ଟ୍ରକ ଦ୍ରୁତ ଗତିରେ ଆସି ହାଇୱାକୁ ଧକ୍କା ଦେଇଥିଲା । ଫଳରେ କେବିନ ଭିତରେ ହାଇୱା ଡ୍ରାଇଭର ଦୁଇଜଣ ଚାପି ହୋଇ ଯାଇଥିଲେ। ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର (୯ ପୃଷ୍ଠାରେ)

# ପାକିସ୍ତାନକୁ କୂଟନୈତିକ ଝଟ୍‌କା

- ଆଇଏମ୍ଏଫ୍ ବନ୍ଦ କରିବ ଋଣ ସହାୟତା
- ୯ରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ




ନୂଆଦିଲ୍ଲୀ,୪।୫: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ ସିଧାସଳଖ ଜବାବ ଦେବା ପରିବର୍ତ୍ତେ, ଭାରତ ବିଶ୍ୱ ସ୍ତରରେ ଏପରି ପଦକ୍ଷେପ ନେଇଛି ଯେ, ଋଣଗ୍ରସ୍ତ ପାକିସ୍ତାନ ଭୟଭୀତ ହୋଇଯାଇଛି ।ଆସନ୍ତା ୯ରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ପାକିସ୍ତାନର ଋଣ ସମୀକ୍ଷା କରିବାକୁ ଯାଉଛି । ଭାରତର ଏହି ରଣନୈତିକ ପଦକ୍ଷେପ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ଜେନେରାଲ ଅସୀମ ମୁନିରଙ୍କ ନିଦ ହଜାଇ ଦେଇଛି ।

ପ୍ରକୃତରେ, ପାକିସ୍ତାନ ଭୟ କରୁଛି ଯେ, ଯଦି ଭାରତ ଏହି ସମୟ ମଧ୍ୟରେ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ କିମ୍ବା ପାକିସ୍ତାନକୁ ଆତଙ୍କବାଦର ପ୍ରାୟୋଜକ ବୋଲି କହି ଅନ୍ତର୍ଜାତୀୟ ସ୍ତରରେ କୋଣଠେସା କରେ, ତେବେ ଆଇଏମଏଫର ପ୍ରଥମ କିସ୍ତି ଅଟକି ଯାଇପାରେ ।ଭାରତ ପକ୍ଷରୁ ଏକ କଠୋର କୂଟନୈତିକ ପଦକ୍ଷେପ ନିଆଯାଇଛି । ଏଥିରେ ଏହା ପାକିସ୍ତାନକୁ ଦିଆଯାଇଥିବା ଋଣର ପୁନର୍ବିଚାର କରିବାକୁ ଆଇଏମଏଫ ଏବଂ ଅନ୍ୟାନ୍ୟ ବିଶ୍ୱ ଆର୍ଥିକ ଏଜେନ୍ସିଗୁଡ଼ିକୁ ଦାବି କରିଛ ।

ଭାରତ ଯେଉଁ ପାଞ୍ଚ ଜଣ ଆତଙ୍କବାଦୀଙ୍କୁ ଆଧାର କରି ଏହି ବିଶ୍ୱବ୍ୟାପୀ ଆବେଦନ କରିଛି, ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ପାକିସ୍ତାନୀ ନାଗରିକ ଭାବରେ ଚିହ୍ନଟ କରାଯାଇଛି । ତଥାପି ପାକିସ୍ତାନ ଏହି ଅଭିଯୋଗଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଛି ଏବଂ ନିରପେକ୍ଷ ଅନ୍ତର୍ଜାତୀୟ ତଦନ୍ତ ଦାବି କରିଛି ।କିନ୍ତୁ ଭାରତ ଦାବି କରୁଛି ଯେ, ଆମ ପାଖରେ ପର୍ଯ୍ୟାପ୍ତ ବୈଷୟିକ ଏବଂ ଗୁଇନ୍ଦା ପ୍ରମାଣ ଅଛି, ଯାହାକୁ ଆମେ ଖୁବ୍ ଶୀଘ୍ର ବିଶ୍ୱ ମଞ୍ଚରେ ଉପସ୍ଥାପନ କରିବୁ ।ଏହା ଦ୍ୱାରା ଭାରତ ପାକିସ୍ତାନକୁ ହାତରେ ନମାରି ଭାତରେ ମାରିବାର ଯୋଜନା କରିଛି ।

ଏପରି ପରିସ୍ଥିତିରେ ପାକିସ୍ତାନର ସମସ୍ୟା ଆହୁରି ବଢ଼ିଯାଇଛି । ଗୋଟିଏ ପଟେ ଋଣର ପ୍ରଥମ କିସ୍ତିର ଆଶା ଅଛି, ଅନ୍ୟପଟେ ଭାରତର କଠୋର କୂଟନୀତି ଏବଂ ଆତଙ୍କବାଦ ସହ ଜଡିତ ଗମ୍ଭୀର ଅଭିଯୋଗ । ଏସବୁ ମଧ୍ୟରେ, ପାକିସ୍ତାନର ପରିସ୍ଥିତି ସାଂଘାତିକ ହୋଇପଡ଼ିଛି । ଏହି କାରଣରୁ ଶାହବାଜ ସରିଫ ସରକାର ଏବଂ ସେନା ମୁଖ୍ୟ ଅସୀମ ମୁନିର ଭୟ କରୁଛନ୍ତି ଯେ, ଯଦି ଭାରତ ଏବେ କୌଣସି ଦୃଢ଼ ପଦକ୍ଷେପ ନିଏ, ତେବେ ଆଇଏମଏଫ ସହାୟତା ଚାଲିଯିବ ବୋଲି ମନେ ହେଉଛି । ଏହି ସମ୍ପୂର୍ଣ୍ଣ ଘଟଣା ସ୍ପଷ୍ଟ କରିଛି ଯେ, ଭାରତ ଏବେ କେବଳ ସୀମାରେ ନୁହେଁ ବରଂ ବିଶ୍ୱ ମଞ୍ଚରେ ମଧ୍ୟ ପାକିସ୍ତାନକୁ ଘେରିବା ପାଇଁ ରଣନୀତି ଉପରେ କାମ କରିବା ଆରମ୍ଭ କରିଛି ।

## ୩ କୋଟି ଠକେଇ, ଅଭିଯୁକ୍ତ ଗିରଫ

ମାଲକାନଗିରି,୪।୫ (ସବ୍ୟୁ): ମାଲକାନଗିରି ଅଞ୍ଚଳରେ ଜଣେ ଠକ ଯୁବକ ସେୟାର ମାର୍କେଟ ବା ଟ୍ରେଡିଂ ବ୍ୟବସାୟରେ ଅଧିକ ଟଙ୍କାର ରିଟର୍ଣ୍ଣ ଦେଖାଇ ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣାପଡିଛି। ସ୍ଥାନୀୟ ୱାର୍ଡ ନମ୍ବର ୨ର ବାସିନ୍ଦା କେ.ଜିତେନ୍ଦ୍ର ପାତ୍ର ଥାନାରେ ଏନେଇ ଏତଲା ଦେବା ପରେ ପୁଲିସର ତଦନ୍ତ ପରେ କୋଟିକୋଟି ଟଙ୍କା ଠକେଇ ହୋଇଥିବା ଜଣାପଡ଼ିଛି ।

କେ.ଜିତେନ୍ଦ୍ର ପାତ୍ରଙ୍କ ଏତଲା ଅନୁଯାୟୀ ୨୦୧୭ ମସିହାରେ ଦେବଜିତ ତ୍ରିପାଠୀ ମାଲକାନଗିରିରେ ଆସି ରହୁଥିଲେ। ଜିତେନ୍ଦ୍ରଙ୍କ ସାକ୍ଷାତ ୨୦୧୮ରେ ଦେବଜିତଙ୍କ ସହ ହୋଇଥିଲା। ଦେବଜିତ କଟକରେ ରହି ଟ୍ରେଡିଂ ବ୍ୟବସାୟ କରୁଥିବା ଜିତେନ୍ଦ୍ରଙ୍କୁ କହିଥିଲେ। ୫୦ ହଜାର ଟଂକା ନିବେଶ କଲେ ୩ ମାସରେ ୨୦ ପ୍ରତିଶତ ଟଂକା ପାଇବେ ବୋଲି ଲୋଭ ଦେଖାଇଥିଲେ। ଜିତେନ୍ଦ୍ର ମଧ ଲୋଭରେ ପଡି ୫୦ ହଜାର ଟଂକା ଦେଲେ। ଦେବଜିତ ୩ ମାସ ପରେ ୨୦ ପ୍ରତିଶତ ଟଂକା ଦେଇଥିଲେ । (୯ ପୃଷ୍ଠାରେ)

### ମୁମ୍ବାଇ ୱେଭସ୍, ବି୨ଜି ବୈଠକରେ ମୁଖ୍ୟମନ୍ତ୍ରୀ

## ନିବେଶକ-ଶିଳ୍ପପତିଙ୍କ ସହ କଥାବାର୍ତ୍ତା




ଭୁବନେଶ୍ୱର,୪।୫(ସବ୍ୟୁ)ମୁମ୍ବାଇର ଜିଓ ୱାର୍ଲ୍ଡ କନଭେନସନ ସେଣ୍ଟରରେ ଅନୁଷ୍ଠିତ ୱେଭସ ୨୦୨୫ - ବିଶ୍ୱ ଅଡିଓ ଭିଜୁଆଲ୍ ଏବଂ ମନୋରଞ୍ଜନ ସମ୍ମିଳନୀର ଉଦଘାଟନୀ ସଂସ୍କରଣରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ମୁମ୍ବାଇ ଗସ୍ତ କରିଥିଲେ ।

ସମ୍ମିଳନୀରେ ଓଡିଶାର ଦୃଢ଼ ଉପସ୍ଥିତି ଭାରତର ଅରେଞ୍ଜ ଅର୍ଥନୀତିରେ ଏକ ଉଦୀୟମାନ ଶକ୍ତି ଭାବରେ ନିଜକୁ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ଦ୍ୱାରା ଏକ ରଣନୈତିକ ପ୍ରୟାସକୁ ଦର୍ଶାଉଛି - ଯାହା ବିଷୟବସ୍ତୁ, ସୃଜନଶୀଳତା ଏବଂ ସଂସ୍କୃତିକୁ ବ୍ୟାପୀ କରିଥାଏ । ୱେଭସ ୨୦୨୫ ଅବସରରେ, ମୁଖ୍ୟମନ୍ତ୍ରୀ ପ୍ରମୁଖ ନିବେଶକ ଏବଂ ଶିଳ୍ପ ନେତାମାନଙ୍କ ସହିତ ଏକାଧିକ ବ୍ୟକ୍ତିଗତ ବି୨ଜି ବୈଠକ କରିଥିଲେ, ଯାହା ଦ୍ରୁତ ଶିଳ୍ପ ଅଭିବୃଦ୍ଧି ଏବଂ ବ୍ୟବସାୟ କରିବାର ସହଜତା ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୃଢ଼ କରିଥିଲା । ଟାଟା ଷ୍ଟିଲ୍, ଶାପୁରଜୀ ପାଲୋନଜୀ ଗ୍ରୁପ୍, ୱାରୀ ଏନର୍ଜିଜ୍, ଏବଂ ଇଣ୍ଡିଆନ୍ ରେୟାର ଆର୍ଥସ୍ ଲିମିଟେଡ୍ ଦ୍ୱାରା ଚାଲୁଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବା ସହ ସମ୍ପ୍ରସାରଣ ରଣନୀତି ତର୍ଜମା କରିଥିଲେ । ଜୈନ ଇରିଗେସନ୍ ଲିମିଟେଡ୍ ଏବଂ ଜେଏସକେ ଆଲୁମିନିୟମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର କୃଷି-ପ୍ରକ୍ରିୟାକରଣ, ଜଳସେଚନ ଉପକରଣ ଉତ୍ପାଦନ ଏବଂ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ନିବେଶ ଆକର୍ଷିତ କରିବା । ଗୁଗୁଲ୍ ଇନକର୍ପୋରେଟେଡ୍ ଏବଂ କାନାରିର ଅଟୋମେସନ୍ ପ୍ରାଇଭେଟ୍ ଲିମିଟେଡ୍ - ପୂର୍ବାନୁମାନିକ ବିପର୍ଯ୍ୟୟ ମନିଟରିଂ, ଏଆଇ-ଆଧାରିତ ପ୍ରଶାସନ, ସାର୍ବଜନୀନ ସେବା ପ୍ରଦାନରେ ଡାଟା ଡି-ଡୁପ୍ଲିକେସନ୍ ଏବଂ ଉନ୍ନତ ଡାଟା ଆନାଲିଟିକ୍ସ ଭଳି କ୍ଷେତ୍ରରେ (୯ ପୃଷ୍ଠାରେ)

## କଡା ସୁରକ୍ଷାରେ ନିଟ୍ - ୟୁଜି ପରୀକ୍ଷା ଶେଷ

ଭୁବନେଶ୍ୱର,୪।୫ (ସବ୍ୟୁ): ଡାକ୍ତରୀ ନାମଲେଖା ଏଣ୍ଟ୍ରାନ୍ସ ପରୀକ୍ଷା ଛାତ୍ରଛାତ୍ରୀଙ୍କୁ କପି ଯୋଗାଇଥାନ୍ତେ। ନକଲି ପରୀକ୍ଷାର୍ଥୀ ମଧ୍ୟ ହଲରେ ବସାଇଥାନ୍ତେ। ଏଥିପାଇଁ ମୋଟା ଅଙ୍କର ଡିଲ୍ ମଧ ହୋଇଥିଲା। ତେବେ ପରୀକ୍ଷା ପୂର୍ବରୁ ଏହିସବୁ ଡିଲ୍ ଫସର ଫାଟି ଯାଇଛି। ର୍‍ୟାକେଟ୍‌ର ଗିରଫ ହୋଇଥିବା ୪ ଜଣଙ୍କଠାରୁ ଏଭଳି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଡାକ୍ତରୀ ନାମଲେଖା ଠକେଇ ମାମଲାରେ ଗିରଫ ହୋଇଥିବା ୪ଜଣଙ୍କୁ କମିଶନରେଟ୍ ପୋଲିସ ଶନିବାର କୋର୍ଟ ଚାଲାଣ କରିବା ପରେ ସେମାନେ ଜେଲ୍‌ରେ ଅଛନ୍ତି। ପୋଲିସ ସେମାନଙ୍କଠାରୁ ଆଦାୟ କରିଥିବା ତଥ୍ୟରୁ ଜଣାଯାଇଛି ଯେ ସେମାନେ କେତେକ ଆଶାୟୀ ପରୀକ୍ଷାର୍ଥୀଙ୍କଠାରୁ ଟଙ୍କା ନେଇ ନକଲି ପରୀକ୍ଷାର୍ଥୀ ଏଣ୍ଟ୍ରାନ୍ସ କେନ୍ଦ୍ରରେ ବସାଇ ସେମାନଙ୍କୁ କପି ଯୋଗାଇବେ ବୋଲି । ଏହି ତଥ୍ୟ ଅନୁଯାୟୀ ରବିବାର ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ନିଟ୍ ଓ ୟୁଜି ଏଣ୍ଟ୍ରାନ୍ସ ପରୀକ୍ଷା କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ନିର୍ଦ୍ଦେଶରେ ସବୁ ଏସିପି ଓ ଆଇଆଇସିମାନେ ସଜାଗ ରହିଛନ୍ତି। କମିଶନର ଓ ଡିସିପି ମଧ ରବିବାର ପରୀକ୍ଷାକୁ ନେଇ ତତ୍ପର ଥିବା ପରୀଲକ୍ଷିତ ହୋଇଛି।

ପ୍ରତି ଥାନା ଅଞ୍ଚଳରେ ହେଉଥିବା ପରୀକ୍ଷା କେନ୍ଦ୍ରରେ ୧୦ରୁ ଉର୍ଦ୍ଧ୍ୱ ଲେଖାଏଁ ପୋଲିସ ଜଗି ରହିଥିଲେ। ଗିରଫ ୪ ଅଭିଯୁକ୍ତଙ୍କ ତଥ୍ୟ ଅନୁଯାୟୀ ପରୀକ୍ଷା ସୁପରଟେଣ୍ଡେଣ୍ଟଙ୍କୁ ପୋଲିସ୍ ସତର୍କ କରାଇଥିଲା। କଡା ସୁରକ୍ଷା ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପୋଲିସ ଅଧିକାରୀମାନେ ଘନଘନ ପରୀକ୍ଷା କେନ୍ଦ୍ର ନିକଟରେ ପଇନ୍ତରା ମାରିଥିଲେ। ପୋଲିସ କମିଶନରଙ୍କ କହିବା ଅନୁଯାୟୀ ଗିରଫ ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ବିସ୍ତୃତ ଭାବେ ଜେରା କରାଯିବ। କାରଣ ଝାଡଖଣ୍ଡ, ବିହାର ଓ ଓଡିଶାରେ ର୍‍ୟାକେଟ୍‌ର ନେଟ୍‌ୱାର୍କ କାମ କରୁଥିଲା। ଗିରଫ ଚାରିଜଣଙ୍କ ମଧ୍ୟରୁ ୨ ଜଣ ବିହାରର ହୋଇଥିବା ବେଳେ ଆଉ ଦୁଇଜଣ ଭୁବନେଶ୍ୱର। ଗିରଫ ୪ ଜଣ ଠକେଇ ଟଙ୍କାରେ ଦାମି ଗାଡି ଓ ଦାମି ଫ୍ଲାଟ୍ ପ୍ରଭୃତି କିଣୁଥିଲେ। ଦୁଇଟି ଦାମି କାର୍ ଓ ଦୁଇଟି ଜମି କିଣା କାଗଜ ସହ ୯୦ ଲକ୍ଷର ଚେକ୍ ଜବତ କରିଛି। ରିମାଣ୍ଡରେ ଆଣି ଅଧିକ ପଚରାଉଚରା କଲେ ଆହୁରି ଅଧିକ ରହସ୍ୟର କଥା ଉନ୍ମୋଚନ ହେବ ବୋଲି ସୂଚନା ମିଳିଛି ।

### ଠକେଇ ମାମଲାରେ ଗିରଫ ୪ ଅଭିଯୁକ୍ତ ଆସିବେ ରିମାଣ୍ଡରେ

### ଦୀଘା ଦାରୁ ବିବାଦ

## ଦଇତାପତି ନିଯୋଗ କର୍ମକର୍ତ୍ତାଙ୍କୁ ମାରାଥନ ଜେରା



ପୁରୀ,୪।୫ (ସବ୍ୟୁ): ଦୀଘାରେ ନୂତନ ଜଗନ୍ନାଥ ମନ୍ଦିର ସ୍ଥାପନ ଓ ଦାରୁ ବ୍ୟବହାରକୁ ଶ୍ରୀମନ୍ଦିରର ପ୍ରଶାସନ ଶେଷ ହୋଇଛି ବୈଠକ । ଅପେକ୍ଷା ରହିଛି ଆଇନମନ୍ତ୍ରୀଙ୍କ ପଦକ୍ଷେପକୁ । ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାକୁ ନେଇ ବିବାଦ ଯେତିକି ବଢୁଛି ସସପେନ୍ସ ସେତିକି ବଢିବାରେ ଲାଗିଛି । ଦୁଇଦିନର ବୈଠକ ପରେ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ନଦେଇ ହାତଯୋଡି ଚାଲିଯାଇଛନ୍ତି ବିବାଦରେ ଥିବା ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର । ଶ୍ରୀମନ୍ଦିରରୁ ବଳକା ଦାରୁ ନେଇ ମୂର୍ତ୍ତି ପ୍ରତିଷ୍ଠା କରିବା ପ୍ରସଙ୍ଗରେ ଏକ କମିଟି ଗଠନ କରି ସତ୍ୟାସତ୍ୟ ଉନ୍ମୋଚନ କରିବାକୁ କହିଛନ୍ତି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର । ଅନ୍ୟପଟେ ଜଗନ୍ନାଥ ଧାମ୍ ଲେଖିବାରୁ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚିଥିବା ସହ ଦାରୁ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଉପସ୍ଥାପନ କରି ଦୋଷୀକୁ ଦଣ୍ଡବିଧାନ କରିବାକୁ କହିଛନ୍ତି ସହରର ବୁଦ୍ଧିଜୀବୀ । ଏହି ଘଟଣାରେ ପଶ୍ଚିମବଙ୍ଗ ବିଜେପି ନେତା ମମତାଙ୍କୁ ଦାୟୀ କରିଥିବା ବେଳେ ଆଇନମନ୍ତ୍ରୀଙ୍କ ପଦକ୍ଷେପକୁ ଏବେ ସମସ୍ତଙ୍କ ଅପେକ୍ଷା । ଶନିବାର ତିନୋଟି ପର୍ଯ୍ୟାୟରେ ବୈଠକ ହୋଇଥିଲା । ଆଜି ଖୋଦ୍ ବିବାଦରେ ଥିବା ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ସହ ନିଯୋଗର ସଭାପତିଙ୍କ ସହ ଦୀର୍ଘ ଦୁଇ ଘଣ୍ଟା ବୈଠକ କରି ମାରାଥନ୍ ଜେରା କରିଛନ୍ତି (୯ ପୃଷ୍ଠାରେ)

### ଆଇନମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

## ରଥ ଯାତ୍ରା ପାଇଁ ପାଗ ଭିଡ଼ିଲା ସ୍ୱାସ୍ଥ୍ୟ ବିଭାଗ

### ନବଯୌବନ ଦର୍ଶନ ଠାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ବଳବତ୍ତର ରହିବ ନିରନ୍ତର ସ୍ୱାସ୍ଥ୍ୟସେବା



ଭୁବନେଶ୍ୱର,୪।୫ (ସବ୍ୟୁ): ମହାପ୍ରଭୁ ଜଗନ୍ନାଥଙ୍କର ଚଳିତ ରଥ ଯାତ୍ରାରେ ନିରନ୍ତର ସ୍ୱାସ୍ଥ୍ୟସେବା ନିଶ୍ଚିତ କରାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି । ଏଥିପାଇଁ ବିଭାଗୀୟ ଶାସନ ସଚିବ ଅଶ୍ୱତୀ ଏସ୍.ଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସଭାଗୃହ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ବିଭିନ୍ନ ନିର୍ଦ୍ଦେଶାଳୟ ତରଫରୁ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ପ୍ରାକ୍ ପ୍ରସ୍ତୁତିର ସମୀକ୍ଷା କରି ମହାପ୍ରଭୁଙ୍କ ଯାତ୍ର ସମୟରେ ସେବାୟତ, ଭକ୍ତ, ପର୍ଯ୍ୟଟକ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା, ଔଷଧ ଓ ମାନବ ସମ୍ବଳ ଆଗୁଆ ପୁରୀରେ ପ୍ରସ୍ତୁତ ରଖିବା ପାଇଁ ଅଶ୍ୱତୀ ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ ସବୁ ନିର୍ଦ୍ଦେଶାଳୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ମୁଖ୍ୟତଃ ପୁରୀ ଜିଲ୍ଲା ସ୍ଥିତ ବିଭିନ୍ନ ସରକାରୀ ଚିକିତ୍ସାଳରେ ସ୍ୱାସ୍ଥ୍ୟସେବାର ଦୃଢ଼ୀକରଣ, ଆବଶ୍ୟକୀୟ ସଂଖ୍ୟାକ ଫାଷ୍ଟ-ଏଡକେନ୍ଦ୍ର ସ୍ଥାପନ, ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା, ପୁରୀରେ ଅଧିକ ବିଶେଷଜ୍ଞ, ଡାକ୍ତର ନର୍ସିଂ ଅଫିସର ଓ ପାରାମେଡିକ୍ସ ନିୟୋଜନ, ଖାଦ୍ୟ ନିରାପତ୍ତା, କୌଣସି ପ୍ରକାର ସମ୍ଭାବ୍ୟ ସଂକ୍ରାମକ ରୋକ ମୁକାବିଲା ଓ ନିୟନ୍ତ୍ରଣ, ଜନସ୍ୱାସ୍ଥ୍ୟ ଓ ସାଧାରଣ ସଚେତନତା କାର୍ଯ୍ୟ ଆସି ବିଷୟରେ ଆଲୋଚନା ହୋଇ ଆବଶ୍ୟକୀୟ ନିଷ୍ପତ୍ତିମାନ ନିଆଯାଇଥିଲା ।

ନବଯୌବନଦର୍ଶନ (୨୬ ଜୁନ୍) ରୁ ଦୀନାଦ୍ରୀବିଜେ (୮ ଜୁଲାଇ) ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେଡିଏମ୍, ଏଙ୍ଗୌରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ପୋଲିସ ହସ୍ପିଟାଲ, ସାକ୍ଷୀଗୋପାଳ, ମଙ୍ଗଳପୁର, ପିପିଲିଷ୍ଟେସନ୍‌ରୋଡ, ରେବୁଗାଁ ଗୋଷ୍ଠୀ (୯ ପୃଷ୍ଠାରେ)



## ସମର ସ୍ୟାଡ୍‌ନେସ

ଅନେକ ସମୟରେ ଦେଖିବାକୁ ମିଳେ ଅଧିକ ଗରମ କାରଣରୁ ବିନା କାରଣରେ ମନ ଭଲ ନରହିବା ସହିତ ଚିଡଚିଡା ଅନୁଭବ ହୋଇଥାଏ । ତେବେ ଏହାର ସମ୍ପର୍କ ଆମର ମାନସିକ ସ୍ୱାସ୍ଥ୍ୟ ସହିତ ରହିଛି । ଅତ୍ୟଧିକ ତାପମାତ୍ରା କାରଣରୁ ଯେ କେବଳ ଡିହାଇଡ୍ରେସନ,ଅଂଶୁଘାତ ଓ ଦୁର୍ବଳତା ହୋଇଥାଏ ତାହା ନୁହେଁ ଏହାର ପ୍ରଭାବ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡିଥାଏ । ଅଧିକ ଗରମ ଆମର ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ବିଗାଡିପାରେ । ଏହା କାରଣରୁ କିଛି ଲୋକଙ୍କୁ ଡିପ୍ରେସନ ଓ ଅବସାଦ ହେବାର ଆଶଙ୍କା ରହିଛି । ଖରାଦିନେ ଅଧିକ ଗରମ ଓ ତାପମାତ୍ରା ଆମର ନିଦ ଓ ମସ୍ତିଷ୍କର କେମେଷ୍ଟ୍ରୀ ଉପରେ ପ୍ରଭାବ ପକାଇଥାଏ । ଯାହାଫଳରେ ମୁଡ୍ ସୁଇଂ ଓ ଡିପ୍ରେସନ ଭଳି ସମସ୍ୟା ଦେଖିବାକୁ ମିଳିଥାଏଓ। ଗରମ କାରଣରୁ ନିଦ୍ରାହୀନତା, ବିବ୍ରତ ହେବା, ଦୁର୍ବଳ ଲାଗିବା, ଅବସାଦ ଭଳି ଲକ୍ଷଣ ଦେଖିବାକୁ ମିଳେ । ତେଣୁ ଯଦି ଗରମ ବଢିବା କାରଣରୁ ଆପଣ ଦୁଃଖରେ ରହିବା ବି ଚିଡିବା ଆରମ୍ଭ କରୁଛନ୍ତି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ । ଏହାକୁ ସମର ସ୍ୟାଡ୍‌ନେସ କୁହାଯାଇଥାଏ । ଯଦି ଏଭଳି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

## ସୋସିଆଲ କୋଟ୍ସ

" ରଣବୀରଙ୍କ ପାଖରେ କୌଣସି ପିଆର୍ କି ପାଆର୍ ଟିମ୍ ନାହାନ୍ତି । ତାଙ୍କର କେହି ମ୍ୟାନେଜର ମଧ୍ୟ ନାହାନ୍ତି, ଆଜି ସେ ଯାହା ବି ନିଜ ଦମ୍‌ରେ ।

**କରଣ ଜୋହର, ଫିଲ୍ମ ମେକର**





" ମୁଁ ଅନେକ ଆକ୍ଟରଙ୍କ ସହିତ ଫିଲ୍ମକୁ ନେଇ କଥା ହୋଇଥାଏ । ସବୁବେଳେ ସମସ୍ତେ ଏକ ଭଲ ସ୍କ୍ରିପ୍ଟ ଖୋଜନ୍ତି । ଆଗକୁ ଅନେକଙ୍କ ସହ କାମ କରିବାକୁ ଯୋଜନା ରଖିଛି ।

**ଅଟଲି, ନିର୍ଦ୍ଦେଶକ**

" ମୋ ମା' ମୋର ବଢୁଥିବା ଓଜନକୁ ନେଇ ଅଧିକ ଚିନ୍ତିତ ଥିଲେ । ସେ ମୋତେ ଡାଏଟ୍ ପ୍ଲାନ ଦେଉଥିଲେ । ତାଙ୍କର ଡର ଥିଲା ମୋର ବଢୁଥିବା ଓଜନ ପାଇଁ କାଲେ ଲୋକମାନେ ମୋର ମଜାକ ଉଡାଇବେ ।

**ବିଦ୍ୟା ବାଲାନ୍, ଅଭିନେତ୍ରୀ**



ଘିକୁଆଁରୀକୁ ଆୟୁର୍ବେଦରେ ଏକ ଚମତ୍କାରୀ ଔଷଧ ଭାବେ ବର୍ଣ୍ଣନା କରାଯାଇଛି । ଏହାର ରସ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ । ଏହାକୁ ପିଇବା ଫଳରେ ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ । ତେବେ ଆପଣ ଏହାକୁ ପିଇବା ଆଗରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି । ଏହାର ମାତ୍ରା ଓ କେଉଁ ସମୟରେ ଖାଇବେ ଏ ସମ୍ପର୍କରେ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ତେବେ ଆସନ୍ତୁ ଜାଣିବା ଏହାକୁ ଖାଇବା ଫଳରେ ସାଧାରଣତଃ ଆପଣଙ୍କୁ କଣ ଲାଭ ମିଳିପାରେ ।

- **ପାଚନତନ୍ତ୍ର ମଜଭୁତ ହୋଇଥାଏ**

ଏହାକୁ ଖାଇବା ଫଳରେ ଆମର ପାଚନ ତନ୍ତ୍ର ମଜଭୁତ ହୋଇଥାଏ । ଏଥିରେ ଥିବା ଅନେକ ପ୍ରାକୃତିକ ଏଞ୍ଜାଇମ୍ ଆମର ଗ୍ୟାସ, ଏସିଡିଟି ଆଦି ସମସ୍ୟା ପାଇଁ ଉପକାରୀ ହୋଇଥାଏ । ସକାଳୁ ଏହାକୁ ଖାଲି ପେଟରେ ଖାଇବା ଦ୍ୱାରା ଲାଭ ମିଳିଥାଏ ବୋଲି ସୂଚନା ରହିଛି ।

- **ମଧୁମେହ ପାଇଁ ଦରକାରୀ**

ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ୍ ଆମର ରକ୍ତ ସର୍କରାହାରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହା ମଧୁମେହ ରୋଗୀଙ୍କ ପାଇଁ ଖୁବ ଉପକାରୀ ପ୍ରାକୃତିକ ଉପାୟ ହୋଇଥାଏ । ତେବେ ଆପଣଙ୍କୁ ନିଜର ଡାକ୍ତରଙ୍କ ପରାମର୍ଶରେ ଏହାକୁ ଖାଇବାକୁ ହେବ ସେଭଳି ମନକୁ ମନ ଖାଆନ୍ତୁ ନାହିଁ ।


- **ତ୍ୱଚା ଓ କେଶ ପାଇଁ ଭଲ**

ଏହା ଆମର ତ୍ୱଚା ଓ କେଶ ପାଇଁ ଖୁବ ଲାଭ ଦାୟକ ହୋଇଥାଏ । ଏହା ଆମର ତ୍ୱଚାକୁ ହାଇଡ୍ରେଟ୍ ରଖିଥାଏ । ତ୍ୱଚାରେ ଥିବା ବିଭିନ୍ନ ଦାଗ, ବ୍ରଣ ସମସ୍ୟା ପାଇଁ ଲାଭକାରୀ ହୋଇଥାଏ । ସେହିଭଳି ଅଦିନରେ କେଶ କଳା ହେଉଥିଲେ ଏହାକୁ କେଶରେ ଲଗାଇବା ଦ୍ୱାରା ଲାଭ ମିଳିଥାଏ । କେଶ ଝଡିବାରୁ ମଧ୍ୟ ଏହା ମୁକ୍ତି ଦେଇଥାଏ ।

## ଉପକାରୀ ଘିକୁଆଁରୀ



## ଅଧିକ ରିଲ୍ସ ଦେଖିବା କ୍ଷତିକାରକ



ଆଜିକାଲି ଯୁଗକୁ ମୋବାଇଲଯୁଗ କହିଲେ ଭୁଲ ହେବ ନାହିଁ । ଦୈନନ୍ଦିନ ଜୀବନରେ ଆମେ ଘଡିଏ ମୋବାଇଲ ବିନା ବିତାଇ ପାରିବା ନାହିଁ । ପ୍ରତେକ ସମୟରେ ଆମର ମୋବାଇଲର ଆବଶ୍ୟକତା ରହୁଛି । ସକାଳୁ ଉଠିବାଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ରତେକ ସମୟରେ ମୋବାଇଲର ବ୍ୟବହାର କରାଯାଉଛି । ତେବେ ଏଥିରେ ସବୁଠାରୁ ଅଧିକ ବର୍ତ୍ତମାନ ସୋସିଆଲ ମିଡିଆର ବ୍ୟବହାର ରହିଛି । ଯେଉଁଥିରେ ସମସ୍ତେ ସବୁ ସମୟରେ ଭିଡିଓ ଓ ରିଲ୍ସ ଦେଖୁଥିବାର ଦେଖିବାକୁ ମିଳୁଛି । ତେବେ ବର୍ତ୍ତମାନ ମିଳିଥିବା ସୂଚନା ଅନୁସାରେ ଅଧିକ ସମୟ ରିଲ୍ସ ଦେଖିବା ଆମପାଇଁ ଖୁବ ଖରାପ ହୋଇଥାଏ । ଅନେକ ସମୟରେ ଦେଖିବାକୁ ମିଳେ ଗୋଟିଏ ରିଲ୍ସ ଦେଖିବାପରେ ଆହୁରି ଦେଖିବାକୁ ମନ ହୋଇଥାଏ ଏବଂ ଆମେ ଗୋଟିଏ ପରେ ଗୋଟିଏ ଦେଖିଚାଲୁ । ତେବେ ଏହି ବ୍ୟବହାର ଦ୍ୱାରା ଆମ ମସ୍ତିଷ୍କ ଉପରେ ଖୁବ ଅଧିକ ପ୍ରଭାବ ପଡିଥାଏ । ଏପରିକି ଆମର ମେଣ୍ଟାଲ ଫୋକୋସ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଥାଏ । ଏହା ଆମକୁ କୌଣସି କାର୍ଯ୍ୟ ଧ୍ୟାନ କୈନ୍ଦ୍ରିତ କରିବାର ଶକ୍ତିକୁ କମାଇ ଦେଇଥାଏ । ସେହିଭଳି ଏହା ଆମର ଧୈର୍ଯ୍ୟ ଉପରେ ଖୁବ ଖରାପ ପ୍ରଭାବ ପକାଇଥାଏ । ଏହି କାରଣରୁ ଆରମ ଧୈର୍ଯ୍ୟଶକ୍ତି କମିଥାଏ । ତେବେ ବର୍ତ୍ତମାନ ଏହାର ପ୍ରଭାବ ଛୋଟ ପିଲାଙ୍କ ଉପରେ ବେଶି ଦେଖିବାକୁ ମିଳୁଛି । ସେମାନେ ମୋବାଇଲ ରିଲ୍ସ ଦେଖିବା ଦ୍ୱାରା ଜିଦିଆ ହୋଇଯାଉଥିବାର ଉଦାହରଣ ଦେଖିବାକୁ ମିଳୁଛି ।

୧୮୨୧ – ଫ୍ରାନ୍ସର ସୈନ୍ୟ ଅଧିକାରୀ ତଥା ରାଜନେତା ନେପୋଲିଅନ ବୋନାପାର୍ଟଙ୍କ ମୃତ୍ୟୁ ।
୧୮୪୭ – ଲଣ୍ଡନର ପ୍ରସିଦ୍ଧ ଆସୋସିଏସନ୍ ସ୍କୁଲ ଅଫ୍ ଆର୍କିଟେକଚରର ସ୍ଥାପନା କରାଯାଇଥିଲା ।
୧୯୦୨ – ରାଷ୍ଟ୍ରମଣ୍ଡଳ ଲୋକସେବା ଅଧିନିୟମ ଅଷ୍ଟ୍ରେଲିଆରେ ସାର୍ବଜନିନ ସେବା କରାଯାଇଥିଲା ।
୧୯୩୨ – ଜାପାନ ଓ ଚୀନ ଉଭୟଦେଶ ଶାନ୍ତି ସନ୍ଧିରେ ସ୍ୱାକ୍ଷର କରିଥିଲେ ।
୧୯୩୬ – ଇଟାଲୀ ସୈନିକଙ୍କର ଅଦିସ୍ ଅବାବା ଉପରେ କବଜା ।
୧୯୯୪ – ବ୍ରିଟେନ୍‌ରେ ଲେବର ପାର୍ଟି ଦ୍ୱାରା କଞ୍ଜରଭେଟିଭ୍ ପାର୍ଟିକୁ ପରାସ୍ତ ।

## ଫ୍ୟାଶନରେ କାର୍ଟୁନ



ସୁନ୍ଦର ଦେଖାଯିବାକୁ ବିଭିନ୍ନ ସମୟରେ ଭିନ୍ନଭିନ୍ନ ପ୍ରିଣ୍ଟ ସମସ୍ତେ ଆପଣାଇଥାଆନ୍ତି । ଏଥିରେ ଫ୍ଲୋରାଲ୍, ଆନିମଲ, ମଲ୍ଟିକଲର ଆଦି ପ୍ରିଣ୍ଟ ରହିଛି । ହେଲେ ବର୍ତ୍ତମାନ ଟ୍ରେଣ୍ଡରେ ରହିଛି କାର୍ଟୁନ ପ୍ରିଣ୍ଟ । ଏହା ବଡ ଠାରୁ ଛୋଟ ସମସ୍ତଙ୍କୁ ଏକ କାଜୁଆଲ ଲୁକ ଦେବାରେ ସକ୍ଷମ । ତେଣୁ ଆପଣ ଏହାକୁ ନିଜ ୱାଡ୍‌ରବରେ ସାମିଲ କରି ଟ୍ରେଣ୍ଡରେ ଆଗରେ ରୁହନ୍ତୁ ।

**ଶାଢ଼ି:** ଯଦି ଆପଣ ସବୁବେଳେ ପାରମ୍ପରିକ ପ୍ରିଣ୍ଟର ଶାଢି ପିନ୍ଧି ବୋର ହେଉଛନ୍ତି ତାହେଲେ କିଛି ସ୍ୱତନ୍ତ୍ର ପ୍ରିଣ୍ଟ ବାଛନ୍ତୁ । ଶାଢିରେ କାର୍ଟୁନ ପ୍ରିଣ୍ଟ ଡିଜାଇନ ଆଜିକାଲି ଟ୍ରେଣ୍ଡରେ ରହିଛି । ଯୁବତୀମାନେ ଏହାକୁ ପିନ୍ଧିବାକୁ ବହୁତ ପସନ୍ଦ କରୁଛନ୍ତି । ଧଳା ଏବଂ କଳାରେ କାର୍ଟୁନ ପ୍ରିଣ୍ଟ ଶାଢି ପିନ୍ଧି ଆପଣ ଫନ୍ ଲୁକ୍ କ୍ରିଏଟ୍ କରିପାରିବେ ।

**ସାର୍ଟ:** ଆପଣ କାଜୁଆଲରେ କାର୍ଟୁନ ପ୍ରିଣ୍ଟର ଷ୍ଟାଇଲ୍ କରିବାକୁ ଚାହୁଁଥିଲେ, ଏହାର ସବୁଠୁ ଭଲ ବିକଳ୍ପ ହେଉଛି କାର୍ଟୁନ ପ୍ରିଣ୍ଟ ଟି-ସାର୍ଟ । ଏହା ବହୁତ କମ୍ଫର୍ଟେବଲ ଏବଂ ୟୁନିକ ଆଉଟଫିଟ୍ ହୋଇଥାଏ । ଏହି ଟି-ସାର୍ଟ ସହ ଆପଣ ଶର୍ଟ୍ସ କିମ୍ବା ଜିନ୍ସ ପେୟାର୍ ଅପ୍ କରିପାରିବେ । ଏହି ଲୁକ୍‌ରେ ହିଲ୍ସ ବହୁତ ଭଲ ମାନିବ । ସ୍ପୋର୍ଟି ଲୁକ୍ ପାଇଁ ସ୍ନିକର୍ସ ମଧ୍ୟ ଷ୍ଟାଇଲ୍ କରିପାରିବେ ।



**ଡ୍ରେସ୍:** ଏହା ସର୍ବଦା ଆପଣଙ୍କୁ ଷ୍ଟାଇଲିସ୍ ଏବଂ ଟ୍ରେଣ୍ଡି ଲୁକ ଦେଇଥାଏ । ପାର୍ଟି କିମ୍ବା ଫଙ୍କସନ୍‌କୁ ଯାଉଥିଲେ କାର୍ଟୁନ ପ୍ରିଣ୍ଟ ଡ୍ରେସ୍ ଆପଣଙ୍କ ଫ୍ୟାଶନରେ ସାମିଲ କରନ୍ତୁ । ଆସେସୋରିଜ୍ ଭାବେ ହ୍ୟାଣ୍ଡବ୍ୟାଗ୍ ଏବଂ ହାଇ ହିଲ୍ ପିନ୍ଧିପାରିବେ ।

**ବ୍ଲେଜର:** ଆଉଟ୍‌ଫିଟ୍‌ରେ ଫ୍ୟାଶନେବୁଲ୍ ଲୁକ୍ ଚାହୁଁଥିଲେ, ବ୍ଲେଜରରେ କାର୍ଟୁନ ପ୍ରିଣ୍ଟ ଚୟନ କରନ୍ତୁ । ଏହି ଷ୍ଟାଇଲ୍ ଜରିଆରେ ଆପଣ ଏକ ଭିନ୍ନ ଲୁକ ପାଇପାରିବେ । ବ୍ଲେଜରକୁ ଆପଣ ସ୍କର୍ଟ, ରିପଡ୍ ଜିନ୍ସ କିମ୍ବା ଡେନିମ ଜିନ୍ସ ସହ ପ୍ଲେନ ଟପ୍ ସହ ପିନ୍ଧିପାରିବେ । ଏଥିରେ ଆପଣ ମିନିମାଲ ଜୁଏଲାରୀ ଭାବେ ଫଙ୍କି ଇୟରରିଙ୍ଗ୍ସ ଏବଂ ଚେନ୍ ପିନ୍ଧନ୍ତୁ ।

## ହରିୟାଲି ପଲଉ

**ସାମଗ୍ରୀ–** ପୋଦିନା ପତ୍ର, ଧନିଆ ପତ୍ର, କଞ୍ଚାଲଙ୍କା, ପାଳଙ୍ଗ, କଟା ପିଆଜ, କଟା ଆଳୁ, ଅଦା କଟା, ବାସୁମତି ଚାଉଳ , ଘିଅ, ଗୋଟା ଗରମ ମସଲା, ଗ୍ରୀନ୍ ମଟର, ଗୋଟିଏ ଫୁଲ କୋବି।

**ପ୍ରଣାଳୀ–** ପ୍ରଥମେ ଭାତକୁ ରାନ୍ଧି ରଖି ଦିଅନ୍ତୁ । ଏହାପରେ ପୋଦିନା, ଧନିଆ,ଲଙ୍କା ଓ ପାଳଙ୍ଗକୁ ମିଶାଇ ବାଟି ନିଅନ୍ତୁ । ମଟରକୁ ସିଝାଇ ରଖନ୍ତୁ । ବର୍ତ୍ତମାନ ଘିଅ ଗରମ କରି ଏଥିରେ ଗୋଟା ଗରମ ମସଲା, ପିଆଜ ଓ କଟା ପରିବା ଓ ମଟର ପକାଇ ଭାଜନ୍ତୁ । ଏହାପରେ ଏଥିରେ ଅଳ୍ପ ପାଣି ଦେଇ ପରିବା ଗୁଡିକୁ ସିଝାନ୍ତୁ । ଏହାପରେ ଏଥିରେ ଲୁଣ ପକାନ୍ତୁ । ପରିବା ଭଲ କରି ଭାଜି ହେବା ପରେ ଏଥିରେ ପୂର୍ବ ରନ୍ଧା ଭାତ ପକାଇ ଗୋଳାନ୍ତୁ । ଅଳ୍ପ ସମୟ ଗୋଳାଇବା ପରେ ପ୍ରସ୍ତୁତ ହୋଇଗଲା ହରିୟାଲି ପଲଉ ।



## ଫେରୁଛନ୍ତି ଦୀପିକା



କଲକୀରେ ଅଭିନୟ ପରେ କିଛିଦିନ ପରେ ଦୀପିକା ପାଦୁକୋନ୍ ବଡ ପରଦାରୁ ଦୂରରେ ରହିଥିଲେ । ମା' ହେବାପରେ ତାଙ୍କୁ ଆଉ ନୂଆ ପ୍ରୋଜେକ୍ଟରେ ଦେଖିବାକୁ ମିଳିନଥିଲା । ତେବେ ତାଙ୍କ ଫ୍ୟାନ୍‌ଙ୍କର ଅପେକ୍ଷା ସରିଛି ଖୁବ ଶୀଘ୍ର ଦୀପିକାଙ୍କୁ ଏକ ନୂଆ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ । ନିକଟରେ ମିଳିଥିବା ସୂଚନା ଅନୁସାରେ ଖୁବଶୀଘ୍ର ଦୀପିକାଙ୍କୁ ପ୍ରଭାସଙ୍କ ସହିତ ତାଙ୍କୁ ନୂଆ ଫିଲ୍ମ ସ୍ପିରିଟ୍‌ରେ ଦେଖିବାକୁ ମିଳିବ । ଏହା ଏକ ଆକସନ୍ ଡ୍ରାମା ଫିଲ୍ମ ହୋଇଥିବାବେଳେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ସନ୍ଦିପ ରେଡି ନେଇଛନ୍ତି । ପ୍ରଥମରୁ ଦୀପିକା ଏଥିପାଇଁ ରାଜି ନଥିଲେ ହେଲେ ପରେ ତାଙ୍କୁ କାହାଣୀ ଖୁବ ଆକର୍ଷିତ ଲାଗିଥିଲା । ତାଙ୍କ ଚରିତ୍ର ତାଙ୍କୁ ଖୁବ ପସନ୍ଦ ଆସିଥିଲା, ଯାହାପରେ ଦୀପିକା ଏହି ଫିଲ୍ମ ପାଇଁ ରାଜି ହୋଇଥିଲେ । ତେବେ କଲକୀ ପରେ ପୁଣି ଏହି ଯୋଡିକୁ ପରଦାରେ ଏକାଠି ଦେଖିବାକୁ ଦର୍ଶକ ଖୁବ ଉତ୍କଣ୍ଠା ପ୍ରକାଶ କରିଛନ୍ତି ।



ନିଟ୍ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଭିଡ଼

# ଶିଘ୍ର ନିର୍ମାଣ ହେବ ସର୍ଭିସ ରୋଡ ଓ ଡ୍ରେନ

ଭୁବନେଶ୍ୱର (ସବ୍ୟୁ): ବୀର ସୁରେନ୍ଦ୍ର ସାଏ ନଗରରେ ନିର୍ମାଣ ଚାଲିଥିବା ରେଳ ଓଭରବ୍ରିଜର ୨୦୨୫ ରିଖ ଦିନ ବିଭାଗୀୟ ଅଧିକାରୀ ମାନେ ଠିକାଦାରଙ୍କ ସହିତ ଆଲୋଚନା କରି ବର୍ଷା ଠିକକାଦରଙ୍କ ସହିତ ବହୁ ଅଧିକାରୀ ଭି ଏସ୍ ଏସ୍ ନଗର ରାସ୍ତାର ଦୁରାବସ୍ଥା ପରିଦର୍ଶନ କରି



ମନ୍ଥରଗତି ଦେଖି ଭି ଏସ୍ ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଗତ ୨୮-୦୪-୨୦୨୫ ରିଖ ଦିନ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ସହିତ ଆଲୋଚନା ପରେ ଅତି ଶିଘ୍ର ସରଭିସ୍ ରୋଡ ଓ ଡ୍ରେନ ନିର୍ମାଣ ହେବ ବୋଲି ପ୍ରତିଶୃତି ଦେଇଛନ୍ତି । କେବଳ ପ୍ରତିଶୃତି ଦେଇ ରହି ଯାଇ ନାହାଁନ୍ତି । ଗତ ତା- ୦୨-୦୫-ଆସିବା ପୂର୍ବରୁ କିପରି ସରଭିସ୍ ରୋଡ ଓ ଡ୍ରେନ ନିର୍ମାଣ କାମ ଶେଷ ହେବ ସେଥି ପାଇଁ ଯୋଜନା କରିଛନ୍ତି । ଏହା ସହିତ ଗତ ତା-୦୩-୦୫-୨୦୨୫ ରିଖ ଦିନ ଦାୟୀତ୍ୱରେ ଥିବା ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ ଇଂ ଦୁର୍ଗାଚରଣ ବେହେରା, ସୁପରିଟେଣ୍ଡେଟ ଇଞ୍ଜିନିୟର ଇଂ.ସୁନ୍ଦର ମାଧବ ପାଢୀ, ଜେଇ ଇଂ ବିମଳ ଦାଶ ଓ ଯିବା ସହିତ ଯୁଦ୍ଧକାଳୀନ ଭିତିରେ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ଉନ୍ନୟନ ପରିଷଦ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ନେତୃତ୍ୱରେ ଯୁଗ୍ମ-ସମ୍ପାଦକ ନିମାଇଁ ଚରଣ ଦାସ, ଚିନ୍ତାମଣି ବାରିକ ଓ ଶଶି ଭୂଷଣ ଦାସ ପ୍ରମୁଖ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ଏବେର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ ।

### ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ମାମଲା

# ରାଜା ଚକ୍ର କ୍ରସର, ଷ୍ଟକ୍‌ୟାର୍ଡରେ ଏସ୍‌ଟିଏଫ୍- ଇଓଡବ୍ଲ୍ୟୁର ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ମାଲିକ ରାଜା ଚକ୍ର ଗିରଫ ହୋଇ ଜେଲ୍‌ରେ ଥିବା ବେଳେ ରବିବାର ତା କ୍ରସର ଓ ଷ୍ଟକ୍‌ୟାର୍ଡରେ ଏସ୍‌ଟିଏଫ୍ -ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା) ପକ୍ଷରୁ ଚଢାଉ କରାଯାଇଛି। ରାଜା ଚକ୍ରର ସମ୍ପତ୍ତି ଆଟାଚ୍ ପାଇଁ ପ୍ରକ୍ରିୟା ଆରମ୍ଭ ହେଲାଣି। ରବିବାର ତାର ଜମି ପ୍ରଭୃତି ମାପଚୁପ ହୋଇଥିବା ସୂଚନା ମିଳିଛି।

ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ବେଆଇନ୍ କାମ ହେଉଥିବା ଅଭିଯୋଗରେ ଏସ୍‌ଟିଏଫ୍ ଓ ଇଓଡବ୍ଲ୍ୟୁ ପକ୍ଷରୁ ବାରମ୍ବାର ଚଢାଉ କରାଯିବା ପରେ ବେଆଇନ୍ ସମ୍ପତ୍ତି ସେ ଠୁଳ କରିଥିବା ଜଣାପଡିଥିଲା। ଆଇନ୍ ଅନୁଯାୟୀ ରାଜା ଚକ୍ରକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତାହା ଅଧିନରେ ଥିବା ପ୍ରାୟ ୪୦ ଟ୍ରକ୍ ଜବତ ହେବା ସହ କେତେକ ଘର ଓ ଜମି ଠାବ ହୋଇଥିଲା। ବେଆଇନ୍ ସମ୍ପତ୍ତି ବାଜ୍ୟାପ୍ତ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ରବିବାର ଏସ୍‌ଟିଏଫ୍ - ଇଓଡବ୍ଲ୍ୟୁ ଚଢାଉ କରି କ୍ରସର ଓ ଡମ୍ପିଂୟାର୍ଡରୁ ବହୁ ତଥ୍ୟ ହାସଲ କରିଛି। ସେଠାରୁ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ ହୋଇଥିବା ସୂଚନା ମିଳିଛି। ବେଆଇନ୍ ସମ୍ପତ୍ତି ସମ୍ପର୍କୀୟ କାଗଜ ମଧ୍ୟ ଜବତ କରାଯାଇଥିବା ଜଣେ ଅଫିସର କହିଛନ୍ତି।

### ମିଟ୍ ଇନ ଇଣ୍ଡିଆ କନକ୍ଲେଭରେ ଓଡିଶା ପର୍ଯ୍ୟଟନ

# ପର୍ଯ୍ୟଟନ ବିକାଶ ପାଇଁ ସରକାରଙ୍କ ଉଦ୍ୟମକୁ ପ୍ରଂଶସା କଲେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ରାଜସ୍ଥାନ ରାଜଧାନୀ ଜୟପୁରରେ ମିଟ ଇନ ଇଣ୍ଡିଆ କନକ୍ଲେଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ତରଫରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ସହ ଓଡିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଓ ବିଭାଗୀୟ ଅନ୍ୟ ଅଧିକାରୀବୃନ୍ଦ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶାରେ ପର୍ଯ୍ୟଟନର ବିକାଶ ପାଇଁ ବର୍ତ୍ତମାନ ସରକାରଙ୍କ ପ୍ରୟାସକୁ ଭୂୟସୀ ପ୍ରଂଶସା କରିଥିଲେ । ଓଡିଶାର ପର୍ଯ୍ୟଟନ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ୟ ସମସ୍ତ ରାଜ୍ୟ ପାଇଁ ଅନୁକରଣୀୟ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜସ୍ଥାନ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଦିବ୍ୟା କୁମାରୀ ମଧ ଉପସ୍ଥିତ ଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଓଡିଶା ପର୍ଯ୍ୟଟନର ସମ୍ଭାବ୍ୟ ବିକାଶ ଓ ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡିଶାରେ ମାଇସ ଟୁରିଜିମର ସମ୍ଭାବ୍ୟ ବିକାଶ ବିଷୟରେ ବିଶିଷ୍ଟ ନିବେଶକମାନଙ୍କ ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଲୋଚନା କରିଥିଲେ ।




# ରାମକୃଷ୍ଣ ଦାସମହାପାତ୍ରଙ୍କ ବିରୁଦ୍ଧରେ ସିଂହଦ୍ୱାର ଥାନାରେ ଏତଲା

ପୁରୀ (ସବ୍ୟୁ): କୋଲକାତା ଦୀଘାରେ ପ୍ରତିଷ୍ଠା ହୋଇ ଥିବା ନୂତନ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦାରୁ କାଠ ବ୍ୟବହାରକୁ ନେଇ ଜଗନ୍ନାଥ ସେନା ପକ୍ଷରୁ ରବିବାର ପୂର୍ବାହ୍ନରେ ଶ୍ରୀମନ୍ଦିର ମୂଖ୍ୟ ପ୍ରଶାସକ ଓ ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାଶମହାପାତ୍ରଙ୍କ ବିରୁଦ୍ଧରେ ସିଂହଦ୍ୱାର ଥାନାରେ ଏତଲା ପ୍ରଦାନ କରାଯାଇଛି । ଶ୍ରୀମନ୍ଦିରରୁ କିପରି ମହାପ୍ରଭୁଙ୍କ ଦାରୁ କାଠ ବାହାରକୁ ଗଲା ଏବଂ ଦଇତାପତି ସେବାୟତ କାହିଁକି ମହାପ୍ରଭୁଙ୍କ ଦାରୁକୁ ପଶ୍ଚିମବଙ୍ଗରେ ସ୍ଥାପନ କଲେ ତାହାକୁ ବିରୋଧ କରି ଜଗନ୍ନାଥ ସେନା ପକ୍ଷରୁ ସିଂହଦ୍ୱାର ଥାନାରେ ଏହି ଏତଲା ପ୍ରଦାନ କରାଯାଇଛି । ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଜଗନ୍ନାଥ ସେନା । ନବକଳେବର ସମୟରେ ମହାପ୍ରଭୁଙ୍କ ବିଗ୍ରହ ନିର୍ମାଣ ସମୟରେ ବଳକା ରହି ଥିବା ଦାରୁକୁ ପଶ୍ଚିମବଙ୍ଗକୁ ପଠାଇବା ଏହା ଦୁର୍ଭାଗ୍ୟଜନକ ଘଟଣା ବୋଲି କହିଛନ୍ତି ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ । ସେହିପରି ଦିଘାକୁ ଜଗନ୍ନାଥ ଧାମ ବୋଲି କୁହାଯାଉଥିବା ନେଇ ଆପତ୍ତି ଉଠାଇବା ସହ ଏହାକୁ ତୁରନ୍ତ ପରିବର୍ତନ କରିବା ଲାଗି ଦାବି କରିଛି ଜଗନ୍ନାଥ ସେନା ।

# ଅନଲାଇନ୍ ଟ୍ରେଡିଂ ନାଁରେ ୭୮ଲକ୍ଷ ଠକେଇ : ୬ଗିରଫ

କଟକ,(ସବ୍ୟୁ): ଟେଲିଗ୍ରାମ୍ ଗ୍ରୁପ୍ରେ ଜଣେ ବ୍ୟବସାୟୀଙ୍କୁ 'କ୍ରିପ୍ଟୋ କରେନ୍ସି'ରେ ନିବେଶ କରାଇବା ନାଁରେ ୭୮ ଲକ୍ଷ ଟଙ୍କା ଠକିନେବା ଘଟଣାରେ କଟକ ସାଇବର ଥାନା ପୁଲିସକୁ ଏକ ବଡ଼ ସଫଳତା ମିଳିଛି । ସାଇବର ଥାନା ପୁଲିସର ସ୍ପେଶାଲ୍ ସ୍କ୍ୱାଡ୍ ଏକ ନକଲି ଟ୍ରେଡିଂ ର୍ୟାକେଟ୍‌ର ପର୍ଦ୍ଦାଫାସ କରିଛି । କଟକ ସହରର ଜଣେ ବ୍ୟବସାୟୀଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ୭୮ଲକ୍ଷ ଟଙ୍କା ଅଭିଯୁକ୍ତମାନେ ଠକି ନେଇଥିଲେ । ବ୍ୟବସାୟୀଙ୍କ ଏତଲାକ୍ରମେ ସାଇବର ଥାନା ପୁଲିସ ଘଟଣାର ତଦନ୍ତ କରି ବାଲାଙ୍ଗିର ପୁଲିସ ସହାୟତାରେ ୬ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଉଛନ୍ତି, ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ଅନ୍ତର୍ଗତ ବିଜୟ କୁମାର ମେହେର୍(୨୮), ବିଶ୍ୱମ୍ଭର ଖରଶେଲ୍(୨୭) ଏବଂ ପାଟଣାଗଡ଼ ଥାନା ଅନ୍ତର୍ଗତ ରାଜେଶ ତାଣ୍ଡି(୨୦), ଅନିଲ୍ ନାଏକ(୨୧),ସୀତାରାମ ମେହେର(୧୯) ଓ ଦୀପକ ଦେହୁରୀ(୨୪) । ଏମାନଙ୍କ ଠାରୁ ୭ଟି ମୋବାଇଲ୍ ଫୋନ୍, ୧୬ଟି ଏଟିଏମ୍ କାର୍ଡ, ୧୫ଟି ବ୍ୟାଙ୍କ ପାସ୍ବୁକ୍, ୪ଟି ଚେକ୍ ବହି ଓ ୩ଟି ସିମ୍‌କାର୍ଡ ଜବତ କରାଯାଇଛି । ଏଥି ସହିତ ନଗଦ ୪ଲକ୍ଷ ୩୦ହଜାର ଟଙ୍କା ଜବତ କରାଯାଇଥିବା ବେଳେ ବିଭିନ୍ନ ବ୍ୟାଙ୍କ ଖାତାରେ ଜମା ଥିବା ୭ଲକ୍ଷ ୩୮ହଜାର ଟଙ୍କାକୁ ଫ୍ରିଜ୍ କରାଯାଇଛି । ୬୬ଟି ଡେବିଟ୍ କାର୍ଡକୁ ପୁଲିସ ଅଚଳ କରିବା ସହିତ ଏହି କାରବାର ସମ୍ପର୍କିତ ବିଭିନ୍ନ ନକଲି ଷ୍ଟାମ୍ପ୍ ପେପର୍ ଓ କାଗଜପତ୍ରକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି । ରବିବାର ୬ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି । ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ସାଇବର ଥାନା ପୁଲିସ ରିମାଣ୍ଡରେ ଆଣିବ ବୋଲି ସୂଚନା ଦେଇଛି । ଅନ୍ୟପଟେ ଏହି କାରବାରର ମୁଖ୍ୟ ଅଭିଯୁକ୍ତ ଫେରାର୍ ହୋଇଯାଇଛି । ତାକୁ ଗିରଫ କରିବାକୁ ପୁଲିସ ରାଜ୍ୟ ବାହାରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି ।

ପୁଲିସ ସୂଚନା ଅନୁଯାୟୀ, ଗତ ମାସ ୨୪ ତାରିଖରେ ସାଇବର ଥାନାରେ ଏହି ଠକେଇ ସମ୍ପର୍କରେ ଏକ ଏତଲା ପଞ୍ଜିକୃତ ହୋଇଥିଲା । ଠକେଇର ଶିକାର ହୋଇଥିବା ବ୍ୟବସାୟୀ ଜଣକ ନିଜ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଥିଲେ ଯେ, ସ୍ୱିଡେସ୍କ-ଗ୍ଲୋବାଲ୍ ଲିମିଟେଡ୍ କମ୍ପାନୀ ପକ୍ଷରୁ ଏକ ବିଜ୍ଞାପନ ସେ ସୋସିଆଲ୍ ମିଡିଆରେ ଦେଖିବାକୁ ପାଇଥିଲେ । ଉକ୍ତ ବିଜ୍ଞାପନରେ ଆକର୍ଷଣୀୟ ଅନଲାଇନ୍ ଟ୍ରେଡିଂ(କ୍ରିପ୍ଟୋ କରେନ୍ସି)ସମ୍ପର୍କରେ ସୂଚନା ଦିଆଯାଇଥିଲା । ଖୁବ୍ କମ୍ ସମୟରେ ଟଙ୍କା ଦ୍ୱିଗୁଣିତ ହେବା ସହିତ ଅନେକ ଲୋଭନୀୟ ତଥ୍ୟ ପ୍ରଦାନ କରାଯାଇଥିଲା । ଏପରିକି ଷ୍ଟକ୍ ମାର୍କେଟରେ ପୁଞ୍ଜି ନିବେଶ ହେଉଥିବା କୁହାଯାଇଥିଲା । ଏହାକୁ ଦେଖିବା ପରେ ଅଭିଯୋଗକାରୀ ଏଥିରେ ପୁଞ୍ଜି ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସମ୍ପୃକ୍ତ ବ୍ୟବସାୟୀ ଜଣକ ଏକ ଫୋନ୍ ନମ୍ବରରେ ଯୋଗଯୋଗ କରି ଅନ୍ଲାଇନ୍ ଟ୍ରେଡିଂ ଆରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୧୨ଲକ୍ଷ ଟଙ୍କା ଦେଇଥିଲେ । ଏହାପରେ ବିଭିନ୍ନ ପର୍ଯ୍ୟାୟରେ ୧୦ହଜାର, ୧୦ଲକ୍ଷ, ୨୦ଲକ୍ଷ, ୨୧ଲକ୍ଷ, ୧୦ଲକ୍ଷ ଏବଂ ୫ଲକ୍ଷ ମିଶାଇ ସମୁଦାୟ ୭୮ଲକ୍ଷ ଟଙ୍କା ଦେଇ ଦେଇଥିଲେ । ଏସବୁ କାରବାର କୋଟାକ୍ ମେହନ୍ଦ୍ରା, ଆକ୍ସିସ୍ ବ୍ୟାଙ୍କ୍, ବନ୍ଧନ ବ୍ୟାଙ୍କ୍, ଆଇଡିଏଫ୍ସି ବ୍ୟାଙ୍କ୍ ଏବଂ ଡିବିଏସ୍ ବ୍ୟାଙ୍କରେ ଥିବା ଖାତା ଗୁଡ଼ିକରୁ ପଠାଯାଇଥିଲା । ଏହାପରେ ଅଭିଯୋଗକାରୀଙ୍କୁ କୌଣସି ଟ୍ରେଡିଂ ସମ୍ପର୍କିତ କାଗଜପତ୍ର ମିଳିନଥିଲା । ଟଙ୍କା ନେବା ପରେ ସ୍ୱିଡେସ୍କ-ଗ୍ଲୋବାଲ୍ ଲିମିଟେଡ୍ କମ୍ପାନୀ ପକ୍ଷରୁ କୌଣସି ଯୋଗଯୋଗ କରାଯାଇନଥିଲା । ସମ୍ପୃକ୍ତ ଫୋନ୍ ନମ୍ବର ବି ବନ୍ଦ ହୋଇଯାଇଥିଲା । ହ୍ୱାଟ୍ସ୍ ଆପ୍ ନମ୍ବର ଅଚଳ ହୋଇଯାଇଥିଲା । ସମ୍ପୃକ୍ତ ୱେବସାଇଟ୍ ବିବନ୍ଦ ହେବା ସହିତ ଟେଲିଗ୍ରାମ୍ ଆଇଡି ଅଚଳ ହୋଇଯାଇଥିଲା । ଏହାପରେ ଉକ୍ତ ବ୍ୟବସାୟୀ ଜଣକ ଠକାମୀର ଶିକାର ହୋଇଥିବା ହୃଦୟଙ୍ଗମ କରିଥିଲେ ।

### କ୍ୟାମ୍ପ କୋର୍ଟରେ ଅପିଲ୍ ମାମଲାର ସମାଧାନ

# ଦିନକରେ ୨୦୦ ମାମଲାର ଫଇସଲା

ଭୁବନେଶ୍ୱର(ସବ୍ୟୁ): ନାଗରିକ-କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଆଜି ଭୁବନେଶ୍ୱରର ଉନ୍ନତି ଭବନରେ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନାଗରିକ କେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଓଡିଏ) ଆଇନ ୧୯୮୨ ଅନୁଯାୟୀ ଦାୟର ଅପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ଓଡିଏ) ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ସହ ଜଡିତ



ଅପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଅପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧକ୍ଷତା କରିଥିଲେ । ୮୦୦ ରୁ ଅଧିକ ବିଚାରାଧୀନ ଅପିଲ୍ ମାମଲା ମଧ୍ୟରୁ ଦିନବ୍ୟାପୀ ଅଧିବେଶନରେ ମୋଟ ୨୦୦ ମାମଲା ଗ୍ରହଣ ଏବଂ ଫଇସଲା କରାଯାଇଥିଲା । ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ ।

ସମ୍ପ୍ରତି ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ପୌର ପ୍ରଶାସନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ ଏବଂ ଅତିରିକ୍ତ ସଚିବଙ୍କ ସମେତ ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି । ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହିତ ସଙ୍ଗତ ନୁହେଁ । କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି । ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି ।

# ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ସଫଳତାର ସହ ହେଲା ଜଟିଳ ଅସ୍ତ୍ରପ୍ରଚାର

ଭୁବନେଶ୍ୱର, (ସବ୍ୟୁ): ନିଶ୍ଚିତ ମୃତ୍ୟୁ ମୁହଁରୁ ଯୁବକଙ୍କୁ ଫେରାଇ ଆଣିଲେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଡାକ୍ତରୀ ଟିମ୍ । ବ୍ରହ୍ମପୁର ସହରର ୨୭ ବର୍ଷୀୟ ଯୁବକ ରୋଜଗାର ଆଶାରେ ସୁଦୁର କତାର୍ ଯାଇଥିଲେ । ସ୍ୱପ୍ନ ଥିଲା ପରିଶ୍ରମ କରି କିଛି ଅର୍ଥ ରୋଜଗାର କରି ଗାଁରେ ଥିବା ବାପା ମାଆ ଓ ପରିବାର ଲୋକଙ୍କୁ ଏକ ଭଲ ଜୀବନ ଦେବା । ହେଲେ ତାଙ୍କର ସବୁ ସ୍ୱପ୍ନ, ସ୍ୱପ୍ନରେ ହିଁ ରହିଗଲା । କତାର୍ ସହର ଖାଦ୍ୟପେୟ ଓ



ଜୀବନଶୈଳୀ କାରଣରୁ ମାତ୍ର ୯୦ ଦିନ ମଧ୍ୟରେ ତାଙ୍କ ଦେହ ଖରାପ ହେବାକୁ ଲାଗିଲା । ଗୁରୁତ୍ୱର ଅବସ୍ଥାରେ ତାଙ୍କୁ କତାର ସହରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ ନେକ୍ରୋଟାଇଜିଂ ପ୍ୟାନକ୍ରିଆଟାଇଟିସ୍ ଭଳି ଏକ ଘାତକ ରୋଗ ଚିହ୍ନଟ ହୋଇଥିଲା ଯେଉଥିରେ ତାଙ୍କ ପ୍ୟାନକ୍ରିଆସ୍‌ର ତନ୍ତୁ ଗୁଡିକ ନଷ୍ଟ ହୋଇଥାଇଥିଲା । ଯାହା ଫଳରେ ୩ ମାସ ପର୍ଯ୍ୟନ୍ତ ସେ କୋମାରେ ରହିଥିଲେ । ତାଙ୍କ ଜୀବନ ରକ୍ଷା କରିବା ପାଇଁ ଡାକ୍ତରମାନେ ତାଙ୍କ ପ୍ୟାନକ୍ରିଆସ୍ ଓ କୋଲନ୍ର କିଛି ଅଂଶ କାଟିବାକୁ ପଡିଥିଲା । ଓଡିଶା ଫେରିବା ପରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଜି.ଆଇ. ଏବଂ ଏଚ୍.ପି.ବି. ସର୍ଜନ ହ ଡାକ୍ତର ଜ୍ୟୋତିମୟ ଜେନା ତାଙ୍କ ପରୀକ୍ଷା କରିବା ପରେ ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ । ଡାକ୍ତର ଜ୍ୟୋତିମୟ ଜେନା ଏବଂ ତାଙ୍କ ଟିମ୍ ସମସ୍ତ ପ୍ରକାର ପରୀକ୍ଷା ପରେ ଗୋଟିଏ ସର୍ଜରୀ ପାଇଁ ପ୍ଲାନ୍ କଲେ । ଡାକ୍ତର ଜ୍ୟୋତିମୟ ମତରେ, ଏହି ଯୁବକଙ୍କର ସ୍ୱାସ୍ଥ୍ୟବସ୍ଥା ଅଧିକ ଜଟିଳ ଥିଲା ବିଭିନ୍ନ କ୍ଷେତ୍ରେ ତାଙ୍କର ଛୋଟ ବଡ ଅପରେସନ୍ ହୋଇଥିଲା ଯାହା ଫଳରେ ତାଙ୍କ ପ୍ୟାନ୍‌କ୍ରିଆସ୍ ଓ ଅନ୍ୟାନ୍ୟ ଅଙ୍ଗ ଗୁଡିକ କାମ କରିବା ଆରମ୍ଭ କରିଥିଲା । ଧିରେ ଧୀରେ ସେ ସୁସ୍ଥ୍ୟ ଅନୁଭବ କଲେ ଏବଂ ଏକ ବିପଦ ମୁକ୍ତ ଜୀବନ ଅତିବାହିତ କରୁଛନ୍ତି ।

### ଡାକ୍ତର ଜଗନ୍ନାଥ ଦାସଙ୍କ ଚତୁର୍ଦ୍ଦଶତମ ପୁଣ୍ୟତିଥି

# କଟକ ବଡ଼ଡାକ୍ତରଖାନା ଆନାଟୋମି ବିଭାଗରେ ଶ୍ରଦ୍ଧାଞ୍ଜଳି

କଟକ, (ସ୍ୱପ୍ର) : ରାଜ୍ୟର ପ୍ରଥମ ଅଙ୍ଗଦାତା ତଥା ପ୍ରାକ୍ ସ୍ୱାଧୀନତାକାଳରେ ଡାକ୍ତରୀ ପାଶ୍ କରିଥିବା ବିଶିଷ୍ଟ ଜନସେବୀ ଶତାୟୁ ଡାକ୍ତର ଜଗନ୍ନାଥ ଦାସଙ୍କ ଚତୁର୍ଦ୍ଦଶତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଛି । ବଡ଼ଚଣାର ପୂର୍ବତନ ବିଧାୟକ ଡାକ୍ତର ଦାସ ନିଜ ଶରୀର ଦାନ କରିଥିବା କଟକ ବଡ଼ଡାକ୍ତରଖାନାର ଶରୀରତତ୍ତ୍ୱ ବିଭାଗ ସଂଗ୍ରହାଳୟ ଠାରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଶରୀରତତ୍ତ୍ୱ ବିଭାଗର ସଂଗ୍ରହାଳୟଠାରେ ଥିବା ଡାକ୍ତର ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ରାଜ୍ୟସ୍ତରୀୟ ଡାକ୍ତର ଜଗନ୍ନାଥ ଦାସ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଂପାଦକ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, କଟକ ବଡ଼ ଡାକ୍ତରଖାନା ଶରୀରତତ୍ତ୍ୱ ବିଭାଗର ପ୍ରଫେସର ରାଜଶ୍ରୀ ବିଶ୍ୱାଳ, ଡାକ୍ତର ମାର୍କଣ୍ଡେୟ ଆଚାର୍ଯ୍ୟ, ଡାକ୍ତର ପ୍ରତୀକ୍ଷା ଶତପଥୀ, ଡାକ୍ତର ବିପୁଲ ସାହୁ, ଡାକ୍ତର ଜ୍ୟୋତିପ୍ରଭା ପାଲ, ଡାକ୍ତର ସୁଜିତ କୁମାର ପାତ୍ର, ଡାକ୍ତର ଲିପି ମୁର୍ମୁ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟଦ ସଂଗଠନର



ସାଧାରଣ ସଂପାଦକ ବିଜୟ କୁମାର ତ୍ରିପାଠୀ, ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ସର୍ବସେବା ସଂଘର ରାଷ୍ଟ୍ରୀୟ ସଂପାଦକ ଡ. ବିଶ୍ୱଜିତ, ସ୍ମୃତି ସଂସଦର ସଭାପତି ତଥା ଡାକ୍ତର ଦାସଙ୍କ ଜ୍ୟେଷ୍ଠାକନ୍ୟା ଜୟଶ୍ରୀ ବିଜୟଲକ୍ଷ୍ମୀ ମହାନ୍ତି, ରାଷ୍ଟ୍ରୀୟ ଯୁବା ସଂଗଠନର ସଂପାଦକ ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ମୃତି ସଂସଦର ସମ୍ପାଦକ ସାମ୍ବାର୍ଦ୍ଦିକ ଶୁଭେନ୍ଦୁ କୁମାର ଭୂୟାଁ ଓ କୋଷାଧ୍ୟକ୍ଷ ଅମ୍ବିକା ପ୍ରସାଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଦାସଙ୍କ କନ୍ୟା ସୁରଶ୍ରୀ ସରୋଜିନୀ ଦାସ, ସୁଖଲତା ଦାସ, ବେଦଶ୍ରୀ ମମତା ଦାସ, ଅମୂଲ୍ୟ କୁମାର ଦାସ, ରାଜକିଶୋର ସାମଲ, ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ପ୍ରଶାନ୍ତ ଦାସ, କବୀର ଜେନା ଓ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

# ବେନେଲି, କିୱେ, ମୋଟୋ ଭଲ୍ଟ ପକ୍ଷରୁ ଭୁବନେଶ୍ୱରରେ ନୂଆ ଡିଲରସିପ

ଭୁବନେଶ୍ୱର, (ସବ୍ୟୁ): ବେନେଲି, କୀୱେ, ମୋଟୋ ଭଲ୍ଟ ଇଣ୍ଡିଆ, ଉନ୍ନତ ଉପଲବ୍ଧତା ଓ ପ୍ରିମିୟମ ଗ୍ରାହକ ସେବା ପ୍ରଦାନ କରିବା ପାଇଁ ଏହାର ଭୁବନେଶ୍ୱର ଡିଲରସିପକୁ ଏକ ନୂଆ ରଣନୈତିକ ସହଯୋଗୀ- ଶ୍ରୀ ମୋଟର୍ସକୁ ପୁନଃଆବଂଟିତ କରିଥିବା ସମ୍ପର୍କରେ ଘୋଷଣା କରିଛି। ନୂଆ କରି ଲଂଚ ହୋଇଥିବା ଏହି ଡିଲରସିପ ଭୁବନେଶ୍ୱର ଖାରବେଳ ନଗର ଶୁଭମ ମାର୍କେଟ ନିକଟରେ ଖୋର୍ଦ୍ଧା ଜନପଥ ରୋଡ ରାମ ମନ୍ଦିର ଛକରେ ଅବସ୍ଥିତ ରହିଛି ଏବଂ ଖାରବେଳ ନଗରରେ ଏହାର ସର୍ଭିସ ସେଣ୍ଟର ରହିଛି । ଶ୍ରୀ ମୋଟର୍ସର ଡିଲର ଅଧ୍ୟକ୍ଷ ଅଭିଷେକ ଦାସ ଏହି ସହଭାଗିତାକୁ ଏକ ଗ୍ରାହକ-ପ୍ରଥମ ଦୃଷ୍ଟିକୋଣ ଆଣିଛନ୍ତି, ଯାହା ବେନେଲି,କୀୱେ, ମୋଟୋ ଭଲ୍ଟର ବିଶ୍ୱସ୍ତରୀୟ ବିକ୍ରି ଓ ସେବା ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟ ସହ ଜଡିତ ରହିଛି।



## ୟୁସୁଫଙ୍କ ଚିଠିକୁ ନେଇ ତେଜିଲା ରାଜନୀତି

# ଓଡ଼ିଶା କେବେବି ଅସୁରକ୍ଷିତ ସ୍ଥାନ ନୁହେଁ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ୟୁସୁଫ ପଠାନଙ୍କ ଚିଠି ପରେ ଦୃଢ ଜବାବ ରଖିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ନିଜ ସଂସଦୀୟ କ୍ଷେତ୍ର ମୁର୍ଶିଦାବାଦ, ବରହମପୁର ଏବଂ ଅନ୍ୟ ଜିଲ୍ଲାରୁ ଓଡ଼ିଶା ଆସିଥିବା ଶ୍ରମିକଙ୍କୁ ସେଠାରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରି କେନ୍ଦ୍ର ଗୃହ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ୟୁସୁଫ ।

ଓଡ଼ିଶାରେ ପଶ୍ଚିମବଙ୍ଗ ଶ୍ରମିକଙ୍କୁ ନିର୍ଯାତନା ନେଇ ତୃଣମୂଳ କଂଗ୍ରେସ ସାଂସଦ ୟୁସୁଫ ପଠାନଙ୍କ କେନ୍ଦ୍ରକୁ ଚିଠି ପରେ ପ୍ରତିକ୍ରିୟା ରଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, 'ଓଡ଼ିଶା ଉପରେ ସାମାନ୍ୟତମ ଜ୍ଞାନ ନଥିବା ଜଣେ ବ୍ୟକ୍ତି ଏଭଳି ମନ୍ତବ୍ୟ ରଖିଛନ୍ତି । ଓଡ଼ିଶାକୁ ପେଟପାଟଣା ପାଇଁ ଆସୁଥିବା ବାହାର ରାଜ୍ୟର ଲୋକଙ୍କ ପାଇଁ ଓଡ଼ିଶା କେବେବି ଏକ ଅସୁରକ୍ଷିତ ସ୍ଥାନ ନୁହେଁ । ଓଡ଼ିଶା ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କୁ ଶରଣ ଏବଂ ରୋଜଗାର ଦେଇଛି । କେବେ ଇତିହାସରେ ଓଡ଼ିଶା କାହା ପାଇଁ ଅସୁରକ୍ଷିତ ଅଭିଯୋଗ ଆସିନାହିଁ । ପ୍ରଥମ ଥର ଓଡ଼ିଶା ଉପରେ ସାମାନ୍ୟ ଜ୍ଞାନ ନଥିବା ଲୋକ ଏ ଅଭିଯୋଗ ଆଣିଛନ୍ତି ।



ୟୁସୁବ ପଠାନ କ୍ରିକେଟରେ ମନ ଦେଇଥିଲେ ମଙ୍ଗଳ ହେଇଥାନ୍ତା । ଦେଶର ମଙ୍ଗଳ ହୁଅନ୍ତା । ଅଧିକ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି । କ୍ରିକେଟ ଛାଡ଼ିଲେ ଅନ୍ୟ କୌଣସି ବିଷୟରେ ତାଙ୍କର ଜ୍ଞାନ ନାହିଁ । ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ମୁହଁ ଖୋଲିଲେ ଭଲ ହୁଅନ୍ତା । ଯଦି ବାଂଲାଦେଶୀଙ୍କ କଥା କହୁଛନ୍ତି, ସେମାନେ ଅନୁପ୍ରବେଶକାରୀ । ଆଇନ ଉଲ୍ଲଂଘନ କରି ଆସିଛନ୍ତି । ବିନା ଭିସାରେ ଆସିବା ଅପରାଧ । ଚିକିତ୍ସା ପାଇଁ ଟେମ୍ପରାରି ଭିସା ନେଇ ଆସିବ । ଆଇନ ଉଲ୍ଲଂଘନ କରି ଏମାନେ ବେଙ୍ଗଲକୁ ମଧ୍ୟ ଆସୁଛନ୍ତି । ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, 'ମୁର୍ଶିଦାବାଦ ହିଂସାକୁ ନେଇ ପଶ୍ଚିମବଙ୍ଗ ପୋଲିସ ପହଞ୍ଚିଥିଲେ । ଅପରାଧରେ ସଂଶ୍ଳିଷ୍ଟ ବ୍ୟକ୍ତି ମୋ ନିର୍ବାଚନମଣ୍ଡଳୀରେ ଲୁଚିଥିବା ପ୍ରମାଣ ନେଇ ଆସିଥିଲେ । ଝାରସୁଗୁଡ଼ା ପୋଲିସ ସାହାଯ୍ୟରେ ମୋ ନିର୍ବାଚନ ମଣ୍ଡଳୀରୁ ୧୦ ଜଣ ଅପରାଧୀ ଠାବ ହେଇଥିଲେ । ସେମାନେ ଏଠିକି ଲୁଚିବାକୁ ଆସିଥିଲେ । ଏଇଟା ଅପରାଧୀଙ୍କ ପାଇଁ ଆଶ୍ରୟ ସ୍ଥଳ ନୁହେଁ । ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ । ବାହାର ଦେଶ ହେଉ କି ବାହାର ରାଜ୍ୟର ଲୋକଙ୍କୁ ଦେଶ ଓ ଆମ ରାଜ୍ୟ କୋଳାଇଛି । ଏଥିପାଇଁ ଅନେକ ମୂଲ୍ୟ ମଧ୍ୟ ବହୁତ ସମୟରେ ଦେଇଛୁ ।



ପହଲଗାମ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କର ଅମର ଆତ୍ମାର ସଦ୍ ଗତି ନିମନ୍ତେ ଗୌତମନଗର ଉନ୍ନୟନ ପରିଷଦର ସଭ୍ୟମାନଙ୍କ ପକ୍ଷରୁ ଭଗବାନଙ୍କ ନିକଟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ଆତଙ୍କବାଦୀମାନଙ୍କର ଏହି ବର୍ବରତାର ମୁକାବିଲା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଦୃଢ ଭାବରେ ସମର୍ଥନ କରାଯାଇ ପ୍ରସ୍ତାବ ଗୃହିତ ହୋଇଥିଲା ।

## ଦୁଇ ଅତିରିକ୍ତ ତହସିଲଦାର ନିଲମ୍ବିତ

# ପାର୍ଟ ପ୍ଲଟ ପଞ୍ଜିକରଣରେ ୪୦୦ଙ୍କୁ କାରଣ ଦର୍ଶାଅ

ଭୁବନେଶ୍ୱର(ସବ୍ୟୁ): ବିଭାଗୀୟ ଅଧିକାରୀଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ କଡ଼ା ଚେତାବନୀ । ଆଇନ ବାହାରେ କାମ କଲେ, ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ । ବେଆଇନ କାର୍ଯ୍ୟକଳାପ ଲାଗି ଗତକାଲି ଭୁବନେଶ୍ୱରର ଦୁଇ ଅତିରିକ୍ତ ତହସିଲଦାରଙ୍କୁ ନିଲମ୍ବିତ କରାଯାଇଛି । ଏହାସହ ନିୟମ ଭାଙ୍ଗି ପାର୍ଟ ପ୍ଲଟ୍ ପଞ୍ଜିକରଣ କରାଇଥିବା ୪୦୦ ଅଧିକାରୀଙ୍କୁ ସୋ କଜ୍ ନୋଟିସ ପରେ ଆଜି ଏମିତି କଠୋର ବାର୍ତ୍ତା ଦେଇଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ ।

ଗତ ୩ ଦିନରେ ଅତିରିକ୍ତ ତହସିଲଦାର ଥିବା ୫ ଜଣ ରାଜସ୍ୱ ଅଧିକାରୀଙ୍କୁ ବେଆଇନ କାର୍ଯ୍ୟକାଳପ ଲାଗି ସସପେଣ୍ଡ କରିବା ପରେ ବିଭାଗୀୟ ଅଧିକାରୀଙ୍କୁ ଏମିତି କଡ଼ା ଚେତାବନୀ ଶୁଣାଇଛନ୍ତି ରାଜସ୍ୱ ମନ୍ତ୍ରୀ । ସେ କହିଛନ୍ତି, କାମରେ ଅବହେଳା, ସରକାରୀ ଆଦେଶକୁ ନମାନିବା, ଆଇନ ବାହାରକୁ ଯାଇ କାମ କରିବା କାରଣରୁ ପ୍ରତି ମାସରେ ଅନେକ ଅଧିକାରୀଙ୍କୁ ନିଲମ୍ବନ କରାଯାଉଛି । ଅନେକଙ୍କୁ ବହିଷ୍କାର ଭଳି ଦଣ୍ଡ ବି ଦିଆଯାଉଛି । ଶନିବାର ନିଲମ୍ବିତ ହୋଇଥିବା ଭୁବନେଶ୍ୱରର ଅତିରିକ୍ତ ତହସିଲଦାର ଗିତୁ ବେହେରା ଓ ନାରାୟଣ ସେଠୀଙ୍କ କାରନାମା ସବୁ ସୀମା ପାର୍ କରିଛି । ଗିତୁ ବେହେରା ଅଳ୍ପ ସମୟ ମଧ୍ୟରେ ୨୦୦ରୁ ଅଧିକ ହୋମ୍ ରେଜିଷ୍ଟ୍ରେସନ କରିଛନ୍ତି । ଅର୍ଥାତ ସେ ଆବେଦନକାରୀଙ୍କ ଘରକୁ ଯାଇ କରାଇଛନ୍ତି ରେଜିଷ୍ଟ୍ରେସନ୍ ।

ଏମିତିକି ଦୁଇଟି କ୍ଷେତ୍ରରେ ନିଜ କାର୍ଯ୍ୟକ୍ଷେତ୍ରର ସୀମା ଡେଇଁ କଟକରେ ବି ହୋମ୍ ରେଜିଷ୍ଟ୍ରେସନ କରାଇଛନ୍ତି । ସେହିପରି ନାରାୟଣ ସେଠୀ, ଗୋଟିଏ ଦିନରେ ହିଁ ଜମିର କିସମ ବଦଳାଇବା ସହ ସେହି ଜମିର ପାର୍ଟିସନ କରି ପଞ୍ଜିକରଣ କରାଇଥିଲେ । ରାଜ୍ୟରେ ପାର୍ଟ ପ୍ଲଟ୍ ବିକ୍ରି ନେଇ ନିଷେଦ୍ଧାଦେଶ ଲାଗିଥିବା ବେଳେ ବି ଅନେକ ସବ୍ ରେଜିଷ୍ଟ୍ରାର୍ ହେରଫେର୍ କରିଥିବା କହିଛନ୍ତି ମନ୍ତ୍ରୀ । ୨୦୧୩ରୁ ଏବେ ସୁଦ୍ଧା ୪୦୦ ଜିଲ୍ଲା ସବ୍ ରେଜିଷ୍ଟ୍ରାର୍ ଅଫିସର ବେଆଇନ ଭାବେ ଶତାଧିକ ଲେଖାଏଁ ପାର୍ଟ ପ୍ଲଟ୍ ପଞ୍ଜିକରଣ କରିଛନ୍ତି । ଏସବୁ ରାଜସ୍ୱ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଆଗକୁ ସେମାନଙ୍କ ବିରୋଧରେ ବି ଆରମ୍ଭ କାର୍ଯ୍ୟାନୁଷ୍ଠାନ ହେବ । ରାଜସ୍ୱ ବିଭାଗକୁ ସ୍ୱଚ୍ଛ କରିବା ଲାଗି ମନ୍ତ୍ରୀଙ୍କ ଏ ପ୍ରୟାସ, ଆଗକୁ କେତେ ସଫଳ ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

# ମହିଳା ଉଦ୍ୟୋଗୀଙ୍କୁ ନୂଆ ଦିଗଦର୍ଶନ ଦେବ ନରେକୋ ମାହି

ଭୁବନେଶ୍ୱର , (ସବ୍ୟୁ): ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଆୟୋଜିତ ହୋଇଛି ଜାତୀୟ ମହିଳାଙ୍କ ବାଣିଜ୍ୟ ମେଳା । ମହିଳା ଉଦ୍ୟୋଗୀଙ୍କୁ ଆତ୍ମର୍ନିଭରଶୀଳ କରିବା ସହ ବ୍ୟବସାୟ କ୍ଷେତ୍ରରେ ଆଗକୁ ବଢାଇବା ପାଇଁ ଆୟୋଜିତ ହୋଇଛି ଏହି ମହିଳାଙ୍କ ବାଣିଜ୍ୟ ମେଳା । ନରେକୋ ମାହିର ଭୁବନେଶ୍ୱର ମିଟ ଦ୍ୱାରା ଆୟୋଜିତ ଅଧିବେଶନରେ ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଅବସରରେ କଟକ ବାରବାଟୀର ବିଧାୟିକା ସୋଫିଆ ଫିର୍ଦୋଶ ଏବଂ ଏମଏସଏମଇର ଡେପୁଟି ଡାଇରେକ୍ଟର ନିତିଶା ମାନ୍ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ବଡ ବଡ଼ ଶିଳ୍ପ ଉଦ୍ୟୋଗୀଙ୍କ ସହ ନୂଆ କରି ଷ୍ଟାର୍ଟଅପ କରିଥିବା ମହିଳା ମାନେ ମଧ୍ୟ ସାମିଲ ହୋଇଛନ୍ତି । ଏଠି ମହିଳା ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ସହ ଆଗକୁ କେମିତି ବଢ଼ିବେ ଏବଂ କିପରି ନୂଆ ମହିଳା ଉଦ୍ୟୋଗୀଙ୍କୁ ଯୋଡ଼ାଯିବ ସେନେଇ ଆଲୋଚନା କରାଯାଇଛି । ଏହି ମହିଳା ଉଦ୍ୟୋଗୀ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁସଂଖ୍ୟାରେ ସାମିଲ ହୋଇଛନ୍ତି ମହିଳା ଉଦ୍ୟୋଗୀ ।

ଏହି ଅବସରରେ ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢୀ କହିଛନ୍ତି ଓଡ଼ିଶାରେ ଚାଲିଥିବା ଓମେନ ବିଜନେସ୍ ମେଳାରେ ନରେକୋ ମାହିର ମହିଳା ଶାଖା ରିଅଲ ଇଷ୍ଟେଟ୍ କ୍ଷେତ୍ରରେ କାମ କରୁଥିବା ମହିଳାଙ୍କ ଯୋଗଦାନ ଏବଂ କାର୍ଯ୍ୟଦକ୍ଷତା ବିଷୟରେ ପ୍ରତିପାଦନ କରିଛନ୍ତି । ଏହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ଅଟେ । ସେହିପରି ମହିଳାଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗୀତା କିଭଳି ଭାବେ ରହିବ ଏବଂ ତାକୁ ନେଇ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ସେମାନେ କାମ କରିବେ ତାହା ଉପରେ ନଜର ରହିବା ଆବଶ୍ୟକ । ଏହି କ୍ଷେତ୍ରରେ ଆଗକୁ ଜାତୀୟ ଅଭିବୃଦ୍ଧି ହାରରେ ସାମିଲ କରାଇବା ପାଇଁ ନରେକୋ ମାହି ଏକ ବଡ଼ ଭୂମିକା ରହିଛି ବୋଲି ବାଚସ୍ପତି କହିଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦୋଶ ଯୋଗଦେଇ ଜଣେ ମହିଳା ଉଦ୍ୟୋଗୀ ଆଉ ଜଣେ ମହିଳା ଉଦ୍ୟୋଗୀର ସହାୟତା କରିବାକୁ ଆଗେଇ ଆସିବା ଏକ ବଡ଼ କଥା ବୋଲି କହି ମାହିର କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ୨୦୨୨ ମସିହାରେ ପ୍ରଥମ ଥର ହୋଇଥିଲା ଉଦ୍ୟୋଗୀ ମେଳା । ୨୦୨୫ରେ ଏହା ବଡ଼ ଆକାରରେ କରିଛନ୍ତି, କନଭେନର ପ୍ରିତି ପଲ୍ଲବୀ ପଟ୍ଟନାୟକ ଓ କୋର କନଭେନର ସ୍ୱାତୀ କେଜରିୱାଲ ଏବଂ ସୁମାଦେବୀ ଦାସ ଏହାକୁ ଉଚ୍ଚ ସୋପାନରେ ପହଞ୍ଚାଇଛନ୍ତି । ଏହା ଦେଖି ଖୁସି ଲାଗୁଛି । ମହିଳାମାନଙ୍କୁ ଉତ୍ସାହିତ କରିବା ପଇଁ ସେମାନଙ୍କୁ ସୁଯୋଗ ଦେବା ପାଇଁ ଯେଉଁ ପ୍ଲାଟଫର୍ମ ହୋଇଛି । ମହିଳା ଉଦ୍ୟୋଗୀଙ୍କ ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅନେକ ଉପାଦେୟ ଯୋଜନା ରହିଛି । ଯାହା ମହିଳା ଉଦ୍ୟୋଗୀଙ୍କୁ ଆହୁରି ସମୃଦ୍ଧ କରିପାରିବ ବୋଲି ସେ କହିଥିଲେ ।




ସେମିନାରର ଉଦଘାଟନୀ ଉତ୍ସବରେ ନରେକୋ ମାହିର ଅଧକ୍ଷା ଡ଼ ଅନନ୍ତା ଏସ ରଘୁବଂଶୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ । ଏହାର ଆରମ୍ଭ ପୂର୍ବତଟ ଭୁବନେଶ୍ୱରରୁ ହୋଇଛି । ଏବେ ନରେକୋ ମାହି ଚାରିଆଡେ ରିଅଲଇଷ୍ଟେଟ କ୍ଷେତ୍ରରେ କ୍ରାନ୍ତି ଆଣିଛି । ମହିଳାମାନେ ସଫଳତାର ସହିତ ଆଗକୁ ବଢୁଛନ୍ତି ଏବଂ ଦେଶର ବିକାଶ କ୍ଷେତ୍ରରେ ସହଯୋଗୀ ରହିଛନ୍ତି । ସେହିପରି ନରେକୋ ମାହିର ସଭାପତି ସ୍ମିତା ପାଟିଲ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ନରେକୋ ମାହିର ପୂର୍ବୀୟ କ୍ଷେତ୍ରର ଉପ ସଭାପତି ରତ୍ନମାଳା ସ୍ୱାଇଁଙ୍କୁ ଶ୍ରେୟ ଦେଇଛନ୍ତି । ଛୋଟ ଛୋଟ ବ୍ୟବସାୟରୁ କିପରି ମହିଳା ମାନେ ବଡ଼ ବଡ଼ ବ୍ୟବସାୟ କରି ସ୍ୱାବଲମ୍ବି ହେବେ ତାର ଏକ ଉତ୍ସ ପାଲଟିଛି ଏହି ମହିଳା ଉଦ୍ୟୋଗୀ ମେଳା । କାର୍ଯ୍ୟକ୍ରମ ଶେଷରେ ପୂର୍ବୀୟ କ୍ଷେତ୍ରର ଉପ ସଭାପତି ରତ୍ନମାଳା ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଖୋର୍ଦ୍ଧା ଜିଲ୍ଲା ପ୍ରେସକ୍ଲବର ନୂତନ କର୍ମକର୍ତ୍ତା

# ଶୁଭ୍ରାଂଶୁ ସଭାପତି, ଦିଲ୍ଲୀପ ସମ୍ପାଦକ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ ର ୨୦୨୫-୨୦୨୬ ବର୍ଷ ନିମନ୍ତେ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବ୍ ର ବରିଷ୍ଠ ସଦସ୍ୟ ତପନ କୁମାର ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ଚୟନ ପ୍ରକ୍ରିୟା ପରିଚାଳନା ଅଧିକାରୀ



ଭାବରେ ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କୁ ନିଯୁକ୍ତ କରାଯାଇଥିଲା ।

ପ୍ରେସ କ୍ଲବ ପରିଚାଳନା ପରିଷଦ ସଦସ୍ୟ ଙ୍କ ମତାମତ ଆଧାର ରେ ସର୍ବସମ୍ମତିକ୍ରମେ ପ୍ରେସ କ୍ଲବ ର କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ଶୁଭ୍ରାଂଶୁ ସାମନ୍ତରାୟ, ସମ୍ପାଦକଭାବେ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ସେହିପରି ଉପ-ସଭାପତି ଭାବେ ଲଳିତ ମୋହନ ମହାପାତ୍ର ଓ ପ୍ରସନ୍ନ ପାଇକରାୟ, ଯୁଗ୍ମ ସମ୍ପାଦକ ଭାବେ ରଞ୍ଜିତ କୁମାର ପାଟଶାଣୀ ଓ ଗୋପାଳ କୃଷ୍ଣ ପ୍ରଧାନ, ସହ-ସମ୍ପାଦକ ସୟଦ ଲିୟାକତ ଅଲ୍ଲୀ, କୋଷାଧ୍ୟକ୍ଷ ଶୁଭକାନ୍ତ ମହାପାତ୍ର, ଆବାହକ ପ୍ରକାଶ କୁମାର ହାତୀ, ଆଇନ ପରାମର୍ଶଦାତା ଅବ୍ୟକ୍ତ ହରି ହର ଖାଡ଼ଙ୍ଗା ଓ ସଂଗ୍ରାମ କେଶରୀ ହୋତା, ମୁଖ୍ୟ ପରାମର୍ଶଦାତା ତପନ କୁମାର ନାୟକ, ଗଣମାଧ୍ୟମ ସଂଯୋଜକ ଭାବେ ସନ୍ତୋଷ ଚୌଧୁରୀଙ୍କୁ ମେନାନୀତ କରାଯାଇଥିଲା । ଏଥିସହିତ ପରିଚାଳନା ସଦସ୍ୟ ଭାବେ ରାମ ନାରାୟଣ ଦାଶ, ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ କେ.ଏନ୍. ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସନ୍ତୋଷ ବାରିକ, ଗୋପାଳ କୃଷ୍ଣ ଦାସ, ସନ୍ଦୀପ ବର୍ମନ, ପ୍ରବୀଣ ଭଞ୍ଜ, ପ୍ରକାଶ ପଟ୍ଟନାୟକ ଓ ଜିତେନ୍ଦ୍ର ଭଞ୍ଜଙ୍କୁ ମନୋନୀତ ହୋଇଥିବା ନେଇ ପରିଚାଳନା ଅଧିକାରୀ ଶ୍ରୀ ଖାଡ଼ଙ୍ଗା ଘୋଷଣା କରିଥିଲେ ।

ପ୍ରେସ କ୍ଲବ ପକ୍ଷରୁ ନବନିର୍ବାଚିତ ସଦସ୍ୟ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ଆଗାମୀ ଦିନ ରେ ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ କୁ ସମସ୍ତ ସଦସ୍ୟମାନଙ୍କ ସହଯୋଗ ରେ ରାଜ୍ୟ ରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବରେ ଗଢିତୋଳିବା କୁ ତାଙ୍କର ଉଦ୍ୟମ ଜାରି ରହିବ ବୋଲି ନବ ନିର୍ବାଚିତ ସଭାପତି ଶ୍ରୀ ସାମନ୍ତରାୟ ତାଙ୍କ ବକ୍ତବ୍ୟ ରେ କହିବା ସହିତ ତାଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରି ସଭାପତି ଭାବରେ ନିର୍ବାଚିତ କରିଥିବାରୁ ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ ର ସମସ୍ତ ସଦସ୍ୟ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ରଥଯାତ୍ରାରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିସିଓଡିଏଲ୍‌ର ପ୍ରସ୍ତୁତି

ଭୁବନେଶ୍ୱର(ସବ୍ୟୁ): ପୁରୀର ପବିତ୍ର ରଥଯାତ୍ରା ସମୟରେ ଭରସାଯୋଗ୍ୟ ବିଦ୍ୟୁତ୍‌ଯୋଗାଣ ନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ପ୍ରତିଶ୍ରୁତିବଦ୍ଧତା ଦୋହାରାଇଛି। ଏହି ମହାନ୍ ଉତ୍ସବ ସମୟରେ ପୁରୀ ସହରରେ ୭୪ ମେଗାୱାଟ୍ ପିକ୍ ଭାର ପୂରଣ କରିବାପାଇଁ ୧୭୦ ଏମଭିଏର ସ୍ଥାପିତ କ୍ଷମତା ସହିତ ଟିପିସିଓଡିଏଲ ଏହି ପବିତ୍ର ଉତ୍ସବକୁ ସମସ୍ତ ଭକ୍ତଙ୍କ ପାଇଁ ସୁନିଶ୍ଚିତ ଏବଂ ସୁରକ୍ଷିତ ଅନୁଭୂତି କରିବାକୁପ୍ରତିଶ୍ରୁତିବଦ୍ଧ।ଏହି ଉତ୍ସବ ପାଇଁ ପ୍ରସ୍ତୁତି ସ୍ୱରୂପ ଟିପିସିଓଡିଏଲ ପୁରୀ ସହରରେ ୪ଟି ୧୨.୫/୧୬ ଏମଭିଏ ବିଦ୍ୟୁତ୍ ଟ୍ରାନ୍ସଫର୍ମର (ପିଟିଆର) ସ୍ଥାପନ କରିଛି ଯାହାସ୍ଥାନୀୟ ନେଟୱାର୍କକୁ ସଶକ୍ତ କରିବା ସହ ଭାର ପରିଚାଳନାକୁ ସୁଦୃଢ଼ କରିଛି। ଏହା ଏନ-୨ ରିଡନଡାନ୍ସି ସୁନିଶ୍ଚିତ କରିବ ଯାହା ଫଳରେ ଉତ୍ସବସମୟରେ ଭରସାଯୋଗ୍ୟ ବିଦ୍ୟୁତ୍ ପ୍ରବାହ ନିଶ୍ଚିତ ହେବା।ସମଗ୍ର ନେଟୱାର୍କ ଭୁବନେଶ୍ୱରର ଆଧୁନିକ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେର୍ ଦ୍ୱାରା ଚବିଶ ଘଣ୍ଟା ନିରୀକ୍ଷଣ କରାଯିବ। ଏଥିସହ ସହରଗୁଡ଼ିକରେ୭୦୦ରୁ ଅଧିକ ପ୍ରଶିକ୍ଷିତ କର୍ମଚାରୀ ଚବିଶ ଘଣ୍ଟା ନେଟୱାର୍କ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ଅଛନ୍ତି। ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, 'ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ଏକଭାବନା ଯାହା ଲକ୍ଷାଧିକ ଲୋକଙ୍କୁ ଏକାଠି କରେ। ଆମେ ସହରକୁ ଶକ୍ତିଶାଳୀ ଏବଂ ସୁରକ୍ଷିତ ରଖିବାରେ ଆମର ଭୂମିକା ପାଇଁ ଅତ୍ୟନ୍ତ ଗର୍ବିତ। ଆମରଟିମ୍ ଅବିଶ୍ରାନ୍ତ ପରିଶ୍ରମ କରିଛି ଏବଂ ଏହି ମହାନ୍ ଉତ୍ସବର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଭାବନାକୁ ସମର୍ଥନ କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ।

## ଅକ୍ଷୟ ତୃତୀୟାରେ ଯଶୋଦା ମା' ଫାଉଣ୍ଡେସନ ର କନ୍ୟାଦାନ



ଭୁବନେଶ୍ୱର (ସବ୍ୟୁ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଯାଜପୁର ଜିଲ୍ଲା,ବରିବ୍ଲକ ଅନ୍ତର୍ଗତ ନାଥପୁର ପାଟଣା ଗ୍ରାମର ପିତୃମାତୃହରା ଝିଅ ଦିପ୍ତିମୟୀ ପଣ୍ଡାର ବାହାଘର ଯାଜପୁର ଜିଲ୍ଲା ପାଣିକୋଇଲି ର ପୁଅ ସନ୍ତୋଷ କୁମାର ପଣ୍ଡାଙ୍କ ସହିତ ଯାଜପୁର ପ୍ରସିଦ୍ଧ ମା' ବିରଜା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ୨୦୦୭ ମସିହାରେ ଗ୍ୟାସ ସିଲିଣ୍ଡର ଫାଟି ଦିପ୍ତିମୟୀ ର ପିତା ମାତା ମୃତ୍ୟୁବରଣ କରିଥିଲେ । ଦୁଇ ଭଉଣୀ ଗୋଟିଏ ଭାଇର ସମସ୍ତ ଭାର ଯଶୋଦା ମା' ବହନ କରିଥିଲେ। ଗତବର୍ଷ ସାନ ଭଉଣୀ ତୃପ୍ତିମୟୀ ପଣ୍ଡାର ବାହାଘର ଯଶୋଦା ମା ଫାଉଣ୍ଡେସନ ତରଫରୁ ସଂପୂର୍ଣ୍ଣ କରାଯାଇଥିଲା । ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଦିପ୍ତିମୟୀ ର ବାହାଘର ସମାଜର ବହୁ ସହୃଦୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଅକୁଣ୍ଠିତ ସାହାର୍ଯ୍ୟ ଓ ଆଶୀର୍ବାଦ ଫଳରେ ସମ୍ପୂର୍ଣ୍ଣ ହୋଇଯାଇଛି । ସେମାନଙ୍କ ମଧ୍ୟରେ କାଦମ୍ବିନୀ ର ସମ୍ପାଦିକା ଡ଼ ଇତି ସାମନ୍ତ, ବିଜୟଲକ୍ଷ୍ମୀ କର, ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ୍, ଇନରହ୍ୱିଲ୍ କ୍ଲବ୍ ରାଡିୟାଣ୍ଟ,ଲିଲି ଜେନାମଣି, ଧରିତ୍ରୀ ମହାରଥା, ମିନତୀ ଲେଙ୍କା, ଅମିୟବାଳା ପରିଡ଼ା, ରଶ୍ମି ସାହୁ(ରୁଚି), ସୀମା ଇଣ୍ଟରପ୍ରାଇଜେସ୍, ଭିକ୍ଷାକାରି ତ୍ରିପାଠୀ,ଚଇନି ସାର୍, ଶୁଭଶ୍ରୀ ଦର୍ଶନ, ଅକ୍ଷୟ ପଟ୍ଟନାୟକ, ବୈକୁଣ୍ଠ ସାହୁ,ଶୁଭୋଜିତ୍ ପଣ୍ଡା,ସମାଜ ସେବୀ ମଣ୍ଟୁ ବାବୁ, ଯଶୋଦା ମା'ଙ୍କର ସାଙ୍ଗସାଥୀ ଓ ଯଶୋଦା ମା' ପରିବାରର ସମସ୍ତ ସଭ୍ୟ ଏବଂ ସମାଜର ବହୁତ ବଦାନ୍ୟ ବ୍ୟକ୍ତି ଦିପ୍ତିମୟୀ ଙ୍କୁ ଆଶୀର୍ବାଦ କରିଥିଲେ । ସମସ୍ତ ହିତକାଂକ୍ଷି ବ୍ୟକ୍ତିମାନଙ୍କୁ ଯଶୋଦା ମା' ନିବେଦିତା ଲେଙ୍କା କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ ପ୍ରଦାନ କରିଛନ୍ତି । ମା' ବିରଜାଙ୍କ ନିକଟରେ ଏତିକି ପ୍ରାର୍ଥନା ଏହି ନବ ଦମ୍ପତିଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ଓ ଦୀର୍ଘଜୀବି ହେଉ ।

## ମଞ୍ଚେଶ୍ୱର ରେଳ ଡବା ମରାମତି କାରଖାନା

# ଜମିଗଲା : ମିଳୁନି ଚାକିରି, ମିଳିଛି ୩ ଶହ ଚିଠି

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ରେଳ ଡବା ମରାମତି କାରଖାନାରେ ବିଚିତ୍ର ନିୟମ ପରିଲକ୍ଷିତ ହେଉଛି। କାରଖାନା ନିର୍ମାଣ ବେଳେ ଜମି ହରାଇଥିବା ସ୍ଥାନୀୟ ବାସୀନ୍ଦାଙ୍କୁ ଜମି ଦେବାର ବ୍ୟବସ୍ଥା ଥିବା ବେଳେ ସେଥିରେ ଟାଳଟୁଳ ନୀତି ପରିଲକ୍ଷିତ ହେଉଛି। କେତେକ ଜମି ହରାଇଥିବା ନାଗରିକଙ୍କ ପିଲାମାନେ ଚାକିରି ପାଇ ଅବସର ଗ୍ରହଣ କଲେଣି । ହେଲେ ଜମି ହରାଇଥିବା ଆଉ କେତେକ ବାସିନ୍ଦା ଚାକିରି ପାଇବାକୁ ଏବେ ସୁଦ୍ଧା ବଞ୍ଚିତ ଅଛନ୍ତି। ଗାଡକଣ ଗାଁର ମିନା କୁମାରୀ ପାତ୍ରଙ୍କ କହିବା ଅନୁଯାୟୀ ଜମି ବାବଦରେ ସେ ଚାକିରି ପାଇବା କଥା। ହେଲେ ୧୯୮୫ ମସିହାରୁ ୨୦୨୫ ଏପ୍ରିଲ୍ ୧୧ ତାରିଖ ମଧ୍ୟରେ ତାଙ୍କୁ ରେଳବାଇ ପକ୍ଷରୁ ୩ ଶହ ଚିଠି ମିଳିଛି। ଗତ ଏପ୍ରିଲ୍ ୧୧ ତାରିଖ ଦିନ ମଞ୍ଚେଶ୍ୱର ରେଳ କାରଖାନା ଡାକିଥିଲେ। ସେ ସମୟ ଅନୁଯାୟୀ ଦିନ ୧୧ ଟାରେ ପହଞ୍ଚିଥିବା ବେଳେ ତାଙ୍କୁ ୩.୩୦ ମିନିଟ୍‌ରେ ଅଫିସର ସାକ୍ଷାତ କରିବା ସୁଯୋଗ ଦେଇଥିଲେ। ପରିତାପର ବିଷୟ ଏହିକି ଯେ ଅଫିସର ତାଙ୍କୁ କୌଣସି ରେକର୍ଡ ଦେଖାଇଲେ ନାହିଁ। କେବଳ ମୌଖିକ ଭାବେ କହିଲେ ତୁମେ ଆପତ୍ତି କର ଆମେ ତୁମକୁ ଜଣାଇବୁ। ପୂର୍ବ ରେକର୍ଡ ସମ୍ପର୍କରେ ମିନା କୁମାରୀ ପଚାରିବାରୁ ଆଗରୁ ଯେତେ ଅଫିସର ଯାଇଛନ୍ତି, ସେମାନେ କଣ ଚିଠି ଦେଇଛନ୍ତି ତାହାକୁ ଆମେ ତୁମକୁ ଦେଖାଇ ପାରିବୁ ନାହିଁ କିମ୍ବା ତାହା ଉପରେ କୌଣସି ଟିପ୍ପଣୀ ଦେଇପାରିବୁ ନାହିଁ ବୋଲି ଅଫିସର କହି ଅଭିଯୋଗ କରିବାକୁ କହିଥିଲେ ।

ମିନା କୁମାରୀଙ୍କ କହିବା କଥା ୧୯୮୫ ରୁ ୨୦୨୫ ମଧ୍ୟରେ ସେ ରେଳବାଇକୁ ୧୦୦୦ରୁ ଅଧିକ ଚିଠି ଲେଖି ଅଭିଯୋଗ କରିସାରିଲେଣି। ପୁଣି ଅଫିସର ମୋତେ ଡାକି ଅଫିଯୋଗ କରିବାକୁ କହିବାର ଯଥାର୍ଥତା କଣ ରହିଛି ତାହା ମୁଁ ଜାଣୁ ପାରୁନାହିଁ। ମଞ୍ଚେଶ୍ୱର ରେଳ ଡବା କାରଖାନା ଅଫିସରଙ୍କ ଭୁଲ୍ ତଥ୍ୟ ଯୋଗୁଁ ମିନା କୁମାରୀ ଚାକିରି ପାଇବାରୁ ବଞ୍ଚିତ ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ରେଳବାଇର ଜଣେ ଅଫିସରଙ୍କୁ ପଚାରିବାରୁ ତାହା ବିଭାଗୀୟ କଥା ମୁଁ ବ୍ୟକ୍ତିଗତ ଭାବେ ଏହା ଉପରେ କୌଣସି ମତ ଦେଇପାରିବି ନାହିଁ ବୋଲି କହିଛନ୍ତି। ମିନା କୁମାରୀଙ୍କ ଜମି ଅଧିଗ୍ରହଣ ହୋଲ୍‌ଡିଂ ନମ୍ବର ୩୦ ଉପରେ ୨ ଜଣ ଇଣ୍ଟରଭ୍ୟୁ ଦେଇଥିଲେ । ୨୦୦୭ ମସିହା ଅକ୍ଟୋବର ୩୦ ତାରିଖରେ ଏହି ହୋଲ୍‌ଡିଂ ନମ୍ବରରେ ତିନି ଜଣ ଇଣ୍ଟରଭ୍ୟୁ କିପରି ଦେଲେ ଦାବିଦାର ପ୍ରଶ୍ନ କରିଛନ୍ତି। ଅଫିସିଆଲି ଏରର୍ ହୋଇଥିବା କଥାକୁ କେହି ମାନୁ ନାହାଁନ୍ତି। ୩ ଜଣ ଇଣ୍ଟରଭ୍ୟୁ ଦେବା କଥା ଦାୟିତ୍ୱ ସମ୍ପନ୍ନ ଅଫିସର ମିନା କୁମାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହି ଅଫିସରଙ୍କ କହିବା କଥା ହୋଲ୍‌ଡିଂ ୩୦ ଉପରେ ୩ଜଣ ଇଣ୍ଟରଭ୍ୟୁ ଦେଇପାରିବେ ନାହିଁ ବୋଲି ସେ ମିନା କୁମାରୀଙ୍କୁ କହିଛନ୍ତି। ଯଦି ଆଉ କେହି ଇଣ୍ଟରଭ୍ୟୁ ପାଇଁ ଆବେଦନ କରନ୍ତି ତାହାକୁ ରେଳବାଇ ପକ୍ଷରୁ ରଦ୍ଦ କରାଯିବ ବୋଲି ଦାୟିତ୍ୱ ସମ୍ପନ୍ନ ଅଫିସର କହିଛନ୍ତି। କିନ୍ତୁ ମଞ୍ଚେଶ୍ୱର ରେଳ ଡବା କାରଖାନାର ଅଫିସର ମୁଖ୍ୟ ଦପ୍ତର ଅଧିକାରୀଙ୍କ ନମାନି ୩ଜଣଙ୍କୁ ଇଣ୍ଟରଭ୍ୟୁ ପାଇଁ ଡାକିବାରୁ ମିନା କୁମାରୀଙ୍କୁ ଇଣ୍ଟରଭ୍ୟୁ ପାଇଁ ୨ଟି ସୁଯୋଗ ମିଳିଲାନାହିଁ ବୋଲି ତାଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି।

ରେଳବାଇ ଜମି ନେବା ମାମଲାର ପୁନଃ ଶୁଣାଣୀ କରିବା ପାଇଁ ମିନା କୁମାରୀଙ୍କ ପକ୍ଷରୁ ବିଧାୟକ, ସାଂସଦ, ବିଭାଗୀୟ ମନ୍ତ୍ରୀ, ସେକ୍ରେଟାରୀ, ଏଡିଏମ୍, ଜିଲ୍ଲାପାଳ ପ୍ରଭୃତିଙ୍କୁ ଜଣାଇ ବିଫଳ ହେବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ସେମାନଙ୍କ ପାଖରୁ ରେଳବାଇକୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଚିଠି ଆସିଥିଲେ ମଧ୍ୟ ଜମି ଅଧିଗ୍ରହଣ ମାମଲାର ପୁନଃଶୁଣାଣି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ହୋଲ୍‌ଡିଂ ନମ୍ବର ୩୦ ଉପରେ ୩୦୦ ଚିଠିରୁ ଅଧିକ ଚିଠି ମାଧ୍ୟମରେ ରେଳବାଇ ଜଣାଇଛି ଯେ ଦୁଇଜଣ ଇଣ୍ଟରଭ୍ୟୁ ଦେଇଥିଲେ। ୨୦୦୬ ମସିହା ଫେବୃଆରୀ ୨୦ ରେ ଆସିଥିବା ଚିଠିରେ ଦୁଇଜଣ ଇଣ୍ଟରଭ୍ୟୁ ଦେବା କଥା ଲେଖା ରହିଛି ହେଲେ ୨୦୦୭ ମସିହା ଅକ୍ଟୋବର ୩୦ ତାରିଖ ଚିଠିରେ ରେଳବାଇ ଜଣାଇଲା ଯେ ୩ଜଣ ହୋଲ୍‌ଡିଂ ୩୦ ଉପରେ ଇଣ୍ଟରଭ୍ୟୁ ଦେଇଛନ୍ତି। ରେଳବାଇର ବିବାଦୀୟ କଥା ଓ ଚିଠିକୁ ନେଇ ମିନା କୁମାରୀ ଉପାୟ ଶୂନ୍ୟ ହୋଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଜଣାଇଥିବା ଆମ ପ୍ରତିନିଧିଙ୍କୁ କହିଛନ୍ତି।

## ପଞ୍ଚମ ଦିନରେ ରଥ ନିର୍ମାଣ କାର୍ଯ୍ୟ

# ୨୦ ଟି ତୁମ୍ବ କାର୍ଯ୍ୟ ଶେଷ

ପୁରୀ (ସବ୍ୟୁ): ଅକ୍ଷୟ ତୃତୀୟାରେ ତିନି ରଥ ନିର୍ମାଣ ଅନୁକୂଳ ହୋଇଥିଲା । ରବିବାର ରେ ପଞ୍ଚମ ଦିନରେ ପହଂଚିଛି ରଥ ନିର୍ମାଣ କାର୍ଯ୍ୟଛ ରଥ ଚାଳିରେ ଚାଲିଛି ନିର୍ମାଣ କାର୍ଯ୍ୟ । ଭୋଇ ଓ ବିଶ୍ୱକର୍ମା ସେବକମାନେ ରଥ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି । ଇତିମଧ୍ୟରେ କରତି ସେବକମାନେ ରଥ ତ୍ରୟ ପାଇଁ ଆବଶ୍ୟକ ମୋଟ ୪୨ ତୁମ୍ବ ଗଡ଼ କାଟି ବିଶ୍ୱକର୍ମାଙ୍କୁ ଯୋଗାଇଛନ୍ତି । ରଥ ଚାଳିରେ ଠାକୁରଙ୍କ କାର୍ଯ୍ୟ କରୁଛନ୍ତି ନିର୍ମାଣକାରୀ । ବିଶ୍ୱକର୍ମାମାନେ ୨୦ ଟି ତୁମ୍ବ ଗୋଲେଇ କାର୍ଯ୍ୟ ସାରିଛନ୍ତି । ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା କୁହନ୍ତି ବର୍ତ୍ତମାନ ତୁମ୍ବ କାର୍ଯ୍ୟ ସାରୁଛନ୍ତି ନିର୍ମାଣକାରୀ । ନାହାକ ପଡ଼ି ନାହାକା, ବଡ଼ ଉଛୁଳା ଓ ସାନ ଉଛୁଳା ଚକ ରହିଛି ରଥ ଚକର ବିଭିନ୍ନ ନାମାନୁସାରେ ତୁମ୍ବର ନାମ । ଏବେ ନାହାକା ଓ ପଡ଼ି ନାହାକା ଆଦି ତୁମ୍ବ ତିଆରି ଶେଷ ପର୍ଯ୍ୟାୟରେ ପହଁଚିଛି । ତୁମ୍ବ ନିର୍ମାଣ ଶେଷ ପରେ ତୁମ୍ବରେ ସୁତା ବାଡିଆ କାର୍ଯ୍ୟ ଅନୁଷ୍ଠିତ ହେବ । ନାହାକା ଚକ ରଥ ମଝିରେ ରହିବ ଛ ରଥ ନିର୍ମାଣର ପଞ୍ଚମ ଦିନରେ ତିନି ରଥର ମହାରଣାମାନେ ମୋଟ ୨୦ ଟି ତୁମ୍ବର ଗୋଲେଇ କାର୍ଯ୍ୟ ସାରିଛନ୍ତି । ନନ୍ଦିଘୋଷ ରଥ, ଦର୍ପଦଳନ ରଥ ୧୪ ଟି ଓ ତାଳଦ୍ୱଜ ରଥର ୬ ଟି ତୁମ୍ବ ଗୋଲେଇ କାର୍ଯ୍ୟ ଶେଷ ହୋଇଛି । ଏହାପରେ ତୁମ୍ବରେ ସୁତା ବାଡିଆ କାମ ଅନୁଷ୍ଠିତ ହୋଇ ଖୋଦେଇ କରାଯିବ ।

# ୧୮ ଅପରାଧୀ ଗିରଫ



ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ପୋଲିସ ଜିଲ୍ଲାକୁ ମିଳିଲା ବଡ଼ ସଫଳତା । ଗଞ୍ଜାମ ପୋଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଅପରାଧୀମାନେ ସକ୍ରିୟ ହୋଇ ବିଭିନ୍ନ ଅପରାଧିକ କାଣ୍ଡ ଘଟାଉଥିବା ବେଳେ ଗଞ୍ଜାମ ପୋଲିସ ଏକ ସ୍ୱତନ୍ତ୍ରଭାବେ ଚଢାଉ କରି ସେମାନଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି। ଗଞ୍ଜାମ ପୋଲିସ ଜିଲ୍ଲାର ଶେରଗଡ଼, ଚମାଖଣ୍ଡି, ପୋଲସରା, କୋଟିନାଡ଼ା, ଆସ୍କା ଓ ଭଞ୍ଜନଗର ଥାନା ଅଞ୍ଚଳରୁ ବିଭିନ୍ନ ଅପରାଧିକ ମାମଲାରେ ଲିପ୍ତ ଥିବା ୧୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୭ଟି ବନ୍ଧୁକ, ୧୬ଟି ମୋବାଇଲ ଫୋନ, ୬୬ଟି ଗୁଳି ଏବଂ ୪ଟି ଖୋକାକୁ ମଧ ପୋଲିସ ଜବତ କରିଛି। ଏନେଇ ଆଜି ଗଞ୍ଜାମ ଏସପିଙ୍କ ସମ୍ମିଳନୀ କକ୍ଷରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ରଙ୍କ ସମେତ ସମସ୍ତ ଥାନା ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ରେଳ ଧାରଣାରୁ ଉଦ୍ଧାର ବ୍ୟକ୍ତିଙ୍କ ଏମ୍‌କେସିଜିରେ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ଆଜକୁ ୩ ମାସ ତଳେ ବ୍ରହ୍ମପୁର ରେଳ ଧାରଣରୁ ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ ଅସହାୟ ବ୍ୟକ୍ତିଙ୍କ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି । ମୃତ ବ୍ୟକ୍ତିଙ୍କ ସଠିକ ପରିଚୟ ମିଳିପାରିନଥିବା ବେଳେ ତାଙ୍କ ନାମ ନରସିଂହ(୬୦) ବୋଲି ଜଣାପଡିଛି । ଏ ନେଇ ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା(୪୦/୨୫) ରୁଜୁ ହୋଇଛି । ତାଙ୍କର କେହି ସମ୍ପର୍କୀୟ ନଥିବାରୁ ମୃତ୍ୟୁ ପରେ ଶବକୁ ଏମକେସିଜି ମୃତଦେହ ସଂରକ୍ଷିତ କରି ରଖାଯାଇଛି । ପ୍ରକାଶଥାଉକି, ଫେବୃଆରୀ ୨୨ ତାରିଖ ଭୋର ୫ଟା ବେଳେ ଟ୍ରେନ ଧକ୍କାରେ ଗୁରୁତର ହୋଇ ନରସିଂହ ରେଳ ଧାରଣା କଡରେ ପଡିଥିବା ବେଳେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ଅଣାଯାଇଥିଲା । ତାଙ୍କର କେହି ସମ୍ପର୍କୀୟ ନଥିବାରୁ ତାଙ୍କୁ ସ୍ୱତନ୍ତ୍ର ୱାର୍ଡରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିଲା । ୩ ମାସ ଧରି ଚିକିତ୍ସିତ ହେଉଥିବା ନରସିଂହଙ୍କ ଆଜି ମୃତ୍ୟୁ ହୋଇଯାଇଥିଲା । ଏ ନେଇ ଏମକେସିଜି ପକ୍ଷରୁ ପୁଲିସକୁ ଅବଗତ କରାଯିବା ପରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ମୁଣ୍ଡମରାଇରେ ପଞ୍ଚ ଠାକୁରାଣୀଙ୍କ ପ୍ରସିଦ୍ଧ ଯାତ୍ରା ଆରମ୍ଭ

ଧରାକୋଟ, (ସବ୍ୟୁ): ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ଗ୍ରାମରେ ପଞ୍ଚ ଠାକୁରାଣୀଙ୍କ ପ୍ରସିଦ୍ଧ ଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ୧୬ ଦିନ ଧରି ଚାଲିବ। ପ୍ରଥମ ଦିବସରେ ପବିତ୍ର ଋଷିକୂଲ୍ୟା ନଦୀରୁ କଳସ ଯାତ୍ରାରେ ଅଞ୍ଚଳର ଶତାଧିକ ମହିଳା ସାମିଲ ହୋଇ ପଞ୍ଚ ଠାକୁରାଣୀଙ୍କ ମଣ୍ଡପ ସ୍ଥାନରେ ପ୍ରତିଷ୍ଠା କରାଯାଇଥିବା ବେଳେ ବୁଢ଼ୀ ଠାକୁରାଣୀ,ସିଦ୍ଧ କୋଠାରୀ, ବନ ଦୂର୍ଗା, ପୋଲାକା ଶୁଣି, ଗ୍ରାମ ଦେବତୀ, ନିଜ ନିଜ ମନ୍ଦିରରୁ ଅସ୍ଥାୟୀ ମଣ୍ଡପରେ ପଞ୍ଚ ଠାକୁରାଣୀଙ୍କୁ ପ୍ରତିଷ୍ଠା କରାଯାଇ ଷୋଡ଼ଶ ଉପଚାର, ସୂର୍ଯ୍ୟପୂଜା, ଅଙ୍କୁରାରୋପଣ, ଦୀକ୍ଷା ଗ୍ରହଣ, ଯଜ୍ଞ ଉପଚାର, ଦେବୀ ଙ୍କ ଆବାହନ, ସାଲା ପୂଜା କରାଯାଇ ଘଟ ପରିକ୍ରମା କରାଯାଇଛି। ଏହି ଅବସରରେ ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ସାହି ମାନଙ୍କରେ ଲକ୍ଷ୍ମୀ କୁଞ୍ଜ, କାଳୀ, ଦୂର୍ଗା, ଗଣେଶ, ଜଗନ୍ନାଥଙ୍କ ସମେତ ବିଭିନ୍ନ ଦେବାଦେବୀଙ୍କ କୁଞ୍ଜ ପ୍ରତିଷ୍ଠା କରାଯାଇଛି। ଏହାସହ ଯାତ୍ରାରେ ମନୋରଞ୍ଜନ ଆଣିବା ପାଇଁ ମୀନା ବଜାର ମଧ ଲଗାଯାଇଛି। ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ମୁଣ୍ଡମରାଇ ଗ୍ରାମ ସଭାପତି ତ୍ରିନାଥ ପାତ୍ରଙ୍କ ସଭାପତିତ୍ୱରେ ମୁଣ୍ଡମରାଇ ପଞ୍ଚାୟତର ସମସ୍ତ ଗ୍ରାମର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଯାତ୍ରା ପରିଚାଳନା ଦାୟିତ୍ୱରେ ସଂପାଦକ ବାବୁଲା ରଥ ରହିଥିବା ବେଳେ କର୍ମକର୍ତ୍ତା ଦେବ ଗୌଡ, ଅଶୋକ ସାହୁ, ବଂଶୀ ଗୌଡ, ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ସେଠୀ, ଅନିଲ ପାତ୍ର, କୃଷ୍ଣ ସାହୁ, ସୁରେନ୍ଦ୍ର ବେହେରା, ଯୋଗେନ୍ଦ୍ର ସାଶମଲ, ଦୂତୀ ସ୍ୱାଇଁ, ଶଙ୍କର ସୁବୁଦ୍ଧି, ଦ୍ୱାରିକା ସୁବୁଦ୍ଧି, ବଚନ ସେଠି, ତ୍ରୀମଲ ପାତ୍ର, କଙ୍ଗୁରୁ ସ୍ୱାଇଁ, ପ୍ରମୁଖ ଯାତ୍ରା ପରିଚାଳନା ଦାୟିତ୍ୱରେ ରହିଥିବା ବେଳେ ସମଗ୍ର ମୁଣ୍ଡମରାଇ ପଞ୍ଚାୟତବାସୀଙ୍କ ସହଯୋଗରେ ଯାତ୍ରା ଅନୁଷ୍ଠିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ପଣ୍ଡିତ ଗୌରୀ ଚରଣ ରଥ ଶର୍ମାଙ୍କ ପୌରହିତ୍ୟରେ ଏଗାର ଜଣ ବରିଷ୍ଠ ପଣ୍ଡିତଙ୍କୁ ନେଇ ଷୋହଳ ଦିନ ଧରି ପଞ୍ଚ ଠାକୁରାଣୀ ପୂଜା କାର୍ଯ୍ୟ କରାଯିବ । ଏହି ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏହି ଯାତ୍ରା ପ୍ରତି ୪ ବର୍ଷକୁ ଥରେ ଅନୁଷ୍ଠିତ ହେଉଛି ।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍‌ରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀରୁ ଭାଗନେବେ ୨ ଖେଳାଳୀ

ବାରିପଦା, (ସବ୍ୟୁ) : ବିହାର ଠାରେ ଚଳିତ ମାସ ୪ ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ -୨୦୨୫ ମହିଳା ବିଭାଗରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୨ଜଣ ବାଳିକା ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି, ସେମାନେ ହେଲେ ସୁମିତ୍ରା ମୁର୍ମୁ ଓ ନମିତା ହେମ୍ବ୍ରମ ଓ ତାଙ୍କର ଏହି ସଫଳତାର ଖବର ପାଇ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦାଃ, କୋଚ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ।

## ଖଲ୍ଲିକୋଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡଃ ରାଧାକାନ୍ତ ନାୟକଙ୍କୁ ଅସୋସିଏଟ ପ୍ରଫେସର ଭାବେ ପଦୋନ୍ନତି

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଜଣେ ଦକ୍ଷ ଅନୁଭୂତି ସମ୍ପନ୍ନ ବ୍ୟକ୍ତିତ୍ୱ ହେଉଛନ୍ତି ଖଲିକୋଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ରାଧାକାନ୍ତ ନାୟକ । ସେ ଦୀର୍ଘ ୨୫ ବର୍ଷ ଧରି ସେ ନିଜ କର୍ତ୍ତବ୍ୟବୋଧକୁ ସୂଚାରୁ ରୂପେ ସଂପାଦନ କରି ଆସୁଛନ୍ତି । ତାଙ୍କର ଦିଗଦର୍ଶନ, ବ୍ୟକ୍ତିତ୍ୱ ଓ ବଳିଷ୍ଠ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ସଫଳ ହାସଲ କରିଛନ୍ତି । ବିଗତଦିନରେ ତାଙ୍କରି ଦିଗ୍‌ଦର୍ଶନରେ ଅନୁପ୍ରେରିତ ଓ ପ୍ରଭାବିତ ହୋଇ ଜାପାନରେ ଅନୁଷ୍ଠିତ ବିଶ୍ୱ ସମ୍ମିଳନୀରେ ଯୁବଛାତ୍ର ଅଭିଷେକ ସାମନ୍ତରାୟ ପାଣିପାଗ ପରିବର୍ତ୍ତନ ସଂପର୍କିତ ପ୍ରସଙ୍ଗ ଉପସ୍ଥାପନ କରି ସଫଳତା ହାସଲ କରିଛନ୍ତି । ସର୍ବୋପରି ତାଙ୍କ ଦୃଢ଼ ଇଚ୍ଛାଶକ୍ତି, ଅଭିଜ୍ଞତା ଓ ଦକ୍ଷତାକୁ ଭିତ୍ତି କରି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗପତ୍ର ସଂଖ୍ୟା ୪୨୯୨୫/ ତା ୨୯.୧୦.୨୪ ମୁତାବକ ତାଙ୍କୁ ଆସୋସିଏଟେ ପ୍ରଫେସର ଭାବେ ପଦୋନ୍ନତି ମିଳିଛି । ଏଥିପାଇଁ ଡଃ ନାୟକଙ୍କୁ ବିଦ୍ୟାଳୟର ଅଧାପିକା ଡଃ ସନ୍ଧ୍ୟାରାଣୀ ପଟ୍ଟନାୟକ, ମନ୍ମୟୀ ପଣ୍ଡା ଓ ସଂଘମିତ୍ରା ମହାପାତ୍ର ଓ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବି, ପ୍ରଶଂସକ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଆଧାତ୍ମିକ ପ୍ରବନ୍ଧ ସଂକଳନ 'ଅନ୍ତିମ ଭରସା ଲୋକାର୍ପିତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ସାହିତ୍ୟ ପରିଷଦା ବାରିପଦା ଓ ନନ୍ଦିଘୋଷ ସାହିତ୍ୟ ସମାଜ ସାରସକଣାର ମିଳିତ ଆୟୋଜନରେ, ସେବାନିବୃତ୍ତ ପ୍ରଶାସନିକ ଅଧିକାରୀ, ବର୍ଷିୟାନ ସାହିତ୍ୟ ସାଧକ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଆଧାତ୍ମିକ ପ୍ରବନ୍ଧ ସଙ୍କଳନ 'ଅନ୍ତିମ ଭରସାର ଲୋକାର୍ପଣ ସମାରୋହ ସ୍ଥାନୀୟ ରୋଟାରୀ କ୍ଲବ୍ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ପ୍ରାରମ୍ଭରେ ଆତଙ୍କବାଦୀ ବର୍ବର ଆକ୍ରମଣରେ ପ୍ରାଣ ହରାଇଥିବା ପହେଲଗାଉଁ ପର୍ଯ୍ୟଟକଙ୍କ ଅମର ଆତ୍ମାଙ୍କ ପ୍ରତି ନୀରବ ପ୍ରାର୍ଥନା କରାଯାଇଥିଲା। ଲୋକାର୍ପଣ ଉତ୍ସବରେ ଶ୍ରୀଜଗନ୍ନାଥ ଭଜନ ପରିବେଷଣ କରିଥିଲେ କଣ୍ଠଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ତ୍ତା। ପରେ ପରେ ଅତିଥିମାନଙ୍କ କରକମଳରେ ଅନ୍ତିମ ଭରସା' ପୁସ୍ତକ ଉନ୍ମୋଚନ ହୋଇଥିଲା। ଲେଖକୀୟ ବକ୍ତବ୍ୟ ରଖିଥିଲେ ଲେଖକ ଶ୍ରୀ ସାହୁ। ଲେଖକଙ୍କ ଅନ୍ତରଙ୍ଗ ବନ୍ଧୁ, ପୂର୍ବତନ ପ୍ରଶାସନିକ ଅଧିକାରୀ, କାର୍ତ୍ତିକେଶ୍ୱର ମହାନ୍ତି ମଧ ବନ୍ଧୁଙ୍କ ସୃଷ୍ଟିକୁ ନେଇ ସାମାନ୍ୟ ମତ ଦେଇଥିଲେ। ପୁସ୍ତକର ସୁନ୍ଦର ଓ ଆକର୍ଷଣୀୟ ପ୍ରଚ୍ଛଦ ନିର୍ମାଣ କରିଥିବା ଜିଲ୍ଲାର ଖ୍ୟାତନାମା ଚିତ୍ରଶିଳ୍ପୀ ଦମ୍ପତି ମୋନାଲିସା ଓ ସ୍ୱରୂପ କୁମାର ନାୟକଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ହଲ୍ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାହୋଇଥିଲା। ବିଶିଷ୍ଟ ସାହିତ୍ୟକ ଡଃ ଦୟାସିନ୍ଧୁ ପରିଡ଼ା, ଉପଜିଲ୍ଲାପାଳ ବାରିପଦା ମୟୂରଭଞ୍ଜ, ବରିଷ୍ଠ ସମ୍ବିଦିକ ଓ ପରିବେଶବିତ୍ ଡ଼ଃ ବିଜୟ କୁମାର ଅଗ୍ରୱାଲ୍, ବର୍ଷିୟାନ ସାହିତ୍ୟିକ ଅନିକେତ ବୃନ୍ଦାବନ ଦାଶ, ପୂର୍ବତନ ଓଡ଼ିଆ ବିଭାଗ ମୁଖ୍ୟ ଏମ୍‌ପିସି ସ୍ୱୟଂଶାସିତ କଲେଜ ଡଃ ଅବନୀ କୁମାର କୁଣ୍ଡୁ ଓ ସମ୍ପାଦକ ପ୍ରତିଶ୍ରୁତି ପ୍ରତିଷ୍ଠାନ ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା, ଯଥାକ୍ରମେ ମୁଖ୍ୟଅତିଥି, ମୁଖ୍ୟବକ୍ତା, ବିଶେଷ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପ୍ରାବନ୍ଧିକଙ୍କ ପୁସ୍ତକର ଅନ୍ତର୍ନିହିତ ବାର୍ତ୍ତା ସୁଖୀ ମାନବ ଜୀବନ ଯାପନ ତଥା ଭବସାଗରରୁ ପାରିହେବା ଲାଗି ଶ୍ରୀ ଶଚିଦାନନ୍ଦଘନଙ୍କ ପ୍ରତି ମଣିଷର ଅନାବିଳ ଭକ୍ତି ଓ ସମର୍ପଣ ଭାବର କେତେ ପ୍ରୟୋଜନ, ନିଖୁଣ ଭାବେ କିପରି ଚିତ୍ରଣ ହୋଇଛି ତା ଉପରେ ଆଲୋକପାତ କରିଥିଲେ। ଆଧାତ୍ମିକ ପୁସ୍ତକକରେ ଗୀତାଜ୍ଞାନ ଆଧାରିତ ପ୍ରବନ୍ଧଗଡିକ ଉପରେ ସଂକ୍ଷିପ୍ତ ସମୀକ୍ଷା ପ୍ରଦାନ କରିଥିଲେ ସଭାରେ ଯୋଗ ଦେଇଥିବା ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧକ୍ଷା ଡଃ ପୁଷ୍ପା ପାତ୍ର। ବିଶେଷବକ୍ତା ଭାବେ ଉଦବୋଧନ ଦେଇଥିଲେ ପ୍ରାକ୍ତନ କୃତିଶିକ୍ଷକ ଓ ଆଶୁକବି ଆନନ୍ଦ ଚନ୍ଦ୍ର ପୃଷ୍ଟି। ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ, କବି ଓ କଥାକାର ଇଂ ମନୋଜ କୁମାର ଦଳବେହେରା ଉତ୍ସବ ଆୟୋଜନ ପରିପ୍ରେକ୍ଷୀରେ ମନ୍ତବ୍ୟ ରଖିବାକୁ ଯାଇ, ଉତ୍ତୀର୍ଣ୍ଣ ବୟସରେ ବି ପ୍ରାବନ୍ଧିକ ଶ୍ରୀସାହୁଙ୍କ ଶ୍ରୀମଦ୍ ଭାଗବତ ଗୀତା ପଠନ ଓ ପାଠନ ପୂର୍ବକ ଆଧାତ୍ମିକ ବିଷବସ୍ତୁ ଉପରେ ପ୍ରବନ୍ଧ ଲିଖନ, ଆଜିର ସାହିତ୍ୟିକ ମାନଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ଅଭିହିତ କରିଥିଲେ। ସାରସ୍ୱତ ସଭାରେ ପୌରୋହିତ୍ୟ କରିଥିଲେ ମୟୂରଭଞ୍ଜ ସାହିତ୍ୟ ପରିଷଦର ଉପସଭାପତି, ସୁସାହିତ୍ୟିକା ସୁଶ୍ରୀ କାବେରୀ ମିଶ୍ର। ଧନ୍ୟବାଦ ଦେଇଥିଲେ ନନ୍ଦିଘୋଷ ସାହିତ୍ୟ ସମାଜର ଯୁଗ୍ମ ସମ୍ପାଦିକା ତଥା 'ମକର ମଣ୍ଡା ସାହିତ୍ୟ ପତ୍ରିକାର ସହସମ୍ପାଦିକା ସୁଶ୍ରୀ ଅଞ୍ଜଳି ଦାସ। ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ମଞ୍ଚ ଆମନ୍ତ୍ରଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉତ୍ସବ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ ଦୁଇ ସାହିତ୍ୟ ଅନୁଷ୍ଠାନର ସଦସ୍ୟ/ସଦସ୍ୟ ସର୍ବଶ୍ରୀ ଅଜିତ କୁମାର କବାଟ, ଜୟନ୍ତ କୁମାର ଦ୍ୱାରୀ, ଅଜିତ କୁମାର ପାଣିଗ୍ରାହୀ, ତାପସ କୁମାର ସାହୁ, ଶ୍ରୀମତୀ ବାସନ୍ତୀ ଲତା ମହାପାତ୍ର, ଶିଉଲାଲ ମହାନ୍ତ, ସମରେନ୍ଦ୍ର କୁମାର ବଶା ଓ ଗୋପାଳ ଚନ୍ଦ୍ର ସାଓ ଏବଂ ପ୍ରାବନ୍ଧିକ ପରିବାରର ପୁତ୍ର, ପୁତ୍ରବଧୂ କନ୍ୟା ଓ ଜାମାତା ପ୍ରମୁଖ ।

# ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ୱାର୍ଟର ପାର୍କ ଉଦ୍‌ଘାଟିତ



ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ହୋଇଥିବା ରାଜ୍ୟର ପ୍ରଥମ ସରକାରୀ ସମ୍ପ୍ରସାରିତ ୱାର୍ଟର ପାର୍କ ରବିବାର ଉଦଘାଟିତ ହୋଇଯାଇଛି। ଏହା ଜଳସମ୍ପଦ ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ନବ ନିର୍ମୀତ ଫୁଡ କୋର୍ଟକୁ ମଧ ବିଧାୟକ ଉଦ୍‌ଘାଟନ କରିଛନ୍ତି। ୱାଟର ପାର୍କ ଉଦଘାଟନ ଅବସରରେ ବିଧାୟକ ନାୟକ କହିଥିଲେ ଯେ ଉକ୍ତ ପାର୍କକୁ ରାଜ୍ୟର ଏକ ନମ୍ବର ପାର୍କ କରାଯିବ। ଏଥିପାଇଁ ପଦକ୍ଷେପ ନିଆଯାଇଛି। ୱାର୍ଟର ପାର୍କ ଖୋଲିବା ପରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକମାନେ ଆସି ତାହାର ମଜା ଉଠାଇବେ। ଆଗାମୀ ଦିନରେ ଭଞ୍ଜନଗର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ହେବ। ଏଥିସହ ଆମ ଅଞ୍ଚଳର ଅନେକ ପରିବାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଉପ ଜିଲାପାଳ ଉମା ଶଙ୍କର ବେହେରା, ଏନ୍‌ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧକ୍ଷ ନରି ସଭା ନାୟକ, ଭାଜପା ଘୁମୁସର ସାଂଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ର, ଏମ୍ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ସନ୍ତୋଷ ତିଆଡି, ରବିନ୍ଦ୍ର ଗୌଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ, କର୍ମଚାରୀ ସହଯୋଗ କରିଥିଲେ। ୨୦୨୪ ମସିହା ଜାନୁୟାରୀ ୨୬ ତାରିଖରେ ୱାର୍ଟର ପାର୍କ ଖୋଲିଥିଲା। ଏହା ୬ ମାସ ଚାଲିବା ପରେ ପରିଚାଳନାଗତ ତ୍ରୁଟି ଯୋଗୁ ତାହା ବନ୍ଦ ହୋଇଯାଇଥିଲା। କିଛି ମାସ ପୂର୍ବେ ବିଧାୟକ ନାୟକ ଜାଣିବା ପରେ ତାହା ପୁଣି କିଭଳି ଚାଲିବ ସେଥିପାଇଁ ବ୍ୟବସ୍ଥା କରିଥିଲେ। ୱାର୍ଟର ପାର୍କର କିଛି କାର୍ଯ୍ୟ ସମ୍ପ୍ରସାରଣ କରାଯିବା ସହ ଆଉ କିଛି କାର୍ଯ୍ୟକୁ ମରାମତି କରାଯାଇ ପୁଣି ଆଜିଠୁ ଖୋଲିବା ବ୍ୟବସ୍ଥା କରାଯାଇଛି। ଯାହାକୁ ନେଇ ଅଞ୍ଚଳବାସି ଖୁସିବ୍ୟକ୍ତ କରିବା ସହ ବିଧାୟକଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

## ଘୁମୁସର ବରିଷ୍ଠନାଗରିକ ମଞ୍ଚର ବୈଠକ

ଭଞ୍ଜନଗର, (ସବ୍ୟୁ) ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ସ୍ଥାନୀୟ ବନବିଭାଗ ବଙ୍ଗଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ସୋମନାଥ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକ ଆରମ୍ଭରେ ପହଲଗାଁରେ ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପାକିସ୍ତାନର ପ୍ରୋତ୍ସାହନରେ ଆତଙ୍କବାଦୀଙ୍କ ଏ ଅମାନୁଷିକ କାଣ୍ଡର ଘୋର ନିନ୍ଦା କରାଯାଇଥିଲା। ସଂପାଦକ ରବିନାରାୟଣ ସାମନ୍ତ ଗତମାସ ବୈଠକ ବିବରଣୀ ପାଠ କରି ଗୃହୀତ କରାଇଥିଲେ। ସଭାପତି ଗତ ଅପ୍ରେଲ ତିରିଶ ତାରିଖରେ ଖବ କାଗଜରେ ପ୍ରକାଶ ପାଇଥିବା 'ବୟସ୍କଙ୍କ ବିଡମ୍ବନା 'ଲେଖାଟି ପାଠ କରି ସରକାର କିପରି ବୟସ୍କମାନଙ୍କ ପ୍ରତି ଘୋର ଉଦାସୀନ ସେ ସମ୍ପର୍କରେ ସୂଚାଇ ଥିଲେ । ମଞ୍ଚର ପଞ୍ଜିକରଣ, ସ୍ୱାସ୍ଥ୍ୟ ଶିବିର ଓ ଦର୍ଶନୀୟ ଜାଗା ଘଟିଶୁଳା, ଚକ୍ରଘଟୀ ପରିଦର୍ଶନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସତୁରି ବର୍ଷରୁ ଉର୍ଦ୍ଧ ସଭ୍ୟମାନଙ୍କ ଆୟୁଷ୍ମାନ ଯୋଜନାରେ କିପରି ଅନଲାଇନରେ ଦରଖାସ୍ତ କରାଯିବ ସେ ଦାୟିତ୍ୱ କାର୍ଯ୍ୟକାରୀ ସଭାପତି ସନ୍ତୋଷ ତିଆଡ଼ିଙ୍କୁ ଅର୍ପଣ କରାଯାଇଥିଲା । ନୂତନ ଭାବେ ସଦସ୍ୟତା ଗ୍ରହଣ କରିଥିବା ସଦସ୍ୟ ମାନଙ୍କୁ ସ୍ୱାଗତ କରାଯାଇଥିଲା । ସତ୍ୟଶ୍ରୀ ଜରାଶ୍ରମର ପରିଚାଳନାରେ ସହଯୋଗ କରିବା ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ସଭାପତି ସଭ୍ୟମାନଙ୍କୁ ଅନୁରୋଧ ଜଣାଇଥିଲେ। ଏଥିରେ ସର୍ବଶ୍ରୀ ଲଡୁକିଶୋର ପ୍ରଧାନ, ସୁରେନ୍ଦ୍ର ବେହେରା, ବାଳକୃଷ୍ଣ ବେହରା ଏମ ରବୀନ୍ଦ୍ର କୁମାର ପାତ୍ର, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ସୁବାସ ଚନ୍ଦ୍ର ପ୍ରଧାନ, ବିପିନ କୁମାର ବେହେରା, ଶିବ ପ୍ରସାଦ ସୁବୁଦ୍ଧି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପୀତାମ୍ବର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅର୍ଜୁନ ହସ କ୍ଲବ୍ ବ୍ରହ୍ମପୁର ପକ୍ଷରୁ ବିଶ୍ୱ ହସ ଦିବସ




ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ସଂସ୍କୃତ ଭବନ ହିଲ୍ ପାଟଣା ଠାରେ ଅର୍ଜୁନ ହସ କ୍ଲବ ବ୍ରହ୍ମପୁର ପକ୍ଷରୁ ବିଶ୍ୱ ହସ ଦିବସ ତଥା ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସଭାପତି ସିମାଞ୍ଚଳ ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର ଜଗନ୍ନାଥଙ୍କ ନିକଟରେ ଧୂପଦୀପ ସହ ପୁଷ୍ପମାଲ୍ୟ ପ୍ରଦାନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ କୃଷ୍ଣ ମୋହନ ପାଠୀ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଉତ୍କଳ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଦିବଙ୍ଗତ ସଦସ୍ୟ ମାନଙ୍କ ଉଦ୍ଦେଶ୍ୟରେ ଅମର ଆତ୍ମାର ଶାନ୍ତି ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସାଧାରଣ ସମ୍ପାଦକ ଡାକ୍ତର ସମରେନ୍ଦ୍ର କୁମାର ସାହୁ ନିଜର ସ୍ୱାଗତ ଅଭିଭାଷଣରେ ଉପସ୍ଥିତ ସମସ୍ତ ଅତିଥି ସଦସ୍ୟ କର୍ମକର୍ତ୍ତା ତଥା ପରିବାର ବର୍ଗମାନଙ୍କୁ ନିଜ ନିଜର ବହୁ ମୂଲ୍ୟବାନ ସମୟ ଦେଇ ଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ଆଜିର ଏହି ସଭାରେ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ନିଜ ନିଜର ବକ୍ତବ୍ୟରେ ଆଜିର ଏହି ବ୍ୟସ୍ତ ବହୁଳ ଜୀବନରେ ତଥା ଇଣ୍ଟରନେଟ ଯୁଗରେ ସୁସ୍ଥ ସରୀର ପାଇଁ ହସ ଓ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଆଜିର ଏହି ରୌପ୍ୟ ଜୟନ୍ତୀ ସମାରୋହରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ସ୍ମୃତି ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ଚାରି ଜଣ ବରିଷ୍ଠ ସଦସ୍ୟ ଚନ୍ଦ୍ର ବେହେରା, ନିରଞ୍ଜନ ମହାରଣା, ଏମ୍ ଶତ୍ୟ ନାରାୟଣ,ପ୍ରଭାସ ଚନ୍ଦ୍ର ହାଲଦାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଆଜିର ଏହି ସମାରୋହରେ ସତ୍ୟ ଅର୍ଜୁନ ଫାଉଣ୍ଡେସନ ତରଫରୁ ଜୀବନବ୍ୟାପି ସେବାରେ ବରିଷ୍ଠ ସଦସ୍ୟ ନରସିଂହ ପାଢୀଙ୍କୁ ପ୍ରଦାନ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ବନ୍ଧୁମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାରଶୁ ଜେନା, ବସନ୍ତ କୁମାର ପାତ୍ର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁବ୍ରତ କୁମାର ସାହୁ, ଡାକ୍ତର ଶଙ୍କର୍ଷଣ ପାତ୍ର, ଭିଷ୍ମାଚାର୍ଯ୍ୟ ଚୌଧୁରୀ,ଇଂ ବେଣୁ ଗୋପାଳ ପାତ୍ର, ରାଧାକୃଷ୍ଣ ପରିଛା, ନିରଞ୍ଜନ ମହାରଣା, ବାଞ୍ଛାନିଧି ବେହେରା, ଅଶୋକ କୁମାର ପାଢ଼ୀ, ପ୍ରଶାନ୍ତ କୁମାର ମହାପାତ୍ର, ଗୌରୀ ଶଙ୍କର ମିଶ୍ର, କାର୍ତ୍ତିକ ମହାରଣା, ସୁରେନ୍ଦ୍ର ମହାପାତ୍ର, ନରସିଂହ ସାହୁ, ରାଧାକୃଷ୍ଣ ମହାରଣା, ଟି କୁମାର ସ୍ୱାମୀ ପାତ୍ର, ସଂଜୟ କୁମାର ଆଚାରୀ, ବିପ୍ରଚରଣ ନାୟକ, ଶିବ ଶଙ୍କର ପାଣିଗ୍ରାହୀ, ପ୍ରଦୀପ ଆଚାରୀ, ରାଜେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ପରିବାରର ସଦସ୍ୟ ସଦସ୍ୟା ମାନେ ଯୋଗଦେଇ ବିଶ୍ୱ ହସ ଦିବସ ୨୦୨୫ ଓ ରୌପ୍ୟ ଜୟନ୍ତୀ ସମାରୋହକୁ ସାଫଲ୍ୟ ମଣ୍ଡିତ କରିଥିଲ । ବରିଷ୍ଠ ସାମ୍ବାଦିକ ବନ୍ଧୁ ଶକ୍ତିଧର ରାଜଗୁରୁ, ସୁଦୀପ କୁମାର ସାହୁ, ଦେବହରି ବେହେରା, ପୁଜି, ଗୋପାଳ ରେଡ୍ଡୀ, ଅମର , ସୁରେଶ ଚନ୍ଦ୍ର ତ୍ରିପାଠୀ, ସବିତା ସାହୁକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବାଇକ୍ କିଣାଇ ଦେବାକୁ କହି ୯୧ ହଜାର ଠକେଇ

ବ୍ରହ୍ମପୁର, (ସବ୍ୟୁ): ଆର୍ମି କ୍ୟାଣ୍ଟିନରୁ ନୂଆ ବାଇକ କିଣାଇଦେବା ନାଁରେ ଜଣେ ବ୍ୟବସାୟଙ୍କ ଠାରୁ ୯୧ ହଜାର ଟଙ୍କା ଠକେଇ ହୋଇଛି । ନିଜକୁ ସେନା କର୍ମଚାରୀ ବୋଲି ପରିଚୟ ହେବା ପରେ ଜଣେ ବ୍ୟକ୍ତି ଏହି ଠକେଇ କରିଛନ୍ତି । ଠକେଇର ଶିକାର ହୋଇଥିବା ବ୍ୟବସାୟୀ ଜଣଙ୍କ ବାଇକ କିମ୍ବା ଟଙ୍କା ଫେରି ନପାଇବା ପରେ ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିଛନ୍ତି । ସୂଚନାପ୍ରକାରେ, ବ୍ରହ୍ମପୁରର ବୋମକେଶ ମେକାପ ରାମହରିନଗରରେ ଦୋକାନ କରିଛନ୍ତି। ଆଜକୁ ୫ ମାସ ତଳେ ଜଣେ ବ୍ୟକ୍ତି ତାଙ୍କ ଦୋକାନକୁ ଆସି ସେନାରେ ଯବାନ ଭାବେ କାର୍ଯ୍ୟରତ ଥିବା କହିଥିଲେ। କିଛି ଦିନ ଚିହ୍ନା ପରିଚୟ ପରେ ସେନା କର୍ମଚାରୀ ଜଣଙ୍କ ବୋମକେଶଙ୍କୁ ଆର୍ମି କ୍ୟାଣ୍ଟିନରୁ ରିହାତି(ସବସିଡ )ଦରରେ ଏକ ହୋଣ୍ଡା ୟୁନିକର୍ନ ବାଇକ କିଣାଇ ଦେବେ ବୋଲି କହିଥିଲେ । ଏହି ବାଇକର ମୂଲ୍ୟ ବଜାରରେ ୧ ଲକ୍ଷ ୪୦ ହଜାର ହୋଇଥିବା ବେଳେ ସେ ନିଜ ଆର୍ମି କ୍ୟାଣ୍ଟିନ କାର୍ଡ ଜରିଆରେ ଏହାକୁ ୯୧ ହଜାର ଟଙ୍କାରେ କିଣାଇଦେବେ ବୋଲି କହିଥିଲେ । ଏହା ବାବଦକୁ ସେନା କର୍ମଚାରୀ ଜଣଙ୍କ ପ୍ରଥମେ ଅଗ୍ରିମ ଟଙ୍କା ବାବଦକୁ ୯୦୦୦ ଟଙ୍କା ନେଇଥିଲେ। ଏହା ପରେ ବୁକିଂ ପାଇଁ ମୋଟ ଟଙ୍କାର ୩୦ ପ୍ରତିଶତ ଅର୍ଥାତ ୨୬ ହଜାର ଟଙ୍କା ନେଇଥିଲେ। ଏହାପରେ ପରେ ବିଭିନ୍ନ ବାହାନା କରି ମୋଟ ୯୧ ହଜାର ତାଙ୍କ ଠାରୁ ଟଙ୍କା ନେଇଥିଲେ । ଜାନୁଆରୀ ୩୦ ତାରିଖରେ ବିଶାଖାପାଟଣା ଆର୍ମି କ୍ୟାଣ୍ଟିନରୁ ନୂଆ ବାଇକଟି ଡେଲିଭେରୀ ହେବ ବୋଲି ସେନା କର୍ମଚାରୀ ଜଣଙ୍କ ବୋମକେଶଙ୍କୁ କହିଥିଲେ । ହେଲେ ଅନେକ ଦିନ ପରେ ମଧ ବାଇକଟି ପହଞ୍ଚିନଥିଲା । ଏନେଇ ବୋମକେଶ ପଚାରିବାରୁ ସେନା କର୍ମଚାରୀ ଜଣଙ୍କ ବିଭିନ୍ନ ବାହାନା କରି ଦିନ ଗଡାଇ ଚାଲିଥିଲେ। ପରବର୍ତ୍ତୀ ସମୟରେ ବାଇକ ଅର୍ଡର ହୋଇପାରିଲା ନାହିଁ ଏବଂ ସେ ସମସ୍ତ ୯୧ ହଜାର ଟଙ୍କା ଫେରାଇ ଦେବେ ବୋଲି କହିଥିଲେ । ହେଲେ ଏହା ଭିତରେ ୨ ମାସ ବିତି ସାରିଥିଲେ ମଧ ସଂପୃକ୍ତ ବ୍ୟକ୍ତି ଜଣଙ୍କ ଟଙ୍କା ଫେରାଉ ନଥିବା ବେଳେ ବୋମକେଶଙ୍କ ଫୋନ ମଧ ଗ୍ରହଣ କରୁନାହାନ୍ତି । ଠକେଇର ଶିକାର ହୋଇଥିବା ଜାଣିବା ପରେ ବୋମକେଶ ଅନ୍ୟ ଉପାୟ ନପାଇ ସଂପୃକ୍ତ ସେନା କର୍ମଚାରୀଙ୍କ ବିରୋଧରେ ଥାନାକୁ ଯାଇ ଅଭିଯୋଗ କରିଛନ୍ତି ।

## ମେ ୨୦ ଦେଶବ୍ୟାପୀ ସାଧାରଣ ଧର୍ମଘଟର ସଫଳତା ପାଇଁ ମିଳିତ ପ୍ରସ୍ତୁତି ବୈଠକ




ବାରିପଦା, (ସବ୍ୟୁ) : କେନ୍ଦ୍ର ସରକାରର ଶ୍ରମିକ, କୃଷକ, ସାଧାରଣ ମଣିଷ ବିରୋଧୀ ନୀତିର ପ୍ରତିବାଦରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ମାନଙ୍କ ପକ୍ଷରୁ ଆଗାମୀ ମେ ୨୦ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପରିପ୍ରେକ୍ଷୀରେ, ଆଜି ତୁଳସିଚୌରା ସ୍ଥିତ ମୟୂରଭଞ୍ଜ ଏଆଇଟିୟୁସି ଜିଲ୍ଲା କାର୍ଯ୍ୟାଳୟରେ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଏନଟିୟୁସିର କୈଳାସ ଚନ୍ଦ୍ର ମହାନ୍ତ, ଏଆଇଟିୟୁସିର ମଦନ ମୋହନ ଜେନା, ସିଆଇଟିୟୁ ରବି ଗୋସ୍ୱାମୀ, ଏଆଇୟୁଟିୟୁସିର ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ମିଳିତ ସଭାକୁ ପରିଚାଳନା କରିଥିଲେ। ଏଆଇଟିୟୁସି ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ଆସନ୍ତା ମେ ୨୦ରେ ଅନୁଷ୍ଠିତ ହେବାକୁ ଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସିଆଇଟିୟୁର ସାଥୀ ଅମଲ ଦେ ଏହାର ସଫଳତା ପାଇଁ ଜିଲ୍ଲାର ବିଭିନ୍ନ ଉପଖଣ୍ଡ ଓ ବ୍ଲକ୍ ସ୍ତରୀୟ କନଭେନସନ, ବୈଠକ ଅନୁଷ୍ଠିତ କରାଯାଇ ବ୍ୟାପକ ପ୍ରସାର ଦିଗରେ ପ୍ରସ୍ତାବ ରଖିଥିଲେ। ଏଆଇୟୁଟିୟୁସିର ସାଥୀ ପ୍ରକାଶ କୁମାର ମଢେଇ ବ୍ଲକ୍‌ସ୍ତରୀୟ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବିଭନ୍ନ ବର୍ଗ ଓ ବିଭାଗର ଶ୍ରମିକ କର୍ମଚାରୀମାନଙ୍କ ନେତୃତ୍ୱ ଯୋଗଦାନ କରି ଉଭୟ ସରକାରଙ୍କ ମାରଣନୀତି ଗୁଡିକୁ କଡ଼ା ଭାଷାରେ ନିନ୍ଦା କରିବା ସହ ଆଗାମୀ ଧର୍ମଘଟକୁ ଗ୍ରାମାଞ୍ଚଳରେ ପ୍ରସାର କରିବା ଦିଗରେ ଯଥେଷ୍ଟ ଯତ୍ନବାନ ହେବାକୁ ସର୍ବ ସମ୍ମତ ହୋଇଥିଲେ। ଏଆଇଟିୟୁସିରୁ ସାଥୀ କାହ୍ନୁଚରଣ ବେହେରା, ଶ୍ରୀକାନ୍ତ ସାମଲ, ଲିପି ମିଶ୍ର, ସିଆଇଟିୟୁ ରୁ ରଞ୍ଜିତା ରାଉତ, ସନ୍ଧ୍ୟା ରାଣୀ ବେହେରା, ବିଣାପାଣି ନାଏକ,ଶରତ ଚନ୍ଦ୍ର ବାଗ, ଜୟନ୍ତି ମହାନ୍ତ,ଲିଳାବତୀ, ମାଳତୀ ମହାନ୍ତ, ଏଆଇୟୁଟିୟୁସିର ଗୋପିନାଥ ରାଉତ, ଅର୍ଜୁନ ମହାନ୍ତ, ମଗୁଲୁ ତିରିଆ, ତରଣୀ ରାଉତ ଓ ଜଗବନ୍ଧୁ ମଲ୍ଲିକ ପ୍ରମୁଖ ନେତୃତ୍ୱ ଯୋଗ ଦେଇଥିଲେ। ନିଷ୍ପତ୍ତି ମୁତାବକ ଆଗାମୀ ୧୩ ତାରିଖ ଠାରୁ ୧୯ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଚାର କାର୍ଯ୍ୟକ୍ରମ ଚାଲୁ ରହିବ। କରଞ୍ଜିଆ, ରାଇରଙ୍ଗପୁର, ଉଦଳା ଉପଖଣ୍ଡରେ ୧୫ ଓ ୧୬ତାରିଖ ପ୍ରଚାର ସହ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବ। ୧୮ ଓ ୧୯ ତାରିଖ ବାରିପଦାରେ ହେବାକୁ ସ୍ଥିର ହୋଇଛି।

## କାଳବୈଶାଖୀ : ଉଡ଼ିଗଲା ଆଜବେଷ୍ଟସ ଘର
# ବାସହୀନ ହେଲେ ଯତୀନଙ୍କ ପରିବାର



ମହାକାଳପଡ଼ା,(ସବ୍ୟୁ) :ସରକାର ସର୍ବିଙ୍କ ମୁଣ୍ଡ ଉପରେ ଛାତ ଯୋଗାଇ ଦେବାର ଲକ୍ଷ୍ୟ ରଖିଥିବା ବେଳେ ଆଜିବି ଶହ ଶହ ପରିବାର ତାଳ ଛପର ଓ ଆଜବେଷ୍ଟସ ଘରେ ଦିନ କାଟୁଛନ୍ତି । ଏହି ଭାବେ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକର ଉପକୂଳ ପଞ୍ଚାୟତରେ ଅଧିକାଂଶ ଗରିବ ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଝଡି ବଢ଼ି ହେଲେ ବା ସମ୍ଭାବ୍ୟ ବାତ୍ୟା ନେଇ ସୂଚନା ପରେ ଦୁର୍ବଳ ଗୃହ ଛାଡି ଆଶ୍ରୟ ସ୍ଥଳୀ ବା ପଡୋଶୀଙ୍କ ଘରେ ଆଶ୍ରୟ ନେଉଛନ୍ତି । ମାତ୍ର ଶୁଖିଲା ପାଗିଲା ଗ୍ରୀଷ୍ମ ଦିନେ କାଳବୈଶାଖୀ ତାଣ୍ଡବ ଯୋଗୁ ଶନିବାର ରାତ୍ରିରେ ବଉଳକଣୀ ପଞ୍ଚାୟତ ଆମବେଲାରୀ ଗାଁର ଯତୀନ ମଣ୍ଡଳଙ୍କ ଚାରି ବଖରା ଘରର ଆଜବେଷ୍ଟସ ଉଡିଯିବା ସହିତ ପଛ ପଟ କାନ୍ଥ ଭୁଶୁଡ଼ି ପଡ଼ିଛି । ପବନର ବେଗ ଏପରି ଥିଲା କି ଆଜବେଷ୍ଟସ ଉଡାଇ ନେଇ ଘର ପାଖ ରୁ ଚାରି ଖଣ୍ଡ ବିଲ ଦୂରରେ ପଡିଥିଲା । କାନ୍ଥରୁ ଇଟାଖସି ଯତୀନଙ୍କ ମୁଣ୍ଡ ଫୁଟି ଯାଇଛି । ସେପଟେ ଛୋଟ ନାତୁଣୀ ପବନ ମାଡ଼ରେ ଅଣନିଶ୍ୱାସୀ ହୋଇ ଯାଇଥିବାର ଜେଜେ ମା କହନ୍ତି । ଦୀର୍ଘ ଦିନ ଧରି ଝୁମ୍ପୁଡି ଘରେ ବସବାସ କରି ଓଡ଼ ଟୋପାନରେ ବାର ବାର କ୍ଷତି ଗ୍ରସ୍ତ ହେବାରୁ ପରିବାର ଆର୍ଥିକ ଅବସ୍ଥା ସୁଧୁରି ପାରୁନଥିଲା । ଏନେଇ ଅଳ୍ପ କିଛି ଦିନ ହେବ ହାତଧାରୀ ଓ ଗୋଷ୍ଠୀ ରୁ ଋଣ ଆଣି ସାତ ଜଣ ପରିବାର ଚଳିବା ପାଇଁ ସର୍ବ ମୋଟ ଚାରି ବଖରା ଆଜବେଷ୍ଟସ ନିର୍ମାଣ କରିଥିଲେ । ମାତ୍ର ଧାର କରଜ ଶୁଝିବା ପୂର୍ବରୁ ଦଇବ ଦାଉ ସାଜି ଘର ଉଡାଇ ନେଇ ଛାରଖାର କରିଦେଇଛି । ଏନେଇ ଯତୀନଙ୍କ ପରିବାର ଲୋକେ ଖୋଲା ଆକାଶ ତଳେ ଭୋକ ଉପାସ ରେ ପଡିରହିଛନ୍ତି । କ୍ଷତିଗ୍ରସ୍ତ ପରିବାରକୁ ଭେଟି ସ୍ଥାନୀୟ ସରପଞ୍ଚ ସାଲବେଗ ମାହାଳି ସାନ୍ତ୍ୱନା ଦେବା ସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବିକରିଛନ୍ତି ।

# ହାତଗୋଡ ବାନ୍ଧି ସର୍ବସ୍ୱ ଲୁଟିନେଲେ ୫ ଦୁର୍ବୃତ୍ତ

ଜଗତସିଂହପୁର,(ସବ୍ୟୁ) :ବିରିଡି ଥାନା ଦକ୍ଷିଣୋ ଗାଁରେ ଗତକାଲି ବିଳମ୍ବିତ ରାତିରେ ଲୁଟ ।ଘରେ ରହୁଥିବା ସମସ୍ତ ସଦସ୍ୟଙ୍କ ହାତଗୋଡ଼ ବାନ୍ଧି ବନ୍ଧୁକ,ଭୁଜାଲି ଆଦି ମାରଣାସ୍ତ୍ର ଦେଖାଇ ସର୍ବସ୍ୱ ଲୁଟି ନେଇଛନ୍ତି ଦୁର୍ବୃତ୍ତ ।ଏହାକୁ ନେଇ ବିରିଡି ଥାନାରେ ଏତଲା କରିଛନ୍ତି ଦକ୍ଷିଣୋ ଗ୍ରାମର ସୁକାନ୍ତ ମହାରଣା ।ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତି ୧ ଟା ସୁଦ୍ଧା ୫ ଜଣ ଦୁର୍ବୃତ୍ତ ମୁହଁରେ ମୁଖା ଓ ହେଲମିଟ ପିନ୍ଧି ସୁକାନ୍ତ ଘର କବାଟ ବାଡେଇଥିଲେ ।ଘର ଲୋକେ କବାଟ ନଖୋଲିବାରୁ ସେମାନେ ବାହାର କବାଟକୁ ଭାଙ୍ଗି ଦେଇଥିଲେ ।ପରେ ଘର ଭିତରକୁ ବନ୍ଧୁକ,ଭୁଜାଲି,ଫାର୍ସା ଆଦି ମାରଣାସ୍ତ୍ର ଧରି ପ୍ରବେଶ କରିବା ପରେ ତଳ ଘରେ ରହୁଥିବା ଭଡାଟିଆ ଚନ୍ଦ୍ରକାନ୍ତ ସାହୁଙ୍କ ପୁଅକୁ ଓଡଣୀ ସାହାଯ୍ୟରେ ହାତଗୋଡ ବାନ୍ଧି ପକାଇଥିଲେ ।ପରେ ଘର ଭିତରକୁ ପ୍ରବେଶ କରି ଘରେ ରହୁଥିବା ଅନ୍ୟ ସଦସ୍ୟଙ୍କ ହାତ ମଧ୍ୟ ବାନ୍ଧିବା ସହିତ ମୁହରେ ବନ୍ଧୁକ ଲଗାଇ ଆଲମିରା ଚାବି ମାଗିଥିଲେ ।ଭୟରେ ସେମାନଙ୍କୁ ଗୃହକର୍ତ୍ତ୍ରୀ ଆଲମିରା ଚାବି ଦେବା ପରେ ଦୁର୍ବୃତ୍ତମାନେ ଆଲମିରା ଖୋଲି ସୁନା ଗହଣା ସହିତ ୬୨ ହଜାର ନଗଦ ଟଙ୍କା ଆଦି ସର୍ବସ୍ୱ ଲୁଟି ନେଇଥିଲେ ।ତଳ ଘରୁ ଲୁଟିବା ପରେ ଦୁର୍ବୃତ୍ତମାନେ ଉପର ଘରକୁ ଯାଇଥିଲେ ।ଉପର ଘର କବାଟ ବାଡେଇବା ପରେ ଭିତରେ ରହୁଥିବା ଲୋକେ କବାଟ ନଖୋଲିବାରୁ ଧକ୍କା ମାରି ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଭିତରକୁ ପଶିଥିଲେ ।ଘର ଭିତରେ ରହୁଥିବା ଲୋକମାନଙ୍କୁ ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର ଦେଖାଇ ସେଠାରୁ ମଧ୍ୟ ସୁନା ଗହଣା ଓ ୧ ଲକ୍ଷ ୩୦ ହଜାର ଟଙ୍କା ଲୁଟି ନେଇଥିଲେ ।ସମସ୍ତ ସଦସ୍ୟଙ୍କୁ ଦୁର୍ବୃତ୍ତମାନେ ତଳେ ଘରେ ବସାଇବା ସହିତ ଫୋନ ଛଡାଇ ନେଇଥିଲେ ।ଯଦି ଘର ଲୋକେ କାହାରିକୁ ଚୋରୀ ବିଷୟରେ ଖବର ଦିଅନ୍ତି ବା ଥାନାରେ ଜଣାଇଥାନ୍ତି ତେବେ ତାଙ୍କୁ ପୁଅକୁ ଜୀବନରୁ ମାରି ଦେବାକୁ ଧମକ ଦେଇଛନ୍ତି ଦୁର୍ବୃତ୍ତ ।ଏହାକୁ ନେଇ ପରିବାର ଲୋକେ ଭୟଭୀତ ହୋଇ ସକାଳ ହେବାରୁ ସଂପର୍କୀୟମାନଙ୍କୁ କହିଥିଲେ ।ସଂପର୍କୀୟମାନେ ଆସି ପହଞ୍ଚିବା ପରେ ଘର ଲୋକେ କବାଟ ଖୋଲିଥିଲେ ।ଏ ସଂକ୍ରାନ୍ତରେ ବିରିଡି ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା ।

## କାର –ବାଇକ ମୁହାଁମୁହିଁ ଧକ୍କା
## ବାଇକ ଚାଳକ ଗୁରୁତର

ପାଣିକୋଇଲି, ୪।୫: ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲ ଗେଟ ନିକଟରେ ରବିବାର ଅପରାହ୍ନରେ ଏକ ଦ୍ରୁତଗାମୀ କାର ଧକ୍କାରେ ଜଣେ ବାଇକ ଆରେହୀ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରକାଶଯେ ଗୋଳେଇପୁର ପଂଚାୟତର ସାନ ବିରୁହାଁ (ଟିକର) ଗ୍ରାମର ସ୍ୱର୍ଗତ ଦୂର୍ଯ୍ୟୋଧନ ମଲିକଙ୍କ ପୁଅ ବିକାଶ କୌଣସି ଏକ କାର୍ଯ୍ୟରେ ନିଜ ବାଇକ (ଓଡ଼ି୦୪ଜି୪୧୨୬)ରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ପାଣିକୋଇଲି ପଟୁ ଦ୍ରୁତ ଗତିରେ ଯାଉଥିବା ଏକ କାର(୨୪ ବିଏଚ୪୧୮୦ପି) ସହ ସମ୍ମାସାମ୍ନି ଧକ୍କା ହୋଇଥିଲା। ଫଳରେ ବିକାଶ ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲି ପୁଲିସ ଓ ସ୍ଥାନୀୟ ବାସିନ୍ଦା ଯୁବ ସ୍ୱେଚ୍ଛାସେବୀ ମାନେ ପହଂଚି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେଁ ଯାଜପୁର ମୂଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ବିକାଶ ଘରର ଏକ ମାତ୍ର ରୋଜଗାରିଆ ପୁଅ ହୋଇଥିବା ବେଳେ ତାଙ୍କୁ ସହାୟତା ପ୍ରଦାନ କରିବା ଲାଗି ସ୍ଥାନୀୟ ଗ୍ରାମବାସୀ ମାନେ ଦାବି କରିଛନ୍ତି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

# ସାଲେପୁର ଅଞ୍ଚଳରେ ଚୋରା ନିଶାକାରବାର ବୃଦ୍ଧି

ସାଲେପୁର,(ସବ୍ୟୁ) "ସାଲେପୁର ଅଞ୍ଚଳରେ ଏବେ ଚୋରା ନିଶା ବେପାରୀଙ୍କ ପେଣ୍ଠସ୍ଥଳୀ ପାଲଟି ଥିବା ଅଭିଯୋଗ ହେଉଛି।ଏଠାରେ ସନ୍ଧ୍ୟାହେଲେ ବିଭିନ୍ନ ସ୍ଥାନରେ ଚୋରା ନିଶା ବେପାରୀ ଓ ନିଶାଡୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛିଛବାହାର ଜିଲ୍ଲାରୁ ଚୋରା ନିଶା ଦ୍ରବ୍ୟ ଯଥା ଚରସ, ବ୍ରାଉନ ସୁଗାର ଆଣି ସାଲେପୁରର ବିଭିନ୍ନ ସ୍ଥାନରେ ବିକ୍ରିକରୁଥିବା ଜଣାପଡିଛି।ମାନଙ୍କ ଟାର୍ଗେଟରେ କଲେଜ ପଢୁଆ ପିଲା ଓ ଯୁବପିଢ଼ି।ଏମାନଙ୍କୁ ନିଶାର କବଳିତ କରି ଚୋରା ବେପାରୀ ମାନେ ମାଲାମାଲ ହେଉଛନ୍ତି।ସାଲେପୁର କଲେଜ ପୋଲ ପାଖ କେନାଲ ବନ୍ଧ ଠାରୁ ହରିଚନ୍ଦନପୁର ବ୍ୟାରେଜ ପାଖ ଦେଇ ଆତୋଡ଼ା, ବାରଗୋଡ଼ିଆ ଦେଇ ଖଇରା ପର୍ଯ୍ୟନ୍ତ କେନ୍ଦ୍ରାପଡା କେନାଲ ବନ୍ଧ ପାର୍ଶ୍ୱରେ ଚୋରା ଧଳା ଝହର ବେପାର ହେଉଥିବା ଅଭିଯୋଗ ହେଉଛି। ସନ୍ଧ୍ୟାହେଲେ ଏହି କେନାଲ ବନ୍ଧ ନିଛାଟିଆ ହେଇଯାଉ ଥିବାରୁ ଚୋରା ବେପାରୀ ମାନେ ଏହି ସ୍ଥାନକୁ ସୁରକ୍ଷିତ ମଣୁଛନ୍ତି।ଏହା ସାଲେପୁର ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତା ରୁ ଏଭଳି ହେଉଥିବା ଅଭିଯୋଗ ହେଉଛି।ସେହିପରି ସାଲେପୁର ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ ଏବେ ପାନ ଦୋକାନ ରେ ବିକ୍ରୀ ହେଉଥିବା ଅଭିଯୋଗ ହେଉଛି।ଛୋଟ ଛୋଟ ନାମକୁ ମାତ୍ର ଦୋକାନ କରି ଏଥିରେ ଚୋରା ମଦ ବ୍ରିକ୍ରି ହେଉଥିବା ସାଧାରଣ ଲୋକ ଆଲୋଚନା କରୁଛନ୍ତି।ଏହି ଦୋକାନ ମାନଙ୍କରୁ ମଦ ପିଇ ନିଶାଡୀମାନେ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଖରାପ ବ୍ୟବହାର କରୁଥିବା ଶୁଣିବାକୁ ମିଳୁଛି।ସାଲେପୁର ଅଞ୍ଚଳର ବୋଦାମୁଣ୍ଡାଇ, ମନୋହର ପୁର, ରାଇସୁଙ୍ଗୁଡା, ମଡଙ୍ଗା, ମିର୍ଜାପୁର, ପଟୁଆ ହାଟ, ଜପକୂଦ,ତିଲଦା, ମାଳ, ରାମେଶ୍ୱର, ସୌରୀ ଆଦି ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଦୋକାନ ମାନଙ୍କରେ ଚୋରା ଦେଶୀ, ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି।ସାଲେପୁର ଅବକାରୀ ବିଭାଗ ଓ ପୋଲିସ ଏଥିପ୍ରତି ଦୃଷ୍ଟି ଦେଇ ପେଟ୍ରୋଲିଂ ଏବଂ ବିଭିନ୍ନ ସ୍ଥାନରେ ଚଢ଼ାଉ କଲେ ଏହି ଚୋରା ନିଶା ଦ୍ରବ୍ୟ କାରବାର ବନ୍ଦ ହୋଇଯିବ ବୋଲି ବୁଦ୍ଧିଜୀବୀ ମାନେ ଆଲୋଚନା ଆଲୋଚନା କରିଛନ୍ତି।ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣ ରେ ଦାବି ହେଉଛି।

## କମ୍ରେଡ ଅଶୋକ ବିଶ୍ୱାଳଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲାରଛ ବଡ଼ଚଣା ବ୍ଲକ ସୁଙ୍ଗୁଡା ପଞ୍ଚାୟତର କମୁନିଷ୍ଟ ନେତା କମ୍ରେଡ ଅଶୋକ ବିଶ୍ୱାଳଙ୍କୁ ତାଙ୍କ ଏକାଦଶାହରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।ତାଙ୍କ ନିଜ ଗ୍ରାମ ନିଶିମଳାରେ ଆୟୋଜିତ ସ୍ମୃତି ଚାରଣ ସଭାରେ କମ୍ରେଡ ରଞ୍ଜନ କୁମାର ଜେନା ଅଧକ୍ଷତା କରିଥିଲେ! ସ୍ୱର୍ଗତ ବିଶ୍ୱାଳ ଦୀର୍ଘ ବର୍ଷ ହେବ ଭାରତୀୟ କମୁନିଷ୍ଟ ଦଳର ଜଣେ ନିଷ୍ଠାପର ନେତାଭାବେ କାର୍ଯ୍ୟ କରି ଆସୁଥିଲେ।ସେ ଜଣେ ପରୋପକାରୀ,ମିଷ୍ଟଭାଷି, ଶାନ୍ତ,ସରଳ ସ୍ୱଭାବ ମଣିଷ ଭାବେ ସଭିଙ୍କର ପ୍ରିୟପାତ୍ର ଥିଲେ ବୋଲି ସ୍ମୃତିଚାରଣ ସଭାରେ ବିଶିଷ୍ଟ ବ୍ୟକ୍ତି ମାନେ ମତ ରଖିଥିଲେ।ସେ ଜଣେ ଭଲ ଚାଷୀ ଭାବେ ମଧ ଜଣାସୁଣା ଥିଲେ! ଏହି ସ୍ମୃତିଚାରଣ ସଭାରେ ଯାଜପୁର ଜିଲ୍ଲା କମ୍ୟୁନିଷ୍ଟ ପାର୍ଟି ସଂଯୋଜକ କମ୍ରେଡ ଈଶ୍ୱରଚନ୍ଦ୍ର ପରିଡା, କମ୍ରେଡ ଅଜୟ ବିଶ୍ୱାଳ,ଭଗବାନ ପଣ୍ଡା,ଚନ୍ଦ୍ରମଣି ଜେନା,ଯୁଧିଷ୍ଠିର ସାହୁ,ବିଚିତ୍ରା ନନ୍ଦ ଜେନା,ସଚ୍ଚିଦାନନ୍ଦ ବଳ,ଯୁବ ନେତା ସୁକାନ୍ତ ଜେନା,ପ୍ରମୁଖ ବହୁଙ୍କ ସହିତ ବହୁ ନେତୃବୃନ୍ଦ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କୁ ଶ୍ରଦ୍ଧାସୁମନ ଅର୍ପଣକରି ତାଙ୍କର ସ୍ମୃତି ଚାରଣ କରିଥିଲେ।

## ସୋନାଟା ଗୋଲ୍ଡ ହାତଘଣ୍ଟା–ସୁନା ଉପହାରର ସମ୍ଭାର ଉନ୍ମୋଚିତ

ବ୍ରହ୍ମପୁର,(ସବ୍ୟୁ): ଭାରତର ସବୁଠୁ ପସନ୍ଦ କରାଯାଉଥିବା ହାତଘଂଟା ବ୍ରାଣ୍ଡ ସୋନାଟା ପକ୍ଷରୁ ଏକ ଷ୍ଟାଇଲିସ୍ ଓ ନିଖୁଣ ଭାବେ କାରିଗରୀ କରାଯାଇଥିବା ସମ୍ଭାର ସୋନାଟା ଗୋଲ୍ଡର ଶୁଭାରମ୍ଭ କରାଯାଇଛି। ଆକୃତି ଓ କାରିଗରୀର ମିଶ୍ରଣସହ ସୋନାଟା ଗୋଲ୍ଡ ଆପଣଙ୍କ ପସନ୍ଦର ସୁନା ଉପକରଣ ପିନ୍ଧିବା ଲାଗି ଏକ ନୂଆ ବଳିଷ୍ଠ ସୁଯୋଗ ପ୍ରଦାନ କରୁଛି।ଏହି ସମ୍ଭାରରେ ରହିଥିବା ପ୍ରତିଟି ହାତଘଂଟାରେ ରହିଛି ଏକ ଅସଲି ୦.୧୫ ଗ୍ରାମର ୨୨ କ୍ୟାରେଟ୍ ତନିସ୍କ ସୁନା କଏନ୍ଯାହାକୁ ଡାଏଲ୍‌ରେ ଯୋଡ଼ାଯାଇଛି। ଏହା ହେଉଛି ସୂକ୍ଷ୍ମ ବିବରଣୀ ଯାହା କାରିଗରୀ, ପରମ୍ପରା ଓ ଡିଜାଇନ୍‌କୁ ଦର୍ଶାଉଛି। ସ୍ଲିକ୍ ଡିଜାଇନ୍ କେସ୍‌ଠାରୁ ଆରମ୍ଭ କରି ହାଇ ପଲିସ୍ ବ୍ଲାକ୍ ଡାଏଲ୍ ସହ ଯୋଡ଼ି ହୋଇଥିବା ସୁନା କଏନ୍ ଏବଂ ଏକଅସଲି ଚମଡ଼ା ଫିତା ଯାହା ସମ୍ଭାନ୍ତର ଭାବ ପ୍ରଦାନ କରୁଛି, ସେହିଭଳି ସୂକ୍ଷ୍ମ ବିବରଣୀକୁ ପସନ୍ଦ କରୁଥିବା ଲୋକମାନଙ୍କ ପାଇଁ ଏହି କଲେକ୍ସନ୍ ବେଶ୍ ଉପଯୁକ୍ତ।ଏହି ନୂତନ ଉତ୍ପାଦ ସମ୍ପର୍କରେ ସୋନାଟାର ବ୍ରାଣ୍ଡ ମୁଖ୍ୟ ପ୍ରତୀକ ଗୁପ୍ତା କହିଛନ୍ତି ଯେ, ସୋନାଟା ଗୋଲ୍ଡ କେବଳଏକ ହାତଘଂଟା ନୁହେଁ, ଏହା ହେଉଛି ଏକ ଅନୁଭୂତି। ଆମେ ଏଭଳି କିଛି ସୃଷ୍ଟି କରିବାକୁ ଚାହୁଁଛୁ ଯାହା ପ୍ରିମିୟମ୍‌ଅନୁଭବ ଦେବ ତଥା ଧାରା ଅନୁସାରେ ମଧ୍ୟ ଅସୀମ ହୋଇପାରିବ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା




କେନ୍ଦ୍ରାପଡା,(ସବ୍ୟୁ) : ତୁଳସୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ଆଗାମୀ ମେ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ପ୍ରଫେସର୍ ସାହୁଙ୍କୁ ତାଙ୍କ ନିଜ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ତଥା ଶିକ୍ଷକ –କର୍ମଚାରୀ ପରିଷଦର ସମ୍ପାଦକ ଡ଼ ମଥୁରୀ ଚରଣ ନାୟକ , ପ୍ରଶାସନିକ ଅଧିକାରୀ ଜ୍ୟୋତ୍ସ୍ନାମୟୀ ପତି, ସହ ଶୈକ୍ଷିକ ଅଧିକାରୀ ଡ଼ ପଦ୍ମଜା କବି ଶତପଥୀ , ରାଜନୀତି ବିଜ୍ଞାନ ବିଭାଗର ମୂଖ୍ୟ ଡ଼ ମମତା ସାହୁ ମଂଚାସୀନ ହୋଇ ପ୍ରଫେସର ସାହୁଙ୍କର ନିଷ୍ଠାପରତା , କର୍ମ ତତ୍ପରତା, ତଥା ତୁଳସୀ ମହିଳା ମହାବିଦ୍ୟାଳୟରେ ତାଙ୍କ କର୍ମମୟ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ଡ଼ ଏଲୋରା କବି, ସବିତା ଦାସ, ଅଧ୍ୟାପିକା ପ୍ରଜ୍ଞା ମହାନ୍ତି, ଅଧ୍ୟାପିକା ଗାୟତ୍ରୀ ନାୟକ, ଅଧ୍ୟାପକ ରାମଚନ୍ଦ୍ର ସୁଆର ପ୍ରଫେସର୍ ସାହୁଙ୍କ ଶିକ୍ଷାଦାନ, ପ୍ରଶାସନିକ ଦକ୍ଷତା, କର୍ମଚାରୀ ଓ ଛାତ୍ରୀମାନଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଶେଷରେ ପ୍ରଫେସର୍ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ସାମାନ୍ୟ ବର୍ଷାରେ ରାତି ତମାମ ବିଦ୍ୟୁତ ଗାଏବ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକ ଅଂଚଳରେ ସାମାନ୍ୟ ବର୍ଷା ହେଲେ ବିଦ୍ୟୁତ ସେବା ଠପ ହୋଇପଡୁଛି । ତେଣେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନଦେବା ଫଳରେ ବିଦ୍ୟୁତ ବିଛିନ୍ନ ହେବା ଯୋଗୁଁ ଲୋକେ ରାତିତମାମ ଦହଗଞ୍ଜ ଭୋଗୁଛନ୍ତି । ଏବେ ଜାରକା ବିଦ୍ୟୁତ ଉପଖଣ୍ଡରେ ସହକାରୀ ଯନ୍ତ୍ରୀ ନଥିବା ବେଳେ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱରେ ରହିଛନ୍ତି । ହେଲେ କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଅନେକ ସମୟରେ ବିଦ୍ୟୁତ ସେବା ବାଧାପ୍ରପ୍ତ ହେଉଛି । ରାତିରେ ଟିକେ ଶାନ୍ତିରେ ଶୋଇବା ଲାଗି ଲୋକେ ବିଦ୍ୟୁତ ଉପରେ ନିର୍ଭର କରୁଥିବା ବେଳେ ଏବେ ଅଦିନିଆ ସାମାନ୍ୟ ବର୍ଷା ଟିକେ ହେଲେ ରାତି ତମାମ ବିଜୁଳି ବିଛିନ୍ନ ହୋଇ ରହୁଛି । ବିଭାଗୀୟ ଅଧିକାରୀଙ୍କୁ ଫୋନ କଲେ ଏଥିପ୍ରତି ସେ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ବିଦ୍ୟୁତ ତାର ଏବଂ ଖୁଂଟ ଗୁଡିକର ମରାମତି ପାଇଁ ଗତ ଜାନୁଆରୀ ମାସ ଶୀତ ଦିନରେ ୧୦ ଦିନ ବ୍ୟପି ଲଗାତାର ଦିନତମାମ ବିଦ୍ୟୁତ କାଟ କରାଯାଇ ମରାମତି କରାଯାଇଥିଲା । ହେଲେ ଏହି ମରାମତି ନାମକୁ ମାତ୍ର ବୋଲି ଏବେ ଜଣାପଡୁଛି । କାରଣ ବିଗତ ବର୍ଷମାନଙ୍କରେ ବିଜୁଳିର ଏଭଳି ସମସ୍ୟା ଦେଖାଯାଉନଥିବା ବେଳେ ଚଳିତ ବର୍ଷ ଏହା ଚରମସୀମାରେ ପହଁଚିଛି । ବିଗତ ବର୍ଷମାନଙ୍କରେ ଧର୍ମଶାଳା ଫିଡର କେବେବି ରାତିତମାମ ବନ୍ଦ ହୋଇ ରହି ନଥାଏ । ହେଲେ ଚଳିତ ବର୍ଷ ବାରମ୍ବାର ବିଦ୍ୟୁତ ବିଛିନ୍ନ ହୋଇ ରାତିତମାମ ଅନ୍ଧକାର ରହୁଥିବା ଦେଖିବାକୁ ମିଳୁଛି । ବିଦ୍ୟୁତ ବିଭାଗର ଏଭଳି ଅବହେଳାକୁ ଗ୍ରାହକମାନେ ନାପସନ୍ଦ କରିବା ସହ ବିବାଗୀୟ ଉଚ୍ଚ କତୃପକ୍ଷ ଓ ସ୍ଥାନୀୟ ବିଧାୟକ ଏହା ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି ।

# ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ଦୁଷ୍କର୍ମ ପୀଡିତା

ପାଣିକୋଇଲି,(ସବ୍ୟୁ): ମହିଳାଙ୍କୁ ଅଶ୍ଳୀଳ ଭିଡିଓ ଭାଇରାଲର ଧମକ ଦେଇ ବାରମ୍ବାର ଶରୀରିକ ସମ୍ପର୍କ ରଖିବା ଓ ଅଭିଯୋଗ ପରେ ଭରଣ ପୋଷଣର ଦାୟିତ୍ୱ ନେଇ ଫେରାର ହେବା ପରେ ପିଡିତା ଶେଷରେ ନିରାଶ ହୋଇ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ନ୍ୟାୟ ପାଇଁ ଏସପିଙ୍କୁ ଗୁହାରୀ କରିଛନ୍ତି । ପ୍ରକାଶଯେ ଯାଜପୁରରୋଡ ଥାନା ତଥା ଦାନଗଦି ଫାଣ୍ଡି ଅଧିନସ୍ଥ ଧୂଳିଗଡ ଗ୍ରାମର ପ୍ରଣତୀ ଚୌଧୁରୀଙ୍କ ଅଭିଯୋଗ ମୁତାବକ ସର୍ବେଶ୍ୱର ବାରିକଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା । ପ୍ରେମ ସମ୍ପର୍କରୁ ଶରିରୀକ ସମ୍ପର୍କ ପରେ ତାର ଅଜାଣତରେ ସର୍ବେଶ୍ୱର ଅଶ୍ଳୀଳ ଭିଡିଓ ତିଆରି କରିଥିଲା । ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ସର୍ବେଶ୍ୱର ବାଧ୍ୟ କରୁଥିଲା । ପ୍ରଣତୀ ମନା କଲେ ଅଶ୍ଳୀଳ ଭିଡିଓ ଭାଇରାଲର ଧମକ ଦେଇ ସମ୍ପର୍କ ରଖୁଥିଲା । ଶେଷରେ ଅତିଷ୍ଠ ହୋଇ ପ୍ରଣତୀ ଦାନଗଦି ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲା । ଫାଣ୍ଡିରେ ଉଭୟଙ୍କ ମଧ୍ୟରେ ସମାଧାନ ହୋଇଥିଲା । ସମାଧାନ ମୁତାବକ ପ୍ରଣତୀକୁ ରଖି ତାର ସମସ୍ତ ଦାୟିତ୍ୱ ଦେବ ବୋଲି ଲିଖିତ ପ୍ରତିଶୃତି ଦେଇଥିଲା । ହେଲେ ଉଭୟେ ରହିବାର ଗୋଟେ ଦିନ ପରେ ସର୍ବେଶ୍ୱର ପ୍ରଣତୀକୁ ଛାଡି ଫେରାର ହୋଇଯାଇଥିଲା । ଏନେଇ ଫାଣ୍ଡି ଓ ଥାନାକୁ ଦୌଡି ନିରାଶ ହେବା ପରେ ପ୍ରଣତୀ ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହୋଇଛି ।

# ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ବଡ ତ୍ରିଲୋଚନପୁର (ମକୁନ୍ଦିବିନ୍ଧ)। ଗ୍ରାମର ଜଣେ ସାଇକେଲ ଆରୋହୀ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ପ୍ରକାଶଯେ ଗ୍ରାମର ଲକ୍ଷ୍ମୀଧର ମାଝୀ (୫୦) ରବିବାର ଅପରାହ୍ନ ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ସାଇକେଲ ଯୋଗେଁ ଘରକୁ ଫେରୁଥିବା ବେଳେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ମାନେ ତାଙ୍କୁ ଉଦ୍ଧାର କରି ଯାଜପୁର ମୂଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ନାରାୟଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର,(ସବ୍ୟୁ): ରଘୁନାଥପୁର ବ୍ଲକ ତାରପୁର ଗ୍ରାମ ମହାନଦୀ ତଟରେ ଅବସ୍ଥିତ ମା ନାରାୟଣୀ ପୀଠରେ ଗତ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ୫ଦିନ ବ୍ୟାପି ୪୪ ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ରବିବାର ସମ୍ପର୍ନ୍ନ ହୋଇଯାଇଛି।ଗ୍ରାମବାସୀଙ୍କ ସହଯୋଗ ତଥା ନାରାୟଣୀ ପରିଚାଳନା କମିଟି ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଏହି ଅବସରରେ କଳସ ଯାତ୍ରା,ଘଟ ସ୍ଥାପନ, ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ,ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିସେକ,ଚଣ୍ଡୀପାଠ ଓ ଆହୁତି ପ୍ରଦାନ କରାଯାଇଥିଲା।ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ପ୍ରବଚନ ଓ ସହ ଲଉଡି ଖେଳ ଅନୁଷ୍ଠିତ ହୋଇଥିଲା। ଏହାଛଡା ଅଷ୍ଟପ୍ରହର ନାମଯଜ୍ଞ ମଧ୍ୟ ହୋଇଥିଲା।ଛପୂର୍ଣ୍ଣାହୁତିରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଦର୍ଶନାର୍ଥି ପୀଠରେ ପହଞ୍ଚି ମାଙ୍କ ଶରଣାପନ୍ନ ହୋଇଥିଲେ। ପୀଠ କମିଟି ପକ୍ଷରୁ ସମସ୍ତ ଆଗନ୍ତୁକଙ୍କ ପାଇଁ ପ୍ରାସାଦ ସେବନର ବ୍ୟବସ୍ଥା କରାଯାଇଥିଲା।ରଘୁନାଥପୁର ପୋଲିସ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା କାର୍ଯ୍ୟରେ ନିୟୋଜିତ ଥିଲେ।

# ଆଦର୍ଶ ଶିକ୍ଷକ ନୀଳମଣିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ବାଲିଚନ୍ଦ୍ରପୁର,(ସବ୍ୟୁ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ବାହାଦୁରନଗର ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ନୀଳମଣି ସାମଲଙ୍କ ଏକାଦଶାହ ଅବସରରେ ତାଙ୍କ ବାହାଦୁରନଗରସ୍ଥ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷାବିତ୍ ଡ଼ଃ ଭାଗ୍ୟଧର ସାହୁଙ୍କ ସଂଚାଳନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାକୁ ବର୍ଷିୟାନ ଶିକ୍ଷକ ଉମାକାନ୍ତ ବଳ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ। ସ୍ୱର୍ଗତ ସାମଲ ବଡ଼ଚଣାର ପୂର୍ବତନ ବିଧାୟକ ମାନଗୋବିନ୍ଦ ସାମଲଙ୍କ ଜାମାତା ଅଟନ୍ତି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ବଡ଼ଚଣା ବିଧାୟକ ଅମର ନାୟକ, ବିଜେଡ଼ି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଜାନି ପ୍ରଧାନ, ଯୁବକଂଗ୍ରେସ ନେତା ସନ୍ତୋଷ କୁମାର ବଳ, ଅଧ୍ୟାପକ ଡ଼ଃ ଯଚିନ୍ଦ୍ର କୁମାର ରାଉତ, ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ସେନାପତି, ପ୍ରାକ୍ତନ ବ୍ଲକ ବିଜେଡ଼ି ସଭାପତି ଅରବିନ୍ଦ ସାମଲ, ପ୍ରାକ୍ତନ ଜିଲ୍ଲା ପରିଷଦ ବିପିନ ବିହାରୀ ଜେନା, ଶାରଦା ପ୍ରସନ୍ନ ମହାନ୍ତି, ପ୍ରାକ୍ତନ ଉପାଧ୍ୟକ୍ଷ ପଞ୍ଚାନନ ଧଳ, ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର କୁମାର ସାମଲ, ବିଳାସ ଚନ୍ଦ୍ର ବାରିକ, ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ବଡ଼ଚଣା ବ୍ଲକ ଶିକ୍ଷକ ସଂଘ ନେତା ଦୟାନିଧି ସାମଲ, କମ୍ରେଡ଼ ଇଶ୍ୱର ପରିଡ଼ା, କଳିଙ୍ଗ ଭାରତୀ ବିଦ୍ୟାଳୟ ପ୍ରତିଷ୍ଠାତା ମନୋଜ କୁମାର ପରିଡ଼ା, ଗୋପିନାଥ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀଲ୍ଲିପ କୁମାର ଦାସ, ଶୈଳେନ୍ଦ୍ରନାରାୟଣ ରାୟ, ଅନିଲ କୁମାର ବଳ, ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ, ଭକ୍ତ ଚରଣ ସାହୁ, ପ୍ରେସ୍‌କ୍ଲବ ବାଲିଚନ୍ଦ୍ରପୁର ସଭାପତି ପ୍ରକାଶ କୁମାର ସାମଲ, ସଭାପତି ଅଜୟ ପ୍ରତାପ ସିଂହ, ଅମରେନ୍ଦ୍ର ସିଂହ, ପ୍ରକାଶ ଚନ୍ଦ୍ର ସାମଲ, ପ୍ରବାସ କୁମାର ଦାଶ, ପ୍ରଫୁଲ୍ଲ କୁମାର ପଣ୍ଡା, ଅଜୟ କୁମାର ଦାଶ, ପ୍ରକାଶ କୁମାର ସିଂହ, ଅନନ୍ତ ସିଂହ, ବସନ୍ତ ସାମଲ, ଆଲୋକ ପ୍ରଧାନ, ସାମ୍ବାଦିକ ଏକାଦଶୀ ସେଠୀ, ସଂଜିତ୍ କୁମାର ସାମଲ, ସତ୍ୟାନନ୍ଦ ମଲ୍ଲିକ, ବିକ୍ରମ କେଶରୀ ପ୍ରଧାନ, ଦୀଲ୍ଲିପ କୁମାର ସାହୁ, ସେକ୍ ଇକ୍‌ବାଲ ହୁସେନ୍, ସଂଜିତ କୁମାର ସାମଲ, ନିବାରଣ ସାହୁ, ସୁରେନ୍ଦ୍ର ସାମଲ, ପ୍ରାକ୍ତନ ଜିଲ୍ଲା ଯୁବକଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ବ୍ଲକ ବିଜେଡ଼ି ସଭାପତି ତାପସ ରାୟ, ପ୍ରାକ୍ତନ ସମିତି ସଭ୍ୟ ସେକ୍ ମୋଇନ ଅହେମ୍ମଦ, ଚାରିନଙ୍ଗଳ ବିଜେଡ଼ି ସଭାପତି ଗୋଲାମ କିବିରିଆ ଖାଁ, ସେକ୍ କୋତବୁଦ୍ଦିନ୍ ଖାଁ, କୋଲଣଗିରି ସରପଞ୍ଚ ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ନିରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ସାମାଜସେବୀ ଉମେଶ କୁମାର ସାମଲ, ରଞ୍ଜନ କୁମାର ସାମଲ, ଦୂର୍ଯ୍ୟଧନ ପ୍ରଧାନ, ବିଭୁଶଙ୍କର ପୃଷ୍ଟି, ପ୍ରଦୀପ୍ତ କୁମାର ସାମଲ, ରବୀନ୍ଦ୍ରନାଥ ସାମଲ, ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ପରିବେଶ ବିତ୍ କ୍ଷୀରେଦ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଅଶୋକ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ନୀଳମଣିଙ୍କ ସୁପୁତ୍ର ସାମ୍ବାଦିକ ଉତ୍କଳ କେଶରୀ ସାମଲ ଓ ସାନପୁର ପ୍ରଦ୍ୟୋତ କେଶରୀ ସାମ. ରଞ୍ଜିତ କୁମାର ସାମଲ, ବିଜୟ କୁମାର ସାମଲ, କମଳ କୁମାର ମହାପାତ୍ର, ସୁଧାଂଶୁ ଶେଖର ସାମଲ, ଅର୍ଦ୍ଧେନ୍ଦୁ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।।

# ଅଗ୍ନିକାଣ୍ଡ ବିପନ୍ନଙ୍କୁ ପୁଲିସର ସହାୟତା

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅର୍ନ୍ତଗତ ମୂଳାପାଳ ପଂଚାୟତର ବରପଦା ଗ୍ରାମରେ ଅନାମ ଖଟୁଆଙ୍କ ଘରେ ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଅନାମଙ୍କ ସ୍ତ୍ରୀ ଲକ୍ଷ୍ମୀ ଜୀବନ୍ତ ଦଗ୍ଧ ହେବା ସହ ପରଦିନ ଆକ୍ରାନ୍ତ ଅନାମର କଟକରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ନାତି ଅଶୋକ ଅର୍ଦ୍ଧଦଗ୍ଧ ଅବସ୍ଥାରେ କଟକ ବଡ ମେଡିକାଲରେ ଚିକିତ୍ସିତ ଅଛନ୍ତି । ଗୋଟିଏ ପଟେ ଘରପୋଡି ଯାଇ ବିପନ୍ନ ଥିବା ଅନାମଙ୍କ ପୁଅ ଅଭିମନ୍ୟୁ ପରିବାର ବାପ ମାଙ୍କୁ ହରାଇଥିବା ବେଳେ ପୁତ୍ର ଅଶୋକ ଏବେ କଟକ ଡାକ୍ତରଖାନାରେ ଚକିତ୍ସାଧିନ ଅଛି । ଅଗ୍ନିକାଣ୍ଡରେ ସମସ୍ତ ଆସବାସ ପତ୍ର, ଧାନ, ଚାଉଳ, ଟଙ୍କା ପୋଡି ଯାଇଥିବା ବେଳେ ଘରେ ଖାଇବାକୁ ଦାନା ମୁଠାଏ ନାହିଁ । ଏପରି ଦୟନୀୟ ପରିସ୍ଥିତିରେ ଥିବା ଅଭିମନ୍ୟୁ ପରିବାରକୁ ସହାୟତାର ହାତ ବଢାଇଛି ପାଣିକୋଇଲି ପୁଲିସ । ଥାନାଧିକାରୀ ରଂଜିତ କୁମାର ମହାନ୍ତି ଆଜି ମଧ୍ୟାନ୍ନରେ ବରପଦା ପହଂଚି ଶୋକସନ୍ତପ୍ତ ପରିବାରକୁ ଭେଟିଛନ୍ତି । ଚାଉଳ, ଚୁଡା, ଚିନି, ବିସ୍କୁଟ, ଆଳୁ ଆଦି ନେଇ ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ଚଳିବାର ବ୍ୟବସ୍ଥା କରିଛନ୍ତି । ସମିତିସଭ୍ୟ ମଧୁସୂଦନ ନନ୍ଦୀ, ପୂର୍ବତନ ସରପଂଚ ନିରଂଜନ ନାୟକ, ଗୋଲକ ମାଝୀ ସମେତ ଗ୍ରାମାବସୀମାନେ ଉପସ୍ଥିତ ରହି ପରିବାରକୁ ସମବେଦନା ଜଣାଇବା ସହ ବିପନ୍ନ ପରିବାକୁ ତୁରନ୍ତ ସରକାରୀ ସହୟତା, ବାସଗୃହ ଯୋଗାଇଦେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ମୁଗୁପାଳ ଉଚ୍ଚ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଚଳିତ ମାଟ୍ରିକ ପରୀକ୍ଷା ସତ ପ୍ରତିଶତ ସଫଳତା ଲାଭ କରିଛି । ବିଦ୍ୟାଳୟର ୩ ଜଣ ଛାତ୍ର ଛାତ୍ରୀ ଏ– ୧ ୫ ଜଣ ଛାତ୍ର ଛାତ୍ରୀ ,ଏ– ୨ ୧୭ ଜଣ ବି –୧ କ୍ରମରେ ଶତପ୍ରତିଶତ ସଫଳତା ଲାଭ କରିଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହମୟୀ ଜେନା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କୃତୀ ଛାତ୍ର ଛାତ୍ରୀ ଜ୍ୟୋର୍ତିମୟୀ ସାହୁ ୫୫୪, ଯୋଗେଶ କୁମାର ସାହୁ ୫୫୨, ଆତ୍ମଜିତ ଷଡ଼ଙ୍ଗୀ ୫୪୪ଓ ଅନ୍ୟ ସମସ୍ତଙ୍କୁ ମିଠା ଖୁଆଇ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା ।ବିଦ୍ୟାଳୟ ର ଆଲମୁନି ପ୍ରମୋଦ କୁମାର ଦାଶ ଶ୍ୟାମ ସୁନ୍ଦର ଦାଶ ସମିତି ସଭ୍ୟ ନରୋତ୍ତମ ସାହୁ ଓ ଗ୍ରାମବାସୀ ଶିକ୍ଷକ ଉପସ୍ଥିତ ରହି କୃତୀ ଛାତ୍ର ଛାତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଶିକ୍ଷକ ବିଷ୍ଣୁ ଚରଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଟାଇକୋଣ୍ଡ ଚମ୍ପିଆନସିପର ଷଷ୍ଠ ସଂସ୍କରଣ




କେନ୍ଦ୍ରାପଡ଼ା,(ସ୍ୱପ୍ର):ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରା ଚକଡା ଗ୍ରାମପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ଟାଇକୋଣ୍ଡ ଚମ୍ପିଆନସିପର ଷଷ୍ଠ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ତିନି ଗୋଟି ଏକାଡେମୀରୁ ସର୍ବ ମୋଟ ୭୦ ଜଣ ବାଳକ ବାଳିକା ଅଂଶଗ୍ରହଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେରାବିଶ ଥାନା ଅଧିକାରୀ ସରୋଜ କୁମାର ସାହୁ, ଶିଖିବିଦ୍ଧ ଜୟନ୍ତ ବଳ, ଟାଇକୋଣ୍ଡ ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ,ସମାଜ ସେବୀ ରଞ୍ଜନ ନାୟକ,ହରେକୃଷ୍ଣ ନାଥ , ଆଶିଷ କୁମାର ନାୟକ,ଏସ୍କେ ଜାଫି ରୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନେ ୪୫ ଗୋଟି ସ୍ୱର୍ଣ୍ଣ ପଦକ,୨୦ ରୋପ୍ୟ ଓ ୧୫ ଗୋଟି କାଂସ୍ୟ ପଦକ ହାସଲ କରିଥିଲେ ଛ ଏଥିରେ ନିଞ୍ଜାସ ଟାଇକୋଣ୍ଡ ଏକାଡେମୀ ଚମ୍ପିୟାନ ହୋଇଥିବା ବେଳେ ସିଙ୍ଘମ ଟାଇକୋଣ୍ଡ ଏକାଡେମୀ ଓ କମାଣ୍ଡୋ ଟାଇକୋଣ୍ଡ ଏକାଡେମୀ ରନରସ ଅପ ହୋଇଥିଲା । ଏଥି ନେଇ ଜିଲ୍ଲା ଟାଇକୋଣ୍ଡ ସଂଘ ସଭାପତି ନରେଶ କୁମାର ବାରିକ, ସମ୍ପାଦକ ବିବେକାନନ୍ଦ ସାମଲ, କୋଷାଧ୍ୟକ୍ଷ ଏସ୍ କେ ତଫିରୁଦ୍ଦିନ, କୋଚ୍ ମ୍ୟାନେଜର ସୁସାନ୍ତ କୁମାର ସାହୁ, ଜିଲ୍ଲା ଟାଇକୋଣ୍ଡ ସଂଘର ସମ୍ପାଦକ ବିବେକାନନ୍ଦ ସାମଲ ପ୍ରମୁଖ କୃତି ଛାତ୍ର ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ଏ–୧ ରେ ପାସ୍ କଲେ ଶ୍ରୀ ଅରବିନ୍ଦ ଶିକ୍ଷକେନ୍ଦ୍ରର ଛାତ୍ର



ଦାନଗଦ, (ସବ୍ୟୁ) : ରବିବାର ସମ୍ବର୍ଦ୍ଧନା ଉତ୍ସବ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରି ଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୁଚନା ମୁତାବକ ଗତ ମାଟ୍ରିକ ପରୀକ୍ଷାରେ ଏହି ଶିକ୍ଷାକେନ୍ଦ୍ରର ସମୁଦାୟ ୪୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ଏ–୧ରେ ୧ଜଣ, ଏ–୨ରେ ୯ଜଣ, ବି–୧ରେ ୨୦ ଜଣ, ବି–୨ରେ ୮ଜଣ ଓ ସି ରେ ୩ ଜଣ ପାଶ୍ କରିଛନ୍ତି ।ଏହି ବିଦ୍ୟାଳୟର ଛାତ୍ର ଜୟଦେବ ଓଝା ୫୫୦ ନମ୍ବର ରଖି ଏ–୧ରେ ପାଶ୍ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ। ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟକ୍ଷ ବିଜୟ ପଲେଇ, ପରିଚାଳନା କମିଟିର ସମ୍ପାଦକ ସୁଶାନ୍ତ ସାହୁ, ପୂର୍ବତନ ଅଧ୍ୟକ୍ଷ ଯୋଗିନାଥ ବରାଳ, ବାଇନ ସାହୁ, ଅଜୟ ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଅପା,ଭାଇ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ନଦୀରୁ ବେଆଇନ ବାଲି ମାଟି ଚୋରା ଚାଲାଣ

# ସରକାରଙ୍କ ବିପୁଳ ରାଜସ୍ୱ ହାନୀ

ନିମାପଡା,(ସବ୍ୟୁ) : ନଦୀ ଘାଟ ସବୁ ନିଲାମ ହୋଇନଥିବା ବେଳେ ନିମାପଡା ତହସିଲ ଅନ୍ତର୍ଗତ କୁଶଭଦ୍ରା ନଦୀର ବିଭିନ୍ନ ସ୍ଥାନରୁ ଦୈନିକ ଶହ ଶହ ଟ୍ରିପ ବାଲି,ମାଟି ଚୋରା ଚାଲାଣ ହେଉଛି । ଫଳରେ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱ ହାନୀ ଘଟୁଥିବା ନେଇ ଅଭିଯୋଗ ହେଉଛି । ସତେ ଯେମିତି କୁଶଭଦ୍ରା ନଦୀ ବାଲି ମାଫିଆ ମାନଙ୍କ ଭୂ-ସ୍ୱର୍ଗ ପାଲଟିଛି । ତେଣୁଅଁ, ଆଳିପିଙ୍ଗଳ, ଝାମ୍ପୁଲାକୁଦ,ଧିରପୁର,ପାଟପୁର,ଦିଘାଳୋ ଆଦି ସ୍ଥାନରେ ହାଇୱା, ଟ୍ରାକ୍ଟର ଆଦି ଗାଡି ଯାତାୟତ ପାଇଁ କୁଶଭଦ୍ରା ନଦୀ ବନ୍ଧକୁ ସମତୁଲ କରି ବାଲି ମାଫିଆ ମାନେ ଦୈନିକ ଶହ ଶହ ଟ୍ରିପ ବାଲି ମାଟି ତାଡି ବିକ୍ରି କରିଆସୁଛନ୍ତି । ନଦୀ ବନ୍ଧ ଦୁର୍ବଳ ହେବାରେ ଲାଗିଛି । ଏପରିକି ମୁଖ୍ୟ ସଡକ ଏବଂ ଗାଁ ଗହଳି ରାସ୍ତା ପାର୍ଶ୍ୱରେ ମାଫିଆ ମାନେ ଶହ ଶହ ଟ୍ରିପ ବାଲି ଗଦାଇ ପରେ ଟ୍ରାକ୍ଟରରେ ଲୋଡ କରି ବିକ୍ରି କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପୁଲିସ ସବୁ ଜାଣି ଚୁପ ହୋଇ ବସିରହୁଥିବା ନେଇ ଅଭିଯୋଗ ହେଉଛି । ନିମାପଡା ବଜାର ରାସ୍ତାରେ ସକାଳ ଠାରୁ ରାତି ପର୍ଯ୍ୟନ୍ତ ହାଇୱା,ଟ୍ରାକ୍ଟରରେ ବାଲି ମାଟି ଓଭର ଲୋଡିଂ କରାଯାଇ ତା ଉପରେ ପାଲ ପକାନଯାଇ ଖୋଲାରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି । ସକାଳ ୮ଟାରୁ ରାତି ୯ ଟା ପର୍ଯ୍ୟନ୍ତ ନିମାପଡା ବଜାର ଦେଇ ହାଇୱା ଗାଡିଗୁଡିକର ଚଳପ୍ରଚଳ ଉପରେ ନିମାପଡା ପୁଲିସ କଟକଣା ଲଗାଇଥିଲେ ମଧ୍ୟ ତାହାକୁ ସେମାନେ ଆଦୌ ଖାତିର କରୁନଥିବା ଦେଖିବାକୁ ମିଳୁଛି । ମାଫିଆ ମାନେ ଡ୍ରୋଜର ସହାୟତାରେ ନଦୀ ଭିତର ଓ ପଠାରୁ ୫ରୁ ୧୦ ଫୁଟ ଖୋଳି ବାଲି ମାଟି ତାଡି ନେଉଥିବାରୁ ବଡ ବଡ ଖାଲ ହୋଇ ଯାଉଛି । ଖାଲି କୁଶଭଦ୍ରା ନଦୀ ନୁହେଁ ଦେବୀ ନଦୀର ଶିଖର ଘାଟରୁ ବେଆଇନ ଭାବେ ବାଲି ଚାରିଛକ ଓ ନିମାପଡା ବଜାର ଦେଇ ହାଇୱାରେ ଚାଲାଣ ହେବା ନିତିଦିନିଆ ଘଟଣା ହୋଇଛି । ଖଣି ବିଭାଗର ଅଧିକାରୀ ମାନେ ମଝିରେ ମଝିରେ କେବଳ ଲୋକଦେଖାଣିଆ ଚଢାଉ କରି ଚୁପ ହୋଇ ବସିଯାଉଥିବା ନେଇ ଅଭିଯୋଗ ହେଉଛି । ଖଣି ବିଭାଗ,ସ୍ଥାନୀୟ ତହସିଲ ଓ ପୁଲିସ ବେଆଇନ ବାଲି ଚାଲାଣକୁ ବନ୍ଦ କରିବାକୁ କାହିଁକି ସେଭଳି ତତ୍ପରତା ଦେଖାଉନି ତାହାକୁ ନେଇ ନଦୀ କୂଳିଆ ବାସୀଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି । ଏଥିପ୍ରତି ବିଭାଗୀୟ ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

## ମିଥ୍ୟା ପରିଚୟ ପତ୍ର ଦେଇ ବୁଣାକାରଙ୍କ ନାମରେ ୩୩ କୋଟି ଚଳୁ

# ସୂଚନା ତଥ୍ୟ ଲୁଚାଉଛନ୍ତି ବିଭାଗୀୟ ଅଧିକାରୀ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

ଆଠଗଡ଼ ,(ସବ୍ୟୁ) : ଯିଏ ପାରିଲା ସିଏ ନେଲା। ଗୋଟିଏ ପରିବାରରୁ ଦୁଇ ତିନି ଜଣ ମଧ୍ୟ ନେଇଛନ୍ତି। କିନ୍ତୁ ପ୍ରକୃତ ହିତାଧିକାରୀଙ୍କୁ ନାହିଁ। ଏମିତି ବେଧଡକ ଲୁଟ୍ ର ସାହାଣମେଲା ଚାଲିଛି ଆଠଗଡ଼ ବୟନ ଶିଳ୍ପ କାର୍ଯ୍ୟାଳୟରେ। ଆଠଗଡ଼ ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ ରେ ଏମିତି ରହିଛି ମାଳମାଳ ଅଭିଯୋଗ। ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ତଥ୍ୟ ଲୁଚାଇବା କିମ୍ବା ଭୁଲ୍ ତଥ୍ୟ ଦେଇ ହିତାଧିକାରୀଙ୍କୁ ଭ୍ରମିତ କରୁଛନ୍ତି ଦାଇତ୍ୱ ରେ ଥିବା କର୍ମଚାରୀ। ବୁଣାକାରମାନଙ୍କୁ ବୟନ ଜ୍ୟୋତି ଯୋଜନା ରେ ଭୁଆଁ ବୁଲାଉଛନ୍ତି କାର୍ଯ୍ୟାଳୟ ରେ ଥିବା ଅଧିକାରୀ ଏବଂ କର୍ମଚାରୀ। ସରକାରୀ ତଥ୍ୟରେ ଆଠଗଡ଼ ବୟନଶିଳ୍ପ ମଣ୍ଡଳ ଅଧିନରେ ଥିବା ଆଠଗଡ଼ ତିଗିରିଆ ବଡ଼ମ୍ବା ନରସିଂହପୁର ଏବଂ ବାଙ୍କୀ ଉପଖଣ୍ଡ ବାଙ୍କୀ ଏବଂ ଡମପଡା ବ୍ଲକର ୫୧ ଟି ସମବାୟ ସମିତିରେ ରହିଛନ୍ତି ୧୬୫୦୦ ପଞ୍ଜିକୃତ ବୁଣାକାର। ବୟନ ଜ୍ୟୋତି ଯୋଜନାର ବୁଣାକାରମାନଙ୍କ ପାଇଁ ଆସୁଥିବା ଇନଭରଟର କିନ୍ତୁ ଦିଆ ଯାଇଛି ୨୦ ହଜାର ଜଣଙ୍କୁ। ଏଥି ପାଇଁ ଆବେଦନ କରିବାକୁ ଥିବା କାଗଜପତ୍ର ଭିତରେ ଏକ ସତ୍ୟପାଠ,ଆୟ ପ୍ରମାଣପତ୍ର, ବୁଣାକାର ପ୍ରମାଣପତ୍ର,ଆଧାର କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ। ଏହି ଯୋଜନାର ହିତାଧିକାରୀ ଥିବା ଅଧିକାଂଶଙ୍କର ଆଧାର କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଛାଡି ଦେଲେ ବାକି ସବୁ ନକଲି ବୋଲି ଅଭିଯୋଗ ହୋଇଛି। ଏଥିପାଇଁ ମିଳୁଥିବା ୧୭୫୦୦ ଟଙ୍କା ମଧ୍ୟ ରୁ ଦଲାଲ ଏବଂ କର୍ମଚାରୀ ଙ୍କ ଭାଗ ୫୦୦୦ ବୋଲି ଅଭିଯୋଗ ହୋଇଛି। ବାକି ସବୁ ସେହି ନକଲି ହିତାଧିକାରୀ ପାଉଛନ୍ତି।ଏ ସମ୍ପର୍କରେ ତଥ୍ୟ ମାଗିଲେ ଅଧିକାରୀ ଏବଂ କର୍ମଚାରୀ ତଥ୍ୟ ଲୁଚାଇବା ଏବଂ ଭୁଲ୍ ତଥ୍ୟ ଦେଇ ପ୍ରକୃତ ହିତାଧିକାରୀଙ୍କୁ ଭ୍ରମିତ କରୁଥିବା ଅଭିଯୋଗ ହୋଇଛି।ଏ ବାବଦରେ ବର୍ତ୍ତମାନ ସୁଦ୍ଧା ୩୩ କୋଟି ଟଙ୍କା ରୁ ଊର୍ଦ୍ଧ୍ୱ ହେରଫେର ହୋଇ ଥିବା ଜଣାପଡିଛି। ବୁଣାକାର ପଞ୍ଜିକରଣ ସମୟରେ ଦାଇତ୍ୱରେ ଥିବା କର୍ମଚାରୀ ଟାଳଟୁଳ ନୀତି ଅବଲମ୍ବନ କରି ପ୍ରକୃତ ହିତାଧିକାରୀଙ୍କୁ ଅଣଦେଖା କରିବା ଏବଂ ଏ ବାବଦରେ ଖର୍ଚ୍ଚ ଦେଲେ ପଞ୍ଜିକରଣ ହେଉଥିବା ଅଭିଯୋଗ ହେଉଛି। ସେହିପରି ତନ୍ତ ଏବଂ ସରଞ୍ଜାମ ଯୋଗାଣରେ ମଧ୍ୟ ଘୋଟାଲା ହୋଇଥିବା ଜଣାପଡିଛି। ସରକାରୀ ସ୍ତରରେ ତନ୍ତ କିଣା ନ ଯାଇ ଏଥି ପାଇଁ ଠିକାଦାର ନିଯୁକ୍ତି ହେଉଛନ୍ତି। ଗୋଟିଏ ତନ୍ତ ପାଖରେ ଫଟୋ ଉଠାଇ ଏଥିପାଇଁ ମିଳୁଥିବା ୫୦ ହଜାର ଟଙ୍କାରୁ ହିତାଧିକାରୀଙ୍କୁ କିଛି ଦେଇ ବାକି ସବୁ ଚଳୁ ହେଉଥିବା ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ବୁଣାକାର ମାନଙ୍କ ପାଇଁ ଘର ଯୋଜନା ରେ ମିଳୁଥିବା ୧ ଲକ୍ଷ ୨୦ ହଜାର ଟଙ୍କାରୁ ମଧ୍ୟ ଦଲାଲକୁ ହାତ କରି କର୍ମଚାରୀ ଭାଗ ମାରୁଥିବା ଅଭିଯୋଗ ହୋଇଛି।ଏ ବାବଦରେ ଆଠଗଡ଼ ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକ ଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବା ପରେ ବୟନଶିଳ୍ପ ନିର୍ଦ୍ଦେଶକ ଙ୍କ ନିକଟରେ ସିଧାସଳଖ ଅଭିଯୋଗ କରା ଯାଇଥିଲା। ଶନିବାର ଦିନ ବୟନଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ ଆଠଗଡ଼ ଆସି ହିତାଧିକାରୀ ଙ୍କ ସହିତ ସିଧାସଳଖ ଏ ବାବଦରେ ଆଲୋଚନା କରିଥିଲେ। ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ନାଏକ ଙ୍କ ଉପସ୍ଥିତି ରେ ହିତାଧିକାରୀମାନେ ସେମାନଙ୍କ ଅଭିଯୋଗ ଲିଖିତ ଭାବରେ ଜଣାଇଥିବା ବେଳେ ଏ ବାବଦରେ ଘୋଟାଲା ହୋଇ ଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଛି ବୋଲି କୁହାଯାଇଛି। ଆଗାମୀ ଦିନରେ ଏ ବାବଦରେ ଅଧିକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି କାର୍ଯ୍ୟାଳୟ ରେ କର୍ମଚାରୀ ଅଭାବରୁ ଠିକା ରେ ବାହାରୁ ଆଣି କାମ କରୁଥିବା କର୍ମଚାରୀଙ୍କ ଠିକା ନବୀକରଣ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରା ଯାଉଛି।ଏ ବାବଦରେ ଉକ୍ତ କର୍ମଚାରୀ ମାନେ ବିଭାଗୀୟ ଅଧିକାରୀଙ୍କ ସହିତ ଆଠଗଡ଼ ଉପଜିଲ୍ଲାପାଳ ଙ୍କୁ ଲିଖିତ ଭାବରେ ଅଭିଯୋଗ କରିଥିଲେ ମଧ୍ୟ କାହା ସ୍ୱାର୍ଥରେ ସେମାନଙ୍କ ଠିକା ନବୀକରଣ ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପ୍ରଧାନଶିକ୍ଷକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା



ବାଙ୍କୀ,(ସବ୍ୟୁ) : ଦୀର୍ଘ ୩୦ବର୍ଷ କାଳ ଶିକ୍ଷକତା ଯେଉଁ ବିଦ୍ୟାଳୟରେ ଆରମ୍ଭ କରିଥିଲେ ଶେଷରେ ସେହି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକଙ୍କୁ ଭାବବିହ୍ୱଳ ବିଦାୟ ଦେଇଛନ୍ତି ପାଥପୁର ଗ୍ରାମବାସୀ। କଟକ ଜିଲ୍ଲା ବାଙ୍କୀ ବ୍ଲକ୍ ଅନ୍ତର୍ଗତ ବରପୁଟ ଗ୍ରାମ ପଞ୍ଚାୟତର ପାଥପୁର ପ୍ରାଥମିକ ବିଦ୍ୟାଳୟରେ ୧୯୯୪ ମସିହାରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇକାର୍ଯ୍ୟ ଆରମ୍ଭ କରିଥିବା ପ୍ରଧାନଶିକ୍ଷକ ଅଶୋକ କୁମାର କର ଏପ୍ରିଲ ୩୦ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି।ଏହି ଅବସରରେ ପୂର୍ବତନ ସରପଞ୍ଚ ତଥା ପ୍ରତିଷ୍ଠାତା ସଦସ୍ୟ ରଘୁନାଥ ସ୍ୱାଇଁ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା। ସଭାରେ କମିଟି ସମ୍ପାଦକ କାଶୀନାଥ ସ୍ୱାଇଁ, ଉପଦେଷ୍ଟା କମିଟି ସଦସ୍ୟ ମୂରଲୀଧର ସ୍ୱାଇଁ, ବରପୁଟ ଗ୍ରାମ ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ମିଶ୍ର, ଉପସ୍ଥିତ ରହି ପ୍ରଧାନ ଶିକ୍ଷକ ଶ୍ରୀ କରଙ୍କ ଶିକ୍ଷକତା ତଥା କାର୍ଯ୍ୟଶୈଳି ସଂପର୍କରେ ଆଲୋକପାତ କରିଥିଲେ। ବିଦାୟ କାଳୀନ ସଭାରେ ବହୁ ପୁରାତନ ଛାତ୍ରଛାତ୍ରୀ ଗୁରୁଙ୍କୁ ଗୁରୁ ଦକ୍ଷିଣା ଦେଇଥିଲେ।ଗ୍ରାମବାସୀମାନେ ସ୍ୱର୍ଣ୍ଣ ମୁଦି ଉପହାର ପ୍ରଦାନ କରିଥିଲେ। ସଭାରେ ବାବା ବିରଞ୍ଚି,ଦାସ, ତ୍ରିନାଥ ବେହେରା, ଶିକ୍ଷକ ମାନସ ବିଶ୍ୱାଳ, ଶିକ୍ଷକ ଦିବ୍ୟାଲୋଚନ ମହାପାତ୍ର, ସି ଆରସି ସିମିଟୁ ବେହେରା, ସଚଳା ଦେବୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦାସଛ ପାଥପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସୌମ୍ୟ ରଂଜନ ତ୍ରିପାଠୀ, ଶରତ କୁମାର ଜେନା, ଲକ୍ଷ୍ମଣ ଦେଉରୀ, ରୋହିଦାସ ମୁଣ୍ଡା, ପ୍ରମୁଖ ଉପସ୍ଥିତ ରହି ପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଛାତ୍ର ଛାତ୍ରୀ ଓ ଗ୍ରାମବାସୀମାନେ ପ୍ରଧାନ ଶିକ୍ଷକ ଅଶୋକ କୁମାର କରଙ୍କୁ ତାଙ୍କ ପୈତୃକ ଗ୍ରାମ ବୈଦେଶ୍ୱର୍‌ରେ ନେଇ ବିଦାୟ ଦେଇ ଆସିଥିଲେ। ଚାକିରି ଆରମ୍ଭ ଏଇଠୁ ଶେଷ ମଧ୍ୟ ହେଲା ଏଇଠୁ, ଯଦିଓ କାର୍ଯ୍ୟକାଳ ମଧ୍ୟରେ କାହା ମନରେ କେବେ ବି ଦୁଃଖ ଦେଇଥିବି ତେବେ କ୍ଷମା କରିଦେବେ ଦୁଇ ଧାର ଲୁହ ଗଡାଇଥିଲେ ଅବସର ନେଉଥିବା ପ୍ରଧାନ ଶିକ୍ଷକ ଶ୍ରୀ କର। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକଙ୍କ ସ୍ଥାନରେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ସଭା ତରଫରୁ ନିବେଦନ କରିଥିଲେ।

## ଭୁଲ୍ ତୋର ଭୋଗୁଛି ମୁଁ, ନାଟକ ମଞ୍ଚସ୍ଥ

ଆଠଗଡ଼ ,(ସବ୍ୟୁ) : ଉତ୍ତର ବାଙ୍କୀ ବ୍ଲକ କଦଳୀ ବାଡି ଗ୍ରାମ ରେ ସାମାଜିକ ନାଟକ ଭୁଲ୍ ତୋର ଭୋଗୁଛି ମୁଁ ମଞ୍ଚସ୍ଥ ହୋଇ ଯାଇଛି।ନାଟ୍ୟକାର ଦୀପକ ଜେନା ଙ୍କ ରଚିତ ଏବଂ ବୁଲୁ ବିଶ୍ୱାଳ ଙ୍କ ନିର୍ଦ୍ଦେଶନାରେ କଦଳୀ ବାଡି ଗୋପବନ୍ଧୁ ଡ୍ରାମାଟିକ କ୍ଲବ୍ ଦିବ୍ୟ ଶଙ୍କର ନାଥ, ସ୍ମୃତି ରଞ୍ଜନ ନାଥ,ଭୁବନ ପ୍ରଧାନ,ବିଦୁଷ କୁମାର ସାହୁ, ଦୀପକ ସାହୁ,ଚିକୁନ ସାହୁ,ପପୁନ ରାଉତ, ଶୁଭ୍ରାଂଶୁ ଗଣ୍ଡିଆ, ଜୟଶ୍ରୀ,ଡଲି ପ୍ରମୁଖ ଅଭିନୟ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସିତୁନ ସାହୁ,ପ୍ରଭାସ ସାହୁ, ଲକ୍ଷ୍ମୀଧର ସାହୁ,ଅସୀତ ସାହୁ,ବିକ୍ରମ ସାହୁ, ବିପିନ ରାଉତ ପ୍ରମୁଖ ନାଟ୍ୟ ପରିଚାଳନା ରେ ସହଯୋଗ କରିଥିଲେ।

## ମହୀଧରପଡା ହାଇସ୍କୁଲ ଛକରେ ଡ୍ରେନ ନିର୍ମାଣ ଦାବି

ଫୁଲନଖରା ,(ସବ୍ୟୁ):ନିଆଳି ନିର୍ବାଚନ ମଣ୍ଡଳୀ କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ତ୍ରିନାଥ ବଜାର ଠାରୁ ମହୀଧରପଡା,ଗବବସ୍ତ ଓ ହରିଅନ୍ତା ବଜାର ଦେଇ ଗୋବିନ୍ଦପୁରକୁ୧୪ କିଲୋମିଟର ରାସ୍ତା ଯାଇଅଛି । ଏହି ରାସ୍ତା ଆରମ୍ଭ ତ୍ରିନାଥ ବଜାର ଠାରୁ ୧ କିଲୋମିଟର ପରେ ମହୀଧରପଡା ହାଇସ୍କୁଲ ଛକ ବଜାର। ଏହି ହାଇସ୍କୁଲ ଛକ ବଜାରରେ ବ୍ୟବସାୟୀ ମାନେ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ଘର ଓ କୋଠାଘର କରି ନିର୍ମାଣ କରି ଭଡା ଦେଇଛନ୍ତି ।ରାସ୍ତାଟି ଖାଲୁଆ ହୋଇଥିବାରୁ ଯାହା ଫଳରେ ଅସରାଏ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଛି । ପାଣି ନିଷ୍କାସନର କୌଣସି ସୁବିଧା ମଧ୍ୟ କରାଯାଇନାହିଁ ।ଯାହା ଫଳରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଉଚ୍ଚ ବିଦ୍ୟାଳୟ ହୋଇଥିବାରୁ ଅସରାଏ ବର୍ଷା ହୋଇଗଲେ ରାସ୍ତାରେ ପାଣି ଜମାଥିବାରୁ ଛାତ୍ରଛାତ୍ରୀ ମାନେ ସେଇ ପାଣି ଦେଇ ବିଦ୍ୟାଳୟକୁ ଆସିବାକୁ ପଡୁଛି ।ଏହି ରାସ୍ତାଟି ମହୀଧରପଡ଼ାରୁ ଗୋବିନ୍ଦପୁର ମୁଖ୍ୟ ରାସ୍ତା ହୋଇଥିବାରୁ ୨ ଚକିଆ ଯାନ ଓ ୪ଚକିଆ ଯାନ ରାସ୍ତା ରେ ଯିବା ସମୟରେ ପଥଚାରୀ ଉପରକୁ ପାଣି ଛୀଟକୁଛି । ବର୍ଷା ଋତୁ ପୂର୍ବରୁ ଗ୍ରାମ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ୮ ଇଞ୍ଚରୁ ୧ ଫୁଟ ଉଚ୍ଚତାର ଲେଇ ରାସ୍ତା ଓ ରାସ୍ତା ପାର୍ଶ୍ୱରେ ବର୍ଷ ଜଳ ନିଷ୍କାସନ ପାଇଁ ସ୍ଥାନୀୟ ଅଂଚଳରୁ ଲଳିତ କୁମାର ଦାଶ, କିଶୋର ଚନ୍ଦ୍ର ଦାଶ,ଅଶୋକ କୁମାର ରଥ, ପ୍ରଣବ ପଟ୍ଟନାୟକ, ପ୍ରଶାନ୍ତ ଦାଶ, ଅଜୟ କୁମାର ବେଉରା, ଶୈଳଦା ନନ୍ଦ ସାହୁ, ବରଦା ପ୍ରସାଦ ବେଉରା,କାହ୍ନ ଚରଣ ପାତ୍ର ପ୍ରମୁଖ ଦାବି କରିଛନ୍ତି ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୌପ୍ୟ ଜୟନ୍ତୀ ଉତ୍ସବ



ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଛଣଗିରି ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକ ତଥା ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟାପକ ଅରବିନ୍ଦ ଗଜେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଖାଉଟି ସୁରକ୍ଷା ଅଦାଲତ ମଞ୍ଚ ସଭାପତି ନାରାୟଣ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଦୂରଦର୍ଶନ ର ବାଖ୍ୟାକର ବିରଞ୍ଚି ନାରାୟଣ ତ୍ରିପାଠୀ ଓ ସମ୍ମାନୀତ ଅତିଥି ଭାବେ ଭାଗବତ ପ୍ରଦୀପ ସଂସ୍କୃତି ପ୍ରବକ୍ତା ପଣ୍ଡିତ କେଳୁ ଚରଣ ମହାରଣା,ସିକୋ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧକ୍ଷ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ଓ ସମିତି ସଭ୍ୟା ସୁମିତ୍ରା ବୈରିସଲ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅଧକ୍ଷ ହରିହର ମହାରଣା ବାର୍ଷିକ ବିବରଣୀ ପାଠ କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ ଅଭିଭାବକ ମାନେ ସହଯୋଗ କରିଥିଲେ। ଅନ୍ତିମ ପର୍ଯ୍ୟାୟ ରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୀପଙ୍କର ଦାଶ ପାଇବେ ତୃତୀୟ ଶ୍ରେଣୀବୃତ୍ତି

ଫୁଲନଖରା,(ସବ୍ୟୁ):ବାରଂଗ ବ୍ଲକ କୁରାଙ୍ଗ ପ୍ରଧାନ ଗ୍ରାମ ପଂଚାୟତ ବ୍ରହ୍ମାଣ ଝରିଲୋ ବଜାର ନିକଟ ରାୟପୁର ଠାରେ ଗଢି ଉଠିଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଦୀପଙ୍କର ଦାଶ ବ୍ଲକ ସ୍ତରୀୟ ଦେଇଥିବା ବୃତ୍ତି ପରୀକ୍ଷା ରେ ତୃତୀୟ ଶ୍ରେଣୀରେ ସରକାରୀ ବୃତ୍ତି ପାଇଁ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ ସ୍ତରରେ ସୁନାମ ଅର୍ଜନ କରିଛନ୍ତି ।ବର୍ତ୍ତମାନ ଚତୁର୍ଥ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଚଳିତ ବର୍ଷ ୨୦୨୪-୨୫ରେ ପଞ୍ଚମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ସଫଳତା ପାଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଦଧୀଚି ଫାର୍ମାଶିଷ୍ଟ କଲେଜ ର ପ୍ରତିଷ୍ଠାତା ସଭାପତି ଡ଼. ମନୋଜ କୁମାର ଦାଶ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ପଣ୍ଡିତ ରବି ନାରାୟଣ ପଣ୍ଡା ମଞ୍ଚରେ ସମ୍ବର୍ଦ୍ଧିତ କରିଛନ୍ତି।

## ଜହାନିଆଁ ରାସ୍ତାରେ ମୁଖାଧାରି ନାଲି ପଲସର୍ ଆତଙ୍କ

ଅସ୍ତରଙ୍ଗ,(ସବ୍ୟୁ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଠାରୁ ପିର ବେଳାଭୂମି କୁ ସଂଯୋଗ କରୁଥିବା ରାସ୍ତା କଣମଣ ଛକ ଠାରୁ କିଛିବାଟ ଗଲାପରେ ଆଉ ଏକ ଛକ ପଡେ। ସେହି ତିନି ଛକି ରେ ଜଣେ ଷଷ୍ଠ ଶ୍ରେଣୀରେ ପଢୁଥିବା ସୁଦି କେଶ୍ୱର୍ ଗ୍ରାମର ସୁଶାନ୍ତ କୁମାର ନାୟକଙ୍କ ପୁଅ ରୁଦ୍ର ପ୍ରସାଦ ନାୟକ,କଣମଣ ନଦୀ କୂଳରେ ଥିବା ସାଇକଲ ଦୋକାନରେ ସାଇକେଲ ମରାମତି କରି ଫେରୁଥିବା ବେଳେ,ନାଲି ପଲସର ରେ ଦୁଇ ଜଣ ମୁଖାଧରି ଅଜଣା ଯୁବକ ଆସି ସେ ବାଳକ ନିକଟରେ ପହଂଚି ପିର ପୀଠ ବେଳା ଭୂମିକୁ ଯିବାକୁ ରାସ୍ତା ପଚାରି ଥିଲେ । ବାଳକ ଜଣକ ପିର ବେଳାଭୂମି ରାସ୍ତା ଏହି ବାଟ ବୋଲି କହିଥିଲା । ମୁଖାଧାରୀ ଯୁବକ ଦୁଇ ଜଣ ତାଙ୍କ ସାଙ୍ଗରେ ଯିବାକୁ କହିଲାରୁ ବାଳକ ଜଣକ ମନା କରିଥିଲା। ଏହା ଶୁଣି ଅଜଣା ଯୁବକ ଦୁଇ ଜଣ ଯାକ ପକେଟରୁ ଛୁରୀ ବାହାର କରି,ତାର ବେକକୁ କାଟିବାକୁ ଛୁରୀ ଚଳେଇଲା ବେଳେ,ପିଲାଟି ନଇଁ ପଡ଼ି ଥିଲା। ଫଳରେ ଛୁରୀ ଟି ପିଲାଟିର ହାତ ପାପୁଲିରେ ବାଜି କଟିଗଲା । ପିଲଶଯଇର ପାଟିଶୁଣି ସେହି ସମୟ ସେହି ରାସ୍ତାରେ ଜଣେ ଲୋକ ଆସୁଥିବା ଦେଖି ନାଲି ପଲସର୍ ରେ ଆସିଥିବା ଯୁବକ ଦିଜଣ ଯାକ ପିର ଜାହାନିଆ ଆଡ଼କୁ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଅସ୍ତରଙ୍ଗ ପୋଲିସ ଖବର ପାଇ ପିର ବେଳାଭୂମି ସଂଲଗ୍ନ ଜଙ୍ଗଲ ଆଦି ଖୋଜା ଖୋଜି କରି ଥିଲେ ବି, ସମାନଙ୍କର କିଛି ପତା ମିଳିପାରି ନଥିବା ଜଣା ପଡ଼ିଛି। ଏହି ପିର ବେଳାଭୂମି ରେ ଦିନକୁ ଦିନ ଅ ସାମାଜିକ କାର୍ଯ୍ୟକ୍ରମ ବୃଦ୍ଧି ପାଉଥିବା ବେଳେ, ସେଠାରେ ଥିବା ଏକ ବେ ଆଇନ ମଠରୁ ଗଞ୍ଜେଇ ଗଛ ଓ ନିଶାକାର ବାର ରେ ବ୍ୟବହୃତ କେତେକ ସରଞ୍ଜାମ ପୋଲିସ ଓ ବନ ବିଭାଗ ଜବତ କରିଥିଲା।

## ଶ୍ରୀ ଭାଗବତ ଗୋସ୍ୱାମୀଙ୍କର ଗୃହ ପ୍ରତିଷ୍ଠା

ଫୁଲନଖରା,(ସବ୍ୟୁ):ବାରଙ୍ଗ ବ୍ଲକ ଅନ୍ତର୍ଗତ ନଗରୀ ଗ୍ରାମ ପଂଚାୟତ ମହୀଧରପଡା ଗ୍ରାମର ୫୨ ଘରର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ଭାଗବତଗୋସ୍ୱାମୀଙ୍କର ନୂତନ ଗୃହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ ୩୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଅନୁଷ୍ଠିତ ହୋଇଯାଇଛି। ଗୋସ୍ୱାମୀଙ୍କର ଯଥାବିଧି ଅନୁସାରେ ବୈଦିକ ରୀତି ଅନୁସାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସନ୍ଧ୍ୟାରେ ଅରଡିଆପଦା ଓ ନଗରୀ ରଙ୍ଗଣୀ ସାହି ପକ୍ଷରୁ ଓଡିଶୀ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଯତୀନ୍ଦ୍ର ମୋହନ ମହାନ୍ତି,ପାଣକୃଷ୍ଣ ବେହେରା,ଶିବପ୍ରସାଦ ଲେଙ୍କା,ଅଶୋକ ବାରିକ,ପ୍ରଶାନ୍ତ ବେହେରା,ଅଜୟ ବେହେରା ଓ ବ୍ରଜବନ୍ଧୁ ବାରିକ ପୁର୍ଣ ସହଯୋଗ ଦେଇ ପରିଚାଳନା କରିଥିଲେ ।

## ଟ୍ରକ ଡ୍ରାଇଭର ଗୁରୁତର

ବାଲୁଗାଁ ,(ସବ୍ୟୁ) :୧୬ ନଂ ଜାତୀୟ ରାଜପଥର ବାଲୁଗାଁ ବାଇପାସ ରାସ୍ତା ସୋଲରୀ ଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଟ୍ରକ ଅନ୍ୟ ଏକ ଟ୍ରକ ପଛକୁ ପିଟିବା ଫଳରେ ଜଣେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି ।ସେ ହେଲେ ମନୋଜ କୁମାର ନାୟକ, ଘର ନୟାଗଡ ଜିଲ୍ଲା ଓଡ଼ଗାଁ ଥାନା ସୁନାମୁହିଁ ଗ୍ରାମରେ ବୋଲି ଜଣାପଡିଛି।

## ଅବସରକାଳୀନ ସମାରୋହ

ସାକ୍ଷୀଗୋପାଳ,(ସବ୍ୟୁ) :ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଶ୍ୱନାଥ ପୁର ପଞ୍ଚାୟତର ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଦାଧର ବେହେରା ଆଜି ଅବସର ଗ୍ରହଣ କରିଥିଲେ । ଏହି ଅବସରରେ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସହକାରୀ ଶିକ୍ଷକ ରବି ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ରୂପେ ଦୁଗଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ରୂପେ ବିଶ୍ୱନାଥ ପୁର ପଞ୍ଚାୟତର ସମିତି ସଭ୍ୟ ଜଗନ୍ନାଥ ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ରୂପେ ବିଶ୍ୱନାଥ ପୁର ସି ଆର ସି ସି ଅଜୟ କୁମାର ପ୍ରଧାନ, ପାଟଣା ସାହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ସିଂ, ପାଣି ଭଣ୍ଡାର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ମିଶ୍ର ଓ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ପ୍ରଧାନଶିକ୍ଷକ ଶ୍ରୀବେହେରାଙ୍କ ୩୫ ବର୍ଷ କର୍ମମୟ ଜୀବନର ଗୁଣଗାଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବି ନାରାୟଣ ମହାପାତ୍ର ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ଯଦୁମଣି ମଣ୍ଡପରେ ବିଶ୍ୱ ହାସ୍ୟ ଦିବସ



ନୟାଗଡ଼, (ସବ୍ୟୁ): ନୟାଗଡ଼ ଶ୍ରୀଜଗନ୍ନାଥ ଜୀଉଙ୍କ ମନ୍ଦିର ସମ୍ମୁଖ ଯଦୁମଣି ମଣ୍ଡପରେ ବିଶ୍ୱ ହାସ୍ୟ ଦିବସ ପାଳିତ ହୋଇଛି। ଏଥିରେ ନିଜେ ହସିବା ଓ ଅନ୍ୟକୁ ହସାଇବା କଳା ସଂପର୍କରେ ଆଲୋଚନା କରାଯାଇ ଥିଲା। ନୟାଗଡ଼ ସାହିତ୍ୟ ସଂସ୍କୃତି ବିକାଶ ମଚଂ ପକ୍ଷରୁ ଆୟୋଜିତ ଉତ୍ସବରେ ଓଡ଼ିଶାର ବହୁ ସୁନାମଧନ୍ୟ ବ୍ୟଙ୍ଗକାର ଯୋଗ ଦେଇ ବ୍ୟଙ୍ଗ କଥା, କବିତା ଓ ହାସ୍ୟରସ ପ୍ରସଙ୍ଗ ଦ୍ୱାରା ଦର୍ଶକଙ୍କୁ ବିମୁଗ୍ଧ କରିଛନ୍ତି। ଏହି ଅବସରରେ ବ୍ୟଙ୍ଗ ବାଗୀଶ ଜ୍ଞାନ ହୋତାଙ୍କୁ ଉତ୍କଳଘଣ୍ଟ ହାସ୍ୟରସ ଉପାୟନ ପ୍ରଦାନ କରାଯାଇଛି। କଂଗ୍ରେସ ନେତା ସୁର ରାଉତରାୟ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ନିଜେ ହସିବା ଓ ଅନ୍ୟକୁ ହସାଇବା ଏକ ମହତ କଳା। ଏହା ବ୍ୟକ୍ତିଗତ ଜୀବନ ଓ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୁଏ। ଏପରି କଥାକୁ ପ୍ରତ୍ୟେକ ମଣିଷ ବୁଝି ଜୀବନଚର୍ଯ୍ୟାରେ ରୂପାୟନ କରିବା ଅତି ଜରୁରୀ ବୋଲି ବିଶ୍ୱ ହାସ୍ୟ ଦିବସ ଅବସରରେ ମତପ୍ରକାଶ ପାଇଛି। ମୁଖ୍ୟଅତିଥି କଂଗ୍ରେସ ନେତା ସୁର ରାଉତରାୟ ଅନେକ ହାସ୍ୟ ରସ କଥା କହି ସଭାରେ ଉପସ୍ଥିତ ଜନତାଙ୍କୁ ବିମୁଗ୍ଧ କରିଥିଲେ। ଏହି ଅବସରରେ ରାଜ୍ୟର ଲୋକପ୍ରିୟ ବ୍ୟଙ୍ଗକାର ଜ୍ଞାନ ହୋତାଙ୍କୁ ଉତ୍କଳଘଣ୍ଟ ହାସ୍ୟ ରସିକ ଉପାୟନ, ମାନପତ୍ର, ଉପଢ଼ୌକନ, ଏବଂ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସାହିତ୍ୟ ସଂସ୍କୃତି ବିକାଶ ମଚଂ ସଭାପତି ପ୍ରମୋଦ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଉତ୍ସବ ଅନୁଷ୍ଠିତ ହୋଇ ଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଏଥିକ୍ଷର ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଉତ୍ସବରେ ହାସ୍ୟ ଓ ବ୍ୟଙ୍ଗକାର ସତ୍ୟାନାଶ, କୁଳାଙ୍ଗାର, ବ୍ରଜ ସୁବୁଦ୍ଧି, ରବିନ୍ଦ୍ର ରାଉତ, ମିଷ୍ଟର କାଳିଆ, ଆର୍ତ୍ତତ୍ରାଣ ଏବଂ ବିଭୁ ଆଦି ଅନେକ ବ୍ୟଙ୍ଗ କବି ଓ କଳାକାର ସମାରୋହରେ ଯୋଗ ଦେଇଥିଲେ। ଅନୁଷ୍ଠାନ ସଂପାଦକ ନିର୍ମଳ ଚନ୍ଦ୍ର ସୁରଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାସନ୍ତ ଦାଶ, ଅଶୋକ ମଲ୍ଲ, ଓ ଲକ୍ଷ୍ମୀଧର ସାହୁ ଉତ୍ସବ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ସାହିତ୍ୟିକ, ଶିକ୍ଷାବିତ ଉପସ୍ଥିତ ରହି ବିଶ୍ୱ ହାସ୍ୟ ଦିବସ ଉତ୍ସବକୁ ସଫଳ କରିଥିଲେ।

# ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ



ଭାପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି।ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିବା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଙ୍କ ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ ଓ ଧର୍ମେନ୍ଦ୍ର କୁମାର ଧଳ, ବ୍ଲକ ଉପାଧକ୍ଷ ଓ ୨୦ ଟି ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ ଏବଂ ଭାପୁର ବ୍ଲକର ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।ବ୍ଲକ ଉପାଧକ୍ଷଙ୍କ ଅନୁମତି କ୍ରମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଧିବେଶନକୁ ଆରମ୍ଭ କରିଥିଲେ। ଉପସ୍ଥିତ ଥିବା ଜିଲ୍ଲା ପରିଷଦ ସଭ୍ୟ ମାନେ, ସାଂସଦ ଙ୍କ ବ୍ଲକ ପ୍ରତିନିଧି, ବ୍ଲକ ଉପାଧକ୍ଷ, ବିଧାୟକ ପ୍ରମୁଖ ନବମ ଅଧିବେଶନରେ ନିଜସ୍ୱବକ୍ତବ୍ୟ ଉପସ୍ଥାପନ ପରେ ଗ୍ରାମପଞ୍ଚାୟତ ଅଧିକାରୀ ଅଭିନାଶ ପତି ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ଉକ୍ତ ଅଧିବେଶନରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, କୃଷି ଓ ଉଦ୍ୟାନ, ମତ୍ସ୍ୟ, ପଶୁ ପାଳନ, ଜଙ୍ଗଲ ଓ ପରିବେଶ, ଜଳ ସେଚନ, କ୍ଷୁଦ୍ର ଜଳ ସେଚନ, ଉଠା ଜଳସେଚନ, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା, ରାସନ୍ କାର୍ଡ ସମ୍ପର୍କିତ, ଆବାସ ଯୋଜନା, ରାସ୍ତା ଘାଟ ର ଉନ୍ନତି କରଣ, ମହାତ୍ମା ଗାନ୍ଧୀ ନିଶ୍ଚିତ ଜାତୀୟ କର୍ମ ନିଯୁକ୍ତି ଯୋଜନା, ଉନ୍ନୟନ ମୂଳକ କାର୍ଯ୍ୟ ଆଦି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଅଧିବେଶନରେ ଶ୍ରୀ ସ୍ୱାଇଁ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀ ମାନଙ୍କ ଠାରୁ ଉନ୍ନତି ମୂଳକ କାର୍ଯ୍ୟ ସଂପର୍କରେ ପଚାରି ବୁଝିବା ସହ ଉପସ୍ଥିତ ଥିବା ଜନ ପ୍ରତିନିଧିମାନଙ୍କୁ ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ଗୁଡିକୁ ଲିଖିତ ଭାବେ ଜଣାଇବା ସହ ଛ ଆଗମୀ ଦିନରେ ଭାପୁର ବ୍ଲକର ଉନ୍ନତି ପାଇଁ ସମସ୍ତେ ଉଦ୍ୟମ କରିବା ସହ ମିଳିମିଶି କାମ କରିବାକୁ ବିଧାୟକ ଶ୍ରୀ ସ୍ୱାଇଁ କହିଥିଲେ।

(ଶ୍ରୀମଭଗବଦ୍ ଗୀତା ୧୫/୧)
–କ୍ଷେତ୍ର–ଗୁଣତ୍ରୟ ବିଭାଗଯୋଗଃ–
(ଶ୍ରୀଭଗବାନୁବାଚ )

**ଊର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ ।**
**ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦ ସେ ବେଦବିତ୍ ।।୧।।**

ଶ୍ରୀ ଭଗବାନ କହିଲେ–ଊର୍ଦ୍ଧ୍ୱ (ଉତ୍ତମ ଅର୍ଥାତ୍ କ୍ଷର ଓ ଅକ୍ଷର ଅପେକ୍ଷା ଉତ୍କୃଷ୍ଟ ପୁରୁଷୋତ୍ତମ ଯାହାର ମୂଳ ଓ ଅଧଃ (ଅର୍ବାଚୀନ ହିରଣ୍ୟଗର୍ଭାଦି କାର୍ଯ୍ୟୋପାଧିକ ଜୀବମାନେ) ଯାହାର ଶାଖା, ଆଉ ଯେ ଅନାଦି, ଅନନ୍ତ, ଦେହାଦି ପ୍ରବହାର ଆଶ୍ରୟ– (ଏତାଦୃଶ ସଂସାର) (ପ୍ରକୃତ ବିନଶ୍ୱର ବୋଲି ପରଦିନ ପ୍ରଭାତ ପର୍ଯ୍ୟନ୍ତ ରହେ ନାହିଁ, ଏଥିପାଇଁ) ଅଶ୍ୱତ୍ଥ ନାମରେ କଥିତ,ବେଦ ସବୁ ତାହାର ପତ୍ରସ୍ୱରୂପ (ଧର୍ମାଧର୍ମ ନିରୂପଣ କରିବାଦ୍ୱାରା ଛାୟାପରି ସର୍ବଜୀବର ଆଶ୍ରୟ) । ଏହିପରି ସଂସାର–ସ୍ୱରୂପ ଅଶ୍ୱତ୍ଥକୁ ଯେ ଜାଣନ୍ତି, ସେ ବେଦଜ୍ଞ । ।।୧।।

# ପାକିସ୍ତାନ ଜେହାଦର ଜବାବ

## ସମ୍ପାଦକୀୟ

ଗତ ଏପ୍ରିଲ ୨୨ ତାରିଖରେ କାଶ୍ମୀରର ପହଲଗାମ ଠାରେ ପାକିସ୍ତାନୀ ଆତଙ୍କବାଦୀମାନେ ବର୍ବୋରୋଚିତ ଭାବେ ୧୫ ଜଣ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକଙ୍କୁ ଯେପରି ଗୁଳି କରି ହତ୍ୟା କଲେ, ତାହାକୁ ନେଇ ଭାରତ ଚିନ୍ତିତ, ମାତ୍ର ପାକିସ୍ତାନ ବିବ୍ରତ । ଏହି ଘଟଣାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ନେସ୍‌ନାଲ ଇନ୍‌ଭେଷ୍ଟିଗେସନ ଏଜେନ୍ସି) ଯେଉଁ ପ୍ରାଥମିକ ତଦନ୍ତ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଛି, ସେଥିରେ ପାକିସ୍ତାନର ଆଇ.ଏସ୍.ଆଇ (ଇଣ୍ଟର ସର୍ଭିସେସ୍ ଇଣ୍ଟଲିଜେଣ୍ଟ ବା ପାକିସ୍ତାନ ଗୋଇନ୍ଦା ସଂସ୍ଥା) ଓ ଆତଙ୍କବାଦୀ ସଂସ୍ଥା ଲସ୍କର.ଏ. ତୋଇବା(ଏଲ୍‌ଏଟି) ସଂପୃକ୍ତ ଥିବା ବିଷୟରେ ସୂଚନା ଦେଇଛି । ଅବଶ୍ୟ ପାକିସ୍ତାନର ଏଥିରେ ହାତ ନାହିଁ ବୋଲି ପାକିସ୍ତାନ ସବୁବେଳେ କହି ଆସି ନିଜକୁ ଦୋଷମୁକ୍ତ ବୋଲି ପ୍ରମାଣିତ କରିବା ସଙ୍ଗେ ସଙ୍ଗେ ଭାରତ ବିରୋଧରେ ଅପପ୍ରଚାର କରିଚାଲିଛି ।

ପାକିସ୍ତାନର ଏପରି ଅପପ୍ରଚାର ଅନେକ ବର୍ଷ ଧରି ଚାଲି ଆସିଛି । କାଶ୍ମୀର ଭାରତର ନୁହେଁ ବୋଲି ମଧ୍ୟ ପାକିସ୍ତାନ ବୃଥାରେ ଦାବି କରି ଆସିଛି । ମାତ୍ର ଶକ୍ତିଶାଳୀ ଭାରତ ଚାହିଁଲେ ଅଚିରେ ପାକିସ୍ତାନର ଅସ୍ତିତ୍ୱ ଲୋପ କରିପାରନ୍ତା, ମାତ୍ର ଭାରତ ସେପରି କରିବ ନାହିଁ । ଅହିଂସା ଆନ୍ଦୋଳନ ଯୋଗୁଁ ଭାରତ କେବଳ ସ୍ୱାଧୀନତା ଲାଭ କରିନାହିଁ, ଶାନ୍ତି ପ୍ରୟାସରେ ଭାରତ ସମଗ୍ର ବିଶ୍ୱରେ ତାହାର ମାନ ଓ ମର୍ଯ୍ୟାଦା ରକ୍ଷା କରିପାରିଛି ଏବଂ ଏହି ଘଟଣାରେ ଭାରତ ଅନ୍ୟାନ୍ୟ ରାଷ୍ଟ୍ରର ସହାନୁଭୂତି ମଧ୍ୟ ପାଇପାରିଛି ।

ତତ୍କାଳୀନ ପାକିସ୍ତାନ ରାଷ୍ଟ୍ରପତି ଜେନେରଲ୍ ପରଭେଜ ମୁସାରଫଙ୍କ ସମୟରେ ନିଜ ଦେଶରେ ଯେଉଁ ଅସ୍ଥିରତା ଆରମ୍ଭ ହୋଇଥିଲା, ଗତ ୨୦୦୨ ଜାନୁଆରୀ ୧୨ ତାରିଖରେ ସେ ନିଜ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେଥିରେ ସେ ଭାରତକୁ କରିଥିବା ସାହାଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ ଯେ ଲସ୍କର–ଏ–ତୋଇବା ଓ ଜୈସ୍–ଏ–ମହମ୍ମଦ ପରି ଦୁଇଟି ଆତଙ୍କବାଦୀ ସଂଗଠନ, ଯେଉଁମାନେ କି ଦିଲ୍ଲୀ ସଂସଦ ପରିସରରେ ଡିସେମ୍ବର ୧୩ (୨୦୦୧) ରେ ନରସଂହାର ଓ ଗୁଳିକାଣ୍ଡ କରିଥିଲେ ବୋଲି କୁହାଯାଉଥିଲା, ସେ ଦୁଇଟି ସଂସ୍ଥାକୁ ସେ ପୁନର୍ବାର ନିଷେଧ କରିଥିଲେ ମଧ୍ୟ ଭାରତର କୂଟନୈତିକ ଅନୁରୋଧକୁ ରକ୍ଷା କରି 'ମୋଷ୍ଟ ୱାଣ୍ଟେଡ୍' ଆତଙ୍କବାଦୀମାନଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯିବା ପ୍ରସ୍ତାବକୁ ମୁସାରଫ୍ ପ୍ରତ୍ୟାଖ୍ୟାନ କରିଥିଲେ ।

ସୀମାପାର ଆତଙ୍କବାଦ କ୍ଷେତ୍ରରେ ପାକିସ୍ତାନ ସବୁ ସୀମା ଟପି ଯାଇଛି । ୨୦୦୩ର ଘଟଣା । ତତ୍କାଳୀନ ଗୃହ ବିଭାଗ ଦାୟିତ୍ୱରେ ଥିବା ଉପ–ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଦିନେ ଘୋଷଣା କରିଥିଲେ ଯେ ଆତଙ୍କବାଦ ବିରୋଧରେ ଯୁଦ୍ଧର ଅବସାନ ଘଟିଛି । ପାକିସ୍ତାନ ଛାୟା ଯୁଦ୍ଧରେ ପରାସ୍ତ ହୋଇଛି ବୋଲି ଆଡଭାନୀଜୀ ବିଜେପିର କର୍ମକର୍ତ୍ତାମାନଙ୍କୁ ସୂଚନା ଦେଇ ଆହୁରି କହିଥିଲେ ଯେ ଆଇ.ଏସ୍.ଆଇ.କୁ ଧୂଳିସାତ୍ କରାଯାଇଛି ଓ ଜମ୍ମୁ–କାଶ୍ମୀରରେ ସ୍ୱାଭାବିକତା ଫେରି ଆସୁଛି । ପାକିସ୍ତାନ ଭିଆଉଥିବା ସୀମାପାର ଆତଙ୍କବାଦ ବିରୋଧରେ ସାରା ବିଶ୍ୱରେ ନିନ୍ଦା କରାଯାଉଛି । ମାତ୍ର ଆଡଭାନିଜୀ ଏ କଥା କହିବାର ଦୁଇ ବର୍ଷ ପରେ ନୂଆଦିଲ୍ଲୀର ବୋମା ବିସ୍ଫୋରଣ ଘଟଣାରେ ୬୩ ଜଣ ପ୍ରାଣ ହରାଇଥିଲେ । ପାକିସ୍ତାନରେ ଏସ୍କର–ଏ–ତୋଇବା ମଧ୍ୟ ବାଙ୍ଗାଲୋରର ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନର ବୈଜ୍ଞାନିକ ସମ୍ମିଳନୀ ଚାଲିଥିବାବେଳେ ଆକ୍ରମଣ କରିଥିଲେ । ଭାରତର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ କାୟାବିସ୍ତାର କରି ଚାଲିଛି । ସେମାନଙ୍କୁ ସହଜରେ ଦମନ କରି ହେଉନାହିଁ । କାହିଁକି ଏପରି ପରିସ୍ଥିତି ବଢ଼ି ଚାଲିଛି ? ଆମ ଦେଶର କାଶ୍ମୀରରେ ରହୁଥିବା ଭାରତୀୟମାନେ ଅର୍ଥ ଲୋଭରେ ସମ୍ଭବତଃ ଏହି ଆତଙ୍କବାଦୀ କାର୍ଯ୍ୟକଳାପରେ ସହଯୋଗ କରି ଆସୁଛନ୍ତି । ସେମାନଙ୍କୁ ଏବର ସରକାର ଦୃଢ଼ ହସ୍ତରେ ଦମନ କରିବାକୁ ମସୁଧା କରୁଥିବା ଜଣାଯାଇଛି । ପୂର୍ବରୁ ଓ ଏବେ ମଧ୍ୟ କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳ ସରକାରଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି । ଦେଶର ଏକତା ସବୁଠାରୁ ବଡ଼ । ଏବେ ଏ କ୍ଷେତ୍ରରେ ନିଜ ନିଜ ଭିତରେ ଭେଦଭାବକୁ ଭୁଲିଯାଇ ସମସ୍ତ ବିରୋଧୀ ଦଳ ସରକାରଙ୍କୁ ସହଯୋଗ କରୁଛନ୍ତି । ସମଗ୍ର ବିଶ୍ୱରେ ବଡ଼ ବଡ଼ ରାଷ୍ଟ୍ରଗୁଡିକ ମଧ୍ୟ ଭାରତ ପ୍ରତି ସହାନୁଭୂତି ପ୍ରଦର୍ଶନ କରିଛନ୍ତି । ଜାତିସଂଘରେ ମଧ୍ୟ ଭାରତ ପାକିସ୍ତାନର ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରିଛି । ଭୟଭୀତ ଅବସ୍ଥାରେ ଥିବା ପାକିସ୍ତାନ ହୁଏତ ଭବିଷ୍ୟତରେ ଏଥିରୁ ଶିକ୍ଷା ଲାଭ କରିବ ବୋଲି ମନେହେଉଛି ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ,**
**ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,**
**ପ୍ରତି ରକ୍ତବିନ୍ଦୁ ।**
(ଗୋପବନ୍ଧୁ ଦାସ)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅମୃତ ଚେତନାର ବିପୁଳ ପ୍ରସାରଣ : ବୁଦ୍ଧ



ମନୋରଂଜନ ମହାନ୍ତି

ବୁଦ୍ଧ ଶବ୍ଦରେ ୪ଟି ଅକ୍ଷର ବ, ଉ, ଦ, ଧ । ବରାଭୟ, ଉତ୍ସୁକତା, ଦୟା, ଧୀମତ୍ତାର ପ୍ରତୀକ । ପୂର୍ବାଶ୍ରମର ନାମ ଗୌତମ, ଜଣେ ରାଜକୁମାର । ଗୌତମଙ୍କ ମନରେ ବରାଭୟ ଅର୍ଥାତ୍ ଭୟଶୂନ୍ୟତାର ବୀଜଟିଏ ବପନ ହୋଇଥିଲା । ବରାଭୟରୁ ଜନ୍ମ ନେଇଥିଲା ଗୋଟେ ଉତ୍ସୁକତା, ଜୀବନ ମୃତ୍ୟୁର ରହସ୍ୟ ଜାଣିବାର ଅପ୍ରତିହତ ଇଚ୍ଛା, ଉତ୍ସୁକତାରୁ ସର୍ଜନା ହେଲା ଦୟାର୍ଦ୍ରତା, ସୃଷ୍ଟିର ସକଳ ପ୍ରାଣୀଙ୍କ ପ୍ରତି ନିରନ୍ତର ଦୟା । ବରାଭୟ, ଉତ୍ସୁକତା, ଦୟାର ସମନ୍ୱୟରେ ଧୀମତ୍ତାର ବିପୁଳ ବୃକ୍ଷଟିର ସଂସ୍ଥାପନ ସମ୍ଭବ ହେଲା ।

ହଜାର ହଜାର ବର୍ଷ ପରେ ଏବେ ବୁଦ୍ଧ କହିଲେ ଗୋଟେ ଉତ୍ତରିତ ଚେତନା, ବହୁ ଊର୍ଦ୍ଧ୍ୱସ୍ଥ ଚିନ୍ତନ, ଶୁଦ୍ଧତାରେ ଅବଗାହିତ ଚରିତ୍ରକୁ ବୁଝାଏ । ଯେଉଁ ଗୌତମଙ୍କର ରାଜସିଂହାସନ ପ୍ରତି ଆକର୍ଷଣ ନଥିଲା, କ୍ଷମତାଧର ହୋଇ କ୍ଷମତା ପ୍ରୟୋଗର ଆକାଙ୍କ୍ଷା ନଥିଲା, ସ୍ୱର୍ଣ୍ଣ ସମ୍ପଦ ପ୍ରାପ୍ତିର ଲାଳସା ନଥିଲା, କେବଳ ସେ ହିଁ ବୁଦ୍ଧତ୍ୱର ଶୀର୍ଷକୁ ଆରୋହଣ କରିଥିଲେ, ଅପ୍ରମିତ ପ୍ରଜ୍ଞାର ପ୍ରକଟିତ ବିଗ୍ରହଟିଏ ହୋଇପାରିଥିଲେ । ନଦୀ ତଟ, ବୃକ୍ଷ ମୂଳ, କୁଶ ଆସନ ହିଁ ଥିଲା ତାଙ୍କର ଜୀବନ–ସର୍ବସ୍ୱ । ଏକାଗ୍ରତା, ଐକାନ୍ତିକତାର ସଂଯୋଗରେ ସେ ହୋଇପାରିଥିଲେ ଉତ୍ତାନପାଦ, ଅର୍ଥାତ୍ ତଳୁ ଉପରକୁ ଉଠିବାର ପ୍ରବୃତ୍ତି ଥିଲା ତାଙ୍କର ।

ପୃଥିବୀର ଅନେକ ରାଜକୁମାରଙ୍କ ଭଳି, ସେ ଚାହିଁଥିଲେ, ସୁବର୍ଣ୍ଣ ସିଂହାସନରେ ଆରୂଢ଼ ହୋଇପାରିଥାଆନ୍ତେ, ସୁବର୍ଣ୍ଣ ଶିରୋଭୂଷାରେ ବିମଣ୍ଡିତ ହୋଇପାରିଥାଆନ୍ତେ, ଦାସମାନଙ୍କୁ ଅହର୍ନିଶ ଆଦେଶ ଦେଇପାରିଥାଆନ୍ତେ, ପ୍ରଜାକୁଳଙ୍କ ଉପରେ ଅଖଣ୍ଡ କ୍ଷମତା ପ୍ରୟୋଗ କରିପାରିଥାଆନ୍ତେ, ସୁବର୍ଣ୍ଣଖଚିତ ପଲଙ୍କରେ ସୁଖନିଦ୍ରାରତ ହୋଇପାରିଥାଆନ୍ତେ, କ୍ଷମତାର ଐରାବତ ହାତୀ ପିଠିରେ ବସି ଆତ୍ମଶକ୍ତି, ରାଜକୀୟ ଐଶ୍ୱର୍ଯ୍ୟର ପୁନଃ ପୁନଃ ପ୍ରଦର୍ଶନ କରିପାରିଥାଆନ୍ତେ, ସ୍ୱେଚ୍ଛାକୃତ ଭାବରେ ଯଥେଷ୍ଟ ପରାକ୍ରମଶାଳୀ ହୋଇପାରିଥାଆନ୍ତେ । କିନ୍ତୁ ତାହା ସେ ଆଦୌ କରିନଥିଲେ, କରିବାକୁ ମନ ବଳାଇନଥିଲେ ।

ତାଙ୍କ ଅନ୍ତଃକରଣରେ ଥିଲା ଗୋଟାଏ ଅଭୀପ୍‌ସା ଅନ୍ତଃସ୍ଥ ଶକ୍ତିର ଜାଗରଣ ପାଇଁ, ଗୋଟାଏ ଆକାଙ୍‌କ୍ଷା ଜନ୍ମ ଜୀବନ ମୃତ୍ୟୁର ସୁଗଭୀର ପ୍ରଦେଶରେ ରହସ୍ୟର ଉନ୍ମୋଚନ ପାଇଁ, ଗୋଟାଏ ଇପ୍‌ସା ଚେତନାର ଉତ୍ତୋଳନ ଓ ଚିନ୍ତନର ଆରୋହଣ ପାଇଁ, ଗୋଟାଏ ସାଧନାର ସ୍ୱପ୍ନ ପ୍ରଜ୍ଞାର ଆଲୋକ ଦର୍ଶନ, ଅମୃତ ଆସ୍ୱାଦନ ପାଇଁ ।

ସେଥିପାଇଁ ନିରନ୍ତର ଆୟାସଶୀଳ ଥିଲେ । ଯାବତୀୟ ଅନ୍ଧ ପରମ୍ପରା, ମନ୍ଦ ବିଶ୍ୱାସ, କୁସଂସ୍କାର ବିପକ୍ଷରେ ସେ ନିରନ୍ତର ଥିଲେ । ଭଗବାନଙ୍କ କଥା, ପିତୁଳା ପୂଜାର କଥା କେଉଁଠି କହିନଥିଲେ । ସେ ଭଲପାଉଥିଲେ ମଣିଷର ଅନ୍ତଃସ୍ଥ ବିପୁଳ ଶକ୍ତିକୁ, ଜ୍ଞାନାଲୋକରେ ପ୍ରତିଭାସିତ ହେବା ପାଇଁ ମଣିଷର ସାମର୍ଥ୍ୟକୁ, ତାର ଆନନ୍ଦ, ଅମୃତ ଅନ୍ୱେଷାକୁ ।

ସେ କେଉଁଠି ନିଜକୁ ଭଗବାନ ବୋଲି କହିନଥିଲେ । କିନ୍ତୁ ଆମେ ତାଙ୍କୁ ଭଗବାନ ତଥାଗତ ବୁଦ୍ଧ ବୋଲି କହିଲୁ, ତାଙ୍କ ମୂର୍ତ୍ତି ଗଢ଼ିଲୁ, ମନୋରମ ଚିତ୍ର ଅଙ୍କନ କଲୁ, ଧୂପ ଦୀପ ଦେଇ ବନ୍ଦାପନା କଲୁ । ସେ ଆମର ଭାରି ମନେପଡ଼ିଲେ ୧ମ ବିଶ୍ୱ ମହାସମର ବେଳେ, ପୁନଶ୍ଚ ୨ୟ ବିଶ୍ୱଯୁଦ୍ଧ ବେଳେ ଯେତେବେଳେ ଜାପାନର ଦୁଇଟି ରମଣୀୟ ମହାନଗରୀ ଧରାଶାୟୀ, ଭୂଲୁଣ୍ଠିତ ହେଲା ।

ଏବେ ସେ ବହୁ ଅଧିକ ଗୁଣରେ ମନେପଡୁଛନ୍ତି ରୁଷିଆ–ୟୁକ୍ରେନ୍, ଇସ୍ରାଏଲ୍–ପାଲେଷ୍ଟାଇନ୍ ଯୁଦ୍ଧ ଚାଲିଥିଲାବେଳେ, ଯେତେବେଳେ କେତେଜଣ ସମରବିଳାସୀ, ରକ୍ତମୁଖା ରାଜନେତାଙ୍କର ରାଜନୀତି ରଣନୀତି, ଜଣନୀତି, ବଣନୀତିରେ ପରିଣତ ହୋଇଛି, ନିରୀହ ଲୋକେ ବଳିପଡୁଛନ୍ତି, ନିଷ୍ପାପ ଦଳେ ଶିଶୁ ଜୀବନର ରଙ୍ଗିନ ବୃନ୍ତରୁ ଅବେଳରେ ଝରିପଡୁଛନ୍ତି ।

ବୁଦ୍ଧ ମନେପଡୁଥିଲେ, ମନେପଡୁଛନ୍ତି, ଚିରକାଳ ମନେପଡ଼ିବେ ତାଙ୍କ ସତ୍ୟ, ଅହିଂସା, କରୁଣା, ଶାନ୍ତିର ବାର୍ତ୍ତା ପାଇଁ । ତାଙ୍କ ପ୍ରଦର୍ଶିତ ଅଷ୍ଟାଙ୍ଗିକ ମାର୍ଗରେ ଗୋଟିଏ ସନ୍ଦେଶ–ସତ୍ୟ । ବ୍ୟକ୍ତି ଓ ସମୂହ ଜୀବନରେ ଶୁଚିଶୀଳ ସମ୍ବନ୍ଧର ମାଧ୍ୟମ–ଅହିଂସା । ସାର୍ବଜନିକ ସ୍ତରରେ ଚୈତନ୍ୟ ଉନ୍ମେଷର ଅବଲମ୍ବନ–କରୁଣା । ଗୋଟେ ସ୍ଥିର ବିଶ୍ୱର ପ୍ରତିଷ୍ଠା ପାଇଁ ସର୍ବାଗ୍ରଗଣ୍ୟ ଆଧାର–ଶାନ୍ତି ।

ସତ୍ୟ ବଳରେ ଅସତ୍ୟକୁ, ଅହିଂସା ବଳରେ ହିଂସାକୁ, କରୁଣା ବଳରେ ନିର୍ଦ୍ଦୟତାକୁ, ଶାନ୍ତି ବଳରେ ଅଶାନ୍ତିକୁ ପରାଭୂତ କରିହେବ । ବୁଦ୍ଧ ଗୁରୁତ୍ୱ ଦେଇଥିଲେ ମଣିଷର ବିବେକ, ବିଚାରବୋଧ ଉପରେ । ବିବେକୀ, ବିଚାରଶକ୍ତିଯୁକ୍ତ ଶିଷ୍ୟ, ଭିକ୍ଷୁମାନେ ଗଢ଼ିଥିଲେ ମହତ୍ ଉଦ୍ଦେଶ୍ୟ ଆଧାରିତ ସଂଘ । ବୁଦ୍ଧ, ସଂଘ, ଧର୍ମ ଏହି ତ୍ରିରତ୍ନ ଉପରେ ମୁଖ୍ୟତଃ ପ୍ରାଧାନ୍ୟ ଆରୋପିତ ହୋଇଥିଲା । ପଦବ୍ରଜରେ ଭ୍ରମଣ କରି ଜ୍ଞାନର ଆଲୋକ, ଅମୃତ ବିତରଣ କରୁଥିଲେ ସେମାନେ ।

ସାରନାଥ ହେଉ କି ଧଉଳି, ଉଦୟଗିରି କି ରତ୍ନଗିରି, ଲାଙ୍ଗୁଡ଼ି କି ଲଳିତଗିରି, ବୋରବଦୁର୍ କି ବଜ୍ରଗିରି ସବୁଠି ଶୁଭୁଥିଲା, ଶୁଭୁଛି ଆଉ ସବୁକାଳେ ଶୁଭୁଥିବ ବୁଦ୍ଧଙ୍କ ମୈତ୍ରୀ, ମମତାର ମର୍ମସ୍ପର୍ଶୀ ବାଣୀ, ଧୃତିର ଧୂପ ଜଳୁଥିବ, ଶାନ୍ତିର ସୁମନ ଫୁଟୁଥିବ, ଅହିଂସାର ଅମ୍ବରରୁ ଅମୃତ ଝରୁଥିବ, ସତ୍ୟର ସରଣୀ ଉଜ୍ଜ୍ୱଳ ଦେଖାଯାଉଥିବ, ପ୍ରସ୍ତର ଦେହରେ କରୁଣାର କୋକନଦ ବିକଶି ଉଠୁଥିବ । ପୃଥିବୀରେ ଉପଗୁପ୍ତମାନେ ଚଣ୍ଡାଶୋକମାନଙ୍କୁ ଧର୍ମାଶୋକରେ ରୂପାନ୍ତରିତ କରୁଥିବେ, ମହେନ୍ଦ୍ର, ସଂଘମିତ୍ରାମାନେ ବିଶ୍ୱରେ ସର୍ବତ୍ର ବିଚରଣ କରି ବୁଦ୍ଧବାଣୀ ପ୍ରଚାରରେ ଅଭିନିବିଷ୍ଟ ଥିବେ । ଭିକ୍ଷୁ ଆନନ୍ଦଙ୍କ ବାଣୀରେ ଆନନ୍ଦର ଉଚ୍ଛ୍ୱାସ ଖେଳିଯାଉଥିବ ବିଶ୍ୱଜନମାନସରେ । ସେହି ଦିନକୁ ଅପେକ୍ଷା, ଯେଉଁଦିନ ଯୁଦ୍ଧର ନର୍କଦ୍ୱାର ବନ୍ଦ ହୋଇ ଶାନ୍ତିର ସ୍ୱର୍ଗଦ୍ୱାର ଫିଟିଯିବ ଚିରକାଳ ସମୂହର ଭବଭୂମିରେ, ବ୍ୟକ୍ତିର ଭାବଭୂମିରେ । ଭୂମିରୁ ଭୂମାକୁ ଆରୋହଣ କରିବ ପବିତ୍ରତା, ଭୂମାରୁ ଭୂମିକୁ ଅବତରଣ କରିବ ପବିତ୍ରତା । ପ୍ରଶସ୍ତ ପରିବେଶ ପୂର୍ଣ୍ଣ ହେବ କେବଳ ପବିତ୍ରତାରେ । ତାହାହିଁ ବୁଦ୍ଧଙ୍କର ବିଶ୍ୱଜୟୀ ବିନମ୍ର ବାର୍ତ୍ତା, ବୁଦ୍ଧତ୍ୱର ବିପୁଳ ବିଭୂତି ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ–୯୮୫୩୨୮୨୯୬୨**

# ସଞ୍ଚୟର ସହଜ ସୂତ୍ର



ଡକ୍ଟର ତପନ କୁମାର ପାଲ

କାହନ୍ତି ଚାକିରି କଲେ ଦାୟିତ୍ୱ ବଢ଼େ । ଆପଣ ଚାକିରି ବା ବ୍ୟବସାୟ କରନ୍ତି ଟଙ୍କା ରୋଜଗାର ପାଇଁ । ସେଇ ରୋଜଗାର ଟଙ୍କାରୁ କିଛି ବଳିଗଲେ ତାକୁ ସଞ୍ଚୟ କରନ୍ତି । ହେଲେ ଅଧିକାଂଶ ସମୟରେ ଆପଣ ଯେତିକି ରୋଜଗାର କରନ୍ତି ତାହା ଅଣ୍ଟେ ନାହିଁ କିମ୍ବା ସଞ୍ଚୟ ମଧ୍ୟ କରିପାରନ୍ତି ନାହିଁ ।

ମୂଳକଥା ହେଲା ନିଜର ଏକ ବଜେଟ ଯୋଜନା କରିବା। ଏଥିପାଇଁ ଅନେକ ସୂତ୍ର ରହିଛି । ହେଲେ ସେସବୁ ମଧ୍ୟରୁ ସବୁଠୁ ଲୋକପ୍ରିୟ ହେଉଛି ୫୦–୩୦–୨୦ ଫର୍ମୁଲା ।

୫୦–୩୦–୨୦ ଫର୍ମୁଲା କ'ଣ? : ଏହି ଫର୍ମୁଲାଟି ଅର୍ଥନୀତି ପରାମର୍ଶଦାତାଙ୍କ ପାଇଁ ସବୁଠୁ ଗ୍ରହଣୀୟ ସୂତ୍ର । ଏହି ସୂତ୍ରରେ ଆପଣ ଆପଣଙ୍କ ଦରମାକୁ ତିନିଭାଗରେ ବିଭକ୍ତ କରନ୍ତୁ । ଏଥିରେ ୫୦ ପ୍ରତିଶତ ଖର୍ଚ୍ଚ, ୩୦ ପ୍ରତିଶତ ଆବଶ୍ୟକତା ଓ ୨୦ ପ୍ରତିଶତ ସଞ୍ଚୟ ଅନ୍ତର୍ଭୁକ୍ତ । ଏହି ଫର୍ମୁଲା ସଞ୍ଚୟ ସହିତ ଖର୍ଚ୍ଚ ପରିଚାଳନା ଓ ଆର୍ଥିକ ଲାଭ ହାସଲ କରିବାରେ ସାହାଯ୍ୟ କରେ ।

ଏହି ସୂତ୍ର କିପରି କାମ କରେ? : ମନେ କରନ୍ତୁ ଆପଣ ଏକ ପ୍ରାଇଭେଟ କମ୍ପାନୀରେ ଚାକିରି କରୁଛନ୍ତି ଏବଂ ମାସିକ ୫୦ ହଜାର ଟଙ୍କା ରୋଜଗାର କରୁଛନ୍ତି । ଏଥିରୁ ଆପଣ ପ୍ରତି ମାସରେ ବାପାମାଆଙ୍କୁ ୧୦ ହଜାର ଟଙ୍କା ପଠାନ୍ତି ତେବେ ଏହି ସୂତ୍ର ଅନୁସାରେ ଆପଣ ଖର୍ଚ୍ଚ ଓ ଆବଶ୍ୟକତା ଅନୁସାରେ ସଞ୍ଚୟ କରିବେ କିପରି ?

୧୦ ହଜାର ଟଙ୍କା ପରିବାରକୁ ପଠାଇଲା ପରେ ଆପଣଙ୍କ ପାଖରେ ବଞ୍ଚୁଛି ୪୦ ହଜାର ଟଙ୍କା । ଏହାର ୫୦ ପ୍ରତିଶତ ଅର୍ଥାତ୍ ୨୦ ହଜାର ଟଙ୍କା ଆପଣ ଘରଭଡ଼ା, ଖାଦ୍ୟ, ବିଜୁଳି ବିଲ୍ ଇତ୍ୟାଦିରେ ଖର୍ଚ୍ଚ କରନ୍ତୁ । ଏବେ ବାକି ୫୦ ପ୍ରତିଶତ ଦରମାକୁ ଦୁଇ ଭାଗରେ ବାଣ୍ଟନ୍ତୁ । ବାକି ଥିବା ଦରମାର ୩୦ ପ୍ରତିଶତ, ଅର୍ଥାତ ୧୨ ହଜାର ଟଙ୍କା ଆପଣଙ୍କ ଆବଶ୍ୟକତା ପାଇଁ ଯଥା ଜିମ କିମ୍ବା କୌଣସି କର୍ମଶାଳା ଇତ୍ୟାଦିରେ ଖର୍ଚ୍ଚ କରନ୍ତୁ ।

ଆପଣ ଏଥିରୁ ମଧ୍ୟ କିଛି ପରିମାଣ ସଞ୍ଚୟ କରିବାକୁ ଚେଷ୍ଟା କରିବା ଉଚିତ, ଯାହା ଆପଣଙ୍କୁ ଟ୍ରାଭେଲ ଟ୍ରିପ କିମ୍ବା ବ୍ରାଣ୍ଡେଡ ପୋଷାକ ବା ସ୍ମାର୍ଟଫୋନ କିଣିବା ଆଦି ଛୋଟ ଛୋଟ ଲକ୍ଷ୍ୟ ପୂରଣ କରିବାରେ ସାହାଯ୍ୟ କରିବ ।

ଏବେ ବାକି ୨୦ ପ୍ରତିଶତ ଅର୍ଥାତ୍ ୮ ହଜାର ଟଙ୍କା ସଞ୍ଚୟ କରନ୍ତୁ । ସଞ୍ଚୟ ସହିତ ଆପଣ ପ୍ରତି ମାସରେ ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ଏକ ଜରୁରୀକାଳୀନ ପାଣ୍ଠିରେ କିଛି ପରିମାଣ ରଖିବା ଜରୁରୀ । ତା'ଛଡ଼ା ଆପଣ କିଛି ଟଙ୍କା ନିବେଶ କରିବା ଉଚିତ । ଏଥିରେ ଆପଣଙ୍କୁ ରିଟର୍ଣ୍ଣ ମିଳିବ ଏବଂ ଏହା ଆପଣଙ୍କ ସଞ୍ଚୟ ବୃଦ୍ଧି କରିବ । ଏହା ସହିତ ମେଡ଼ିକାଲ ଏମର୍ଜେନସି ପାଇଁ ମଧ୍ୟ କିଛି ଟଙ୍କା ରଖିବା ଆବଶ୍ୟକ । ଏପରି କଲେ ଆପଣ ୫୦–୩୦–୨୦ ଫର୍ମୁଲା ସାହାଯ୍ୟରେ ଆପଣଙ୍କର ଖର୍ଚ୍ଚ ଓ ଆବଶ୍ୟକତା ଅନୁସାରେ ସଞ୍ଚୟ କରିପାରିବେ ।

କଥାରେ ଅଛି ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି । ସଂସାର ଜୀବନରେ ଅନେକ ଝଡ଼ଝଞ୍ଜା, ଅଭାବ, କଷ୍ଟକୁ ନେଇ ଚଳିବାକୁ ପଡ଼ିଥାଏ ତେବେ ସବୁଠାରୁ ବଡ଼ କଥା ହେଉଛି ସଞ୍ଚୟ ଅଭ୍ୟାସ ।

ଅନେକଙ୍କର ବଦଖର୍ଚ୍ଚ ଗୁଣ ଓ ବନ୍ଧୁବତ୍ସଳତା ପାଇଁ ଖୋଲା ହାତ ଖର୍ଚ୍ଚ ପରବର୍ତ୍ତୀ ସମୟରେ ସେମାନଙ୍କୁ ଅଭାବୀ କରେ ଏବଂ ଅନେକ ସର୍ବସ୍ୱାନ୍ତ ବା ଏକ ପ୍ରକାର କାଙ୍ଗାଳ ହୋଇପଡ଼ନ୍ତି । ତେଣୁ ସାମାଜିକ ଜୀବନରେ ସଞ୍ଚୟ ଏକ ଖୁବ୍ ଭଲ ଅଭ୍ୟାସ । ବିଶେଷକରି ପିଲାମାନଙ୍କୁ ଛୋଟବେଳୁ ସଞ୍ଚୟ ଅଭ୍ୟାସ ଶିଖାଇବା ଏକ ଭଲ କଥା ।

ଭଗବାନ ଶ୍ରୀସତ୍ୟସାଇଙ୍କ ବାଣୀରେ 'କାମନାର ସୀମାଙ୍କନ' ଏକ ସମ୍ଭାଷଣ ଅଛି । ଜଣେ ଚାହିଁଲେ ନିଜର ଅନ୍ତହୀନ କାମନା ଉପରେ ଲଗାମ ଲଗାଇପାରିବ ଯାହାକି ତାଙ୍କୁ ସଞ୍ଚୟର ଏକ ରାସ୍ତା ଦେଖାଇପାରିବ । ବର୍ତ୍ତମାନର ସମୟରେ ସବୁଠି ଦରଦାମ ବଢୁଛି । ଅନେକ କୁହନ୍ତି ସେପରି ଆୟ କିନ୍ତୁ ବଢୁନାହିଁ ତେଣୁ ଏପରି କ୍ଷେତ୍ରରେ ସଞ୍ଚୟ କରିବା ଯେ କଷ୍ଟକର ତାହା ନୁହଁ ବରଂ ସଞ୍ଚୟ ପାଇଁ ଏକ ସୁଅଭ୍ୟାସ ରଖିପାରିଲେ ଉପରୋକ୍ତ ପରାମର୍ଶଗୁଡ଼ିକ ଆପଣଙ୍କୁ ସଞ୍ଚୟ ପାଇଁ ଏକ ଭଲ ରାସ୍ତା ଦେଖାଇବ ନିଶ୍ଚୟ ।

**ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,**
**ମୋ–୯୯୩୭୬୫୮୩୬୨**

# ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ଉତ୍ସବ



କୃପାନିଧି ବିଶ୍ୱାଳ

ଗଜପତି ମହାରାଜ ପୁରୀ ଶ୍ରୀ ଦିବ୍ୟସିଂହ ଦେବ, ମୁମ୍ବାଇ ସହରକୁ ଜୁନ ମାସ ୨୦୧୩ ମସିହାରେ ଗସ୍ତ କରିଥିଲେ । ଏହି ଗସ୍ତ ଅବସରରେ ମୁମ୍ବାଇ ସହରରେ ଓଡ଼ିଆମାନଙ୍କ ପାଇଁ ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଥିଲା ।

ମୁମ୍ବାଇ ଓଡିଶା ଭବନ ଠାରେ ତା ୦୨.୦୬.୨୦୧୩ ରିଖ ସନ୍ଧ୍ୟାରେ ଏକ କାର୍ଯ୍ୟକ୍ରମରେ ପ୍ରାୟ ୫୦୦ ଓଡ଼ିଆ ତଥା ଜଗନ୍ନାଥ ପ୍ରେମୀ ଅଣଓଡିଆମାନଙ୍କର ସମାଗମ ହୋଇ ଥିଲା । ଏହି କାର୍ଯ୍ୟକ୍ରମକୁ ଶ୍ରୀ ରାମ ପ୍ରସାଦ ମୁଦୁଲି, ଶ୍ରୀ ସତ୍ୟବ୍ରତ ପଟ୍ଟନାୟକ, ଶ୍ରୀ ଭଗବାନ ପଣ୍ଡା , ଡା. ବିପିନ ବିହାରୀ ମିଶ୍ର, ଡ. ପି କେ ମହାନ୍ତି, ଶ୍ରୀ ପ୍ରଦୀପ କୁମାର ସାହୁ, ଶ୍ରୀ ସୂର୍ଯ୍ୟ ଗୌଡ଼, ଶ୍ରୀ ସୂର୍ଯ୍ୟମଣି ଗୌଡ଼, ଶ୍ରୀ ଅରବିନ୍ଦ ଜାତି ପ୍ରମୁଖ ସଫଳ କରିବାରେ ସହଯୋଗ କରିଥିଲେ । ଲୋକମାନଙ୍କ ଆଗ୍ରହକୁ ଦେଖି ପର ଦିନ ସକାଳେ ଜଳଖିଆ ଖାଇବା ଅବସରରେ ଗଜପତି ମହାରାଜ ଓ ଶ୍ରୀ ରାମପ୍ରସାଦ ମୁଦୁଲି ମୋ ସହିତ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପାଳନ ବିଷୟରେ ଆଲୋଚନା କଲେ ।

ସମସ୍ତ ଓଡ଼ିଆ ଭାଇଭଉଣୀମାନଙ୍କୁ ନେଇ ଏହାକୁ ଆୟୋଜନ କରିବା ପାଇଁ ଆମେ ରାଜି ହେଲୁ ଓ ଗଜପତି ମହାରାଜଙ୍କୁ ନିବେଦନ କଲୁ ଯେ ସେ ଏହାର ମୁଖ୍ୟ ଭାବରେ ରହିଲେ ଖୁବ୍ ଭଲ ହେବ । ସର୍ବସମ୍ମତି କ୍ରମେ ଏହା ଜାନୁଆରୀ ୯ରୁ ୧୪ ଯାଏଁ ପାଳନ କରିବା ପାଇଁ ସ୍ଥିର ହେଲା ।

ଏହାକୁ କିପରି କାର୍ଯ୍ୟକାରୀ କରାଯିବ ଯଥା – ଆର୍ଥିକ ସହାୟତା, ଶୃଙ୍ଖଳା ଇତ୍ୟାଦି ସବୁ ଦିଗରୁ ବିସ୍ତୃତ ଭାବେ ଆଲୋଚନା କରାଗଲା ଏବଂ ଶ୍ରୀଜଗନ୍ନାଥ ଚେତନା ସେବା ସମିତି ଗଠନ ହୋଇ ଏହାର ସଭ୍ୟ ସଂଗ୍ରହ କରିବାକୁ ସ୍ଥିର କରାଗଲା । ପୂର୍ବରୁ ମୁମ୍ବାଇ ସହରର ସାକିନାକି ଠାରେ ଏକ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରି ତାହାର ପରିଚାଳନା ଓଡ଼ିଆ ଭାଇମାନେ କରୁଥିଲେ । ଏହାର ଦାୟିତ୍ୱରେ ଶ୍ରୀ ବେଣୁଧର ବିଶ୍ୱାଳ ଓ ଶ୍ରୀ ପାଣିଗ୍ରାହୀ ରହିଥିଲେ । ସେ ସମୟରେ ନାଭି ମୁମ୍ବାଇ ଅଞ୍ଚଳରେ ଶ୍ରୀ ଭଗବାନ ପଣ୍ଡା ଏକ ମନ୍ଦିର ନିର୍ମାଣ କରିବାକୁ ପ୍ରସ୍ତୁତି ଚଳାଇ ଥିଲେ ଓ ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରିଦେଇଥିଲେ ।

ଅନ୍ୟ ଏକ ଜାଗାରେ ଶ୍ରୀ ରାମ ପ୍ରସାଦ ମୁଦୁଲି ଅନ୍ୟ ଏକ ମନ୍ଦିର ନିର୍ମାଣ ନିମନ୍ତେ ମଧ୍ୟ ଆଗ୍ରହୀ ଥିଲେ । ଶ୍ରୀ ପ୍ରକାଶ ଗୁହା ଥାନେ ଅଞ୍ଚଳରେ ଏକ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତିରେ ଥିଲେ ଓ ପଶ୍ଚିମ ମୁମ୍ବାଇ ଅଞ୍ଚଳରେ ଏକ ମନ୍ଦିର ପାଇଁ ସେଠିକାର ଓଡ଼ିଆ ଭାଇମାନେ ଆଗ୍ରହୀ ଥିଲେ । ପଶ୍ଚିମ ମୁମ୍ବାଇ ତରଫରୁ ଶ୍ରୀ ଚିନ୍ମୟ ଦାସ ଆମ ସହିତ ଯୋଗ ଦେଲେ । ମୁମ୍ବାଇ ସହରରେ ୫ ଗୋଟି ମନ୍ଦିର ନିର୍ମାଣ ହେବାରେ କୌଣସି ଅସୁବିଧା ନାହିଁ ବୋଲି ବିବେଚନା କରି ଏହି ମନ୍ଦିରର କର୍ମକର୍ତ୍ତାମାନଙ୍କୁ ନେଇ ପଞ୍ଚରାତ୍ର ମହୋତ୍ସବ ପାଇଁ ସ୍ଥିର କରାଗଲା । ଗଜପତି ମହାରାଜ ଆମକୁ ୱେବ୍ ମାଧ୍ୟମରେ ବିଭିନ୍ନ ଦିଗ୍‌ଦର୍ଶନ ଦିଅନ୍ତି,ଆଲୋଚନା କରନ୍ତି । ପୁରୀ ଶ୍ରୀମନ୍ଦିରକୁ ଏହି ପଂଚରାତ୍ର ପର୍ବରେ ସାମିଲ କରିବାକୁ ନିର୍ଦ୍ଦେଶ ଦିଅନ୍ତି । ମହରାଜାଙ୍କ ନିର୍ଦ୍ଦେଶ କ୍ରମେ ଆମେ ସବୁ ପୁରୀ ଶ୍ରୀମନ୍ଦିର ଯାଇ ପ୍ରଭୁଙ୍କ ଆଶୀର୍ବାଦ ଆଣିଲୁ । ଆମ ସହିତ ଶ୍ରୀ ସୂର୍ଯ୍ୟ ଗୌଡ଼ ଭୁବନେଶ୍ୱର ଯାଇ ଗଜପତି ମହାରାଜଙ୍କ ସହିତ ଆଲୋଚନା କରିଥିଲେ ।

ପଞ୍ଚରାତ୍ର ଉତ୍ସବ ପାଇଁ ଏକ ପଡିଆ ମଧ୍ୟ ସଂରକ୍ଷିର୍ତ କରାଗଲା । ତାହାର ନାମ ମୁଲୁଣ୍ଡା ଗ୍ରାଉଣ୍ଡ । ଏହି ବିଶାଳ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶତାଧିକ ଓଡ଼ିଆ ମୁମ୍ବାଇ ସହରରେ ପ୍ରାୟ ଛ ମାସ ସମୟ ଲଗିପଡ଼ିଥିଲେ ଓ ଅର୍ଥ ମଧ୍ୟ ସଂଗ୍ରହ କରିଥିଲେ । ଶ୍ରୀ ପ୍ରକାଶ ଗୁହା, ଶ୍ରୀ ଭଗବାନ ପଣ୍ଡା , ଶ୍ରୀ ରାମ ପ୍ରସାଦ ମୁଦୁଲି ,ଶ୍ରୀ ସତ୍ୟବ୍ରତ ପଟ୍ଟନାୟକ, ଡ. ବିପିନ ମିଶ୍ର, ଚିନ୍ମୟ ଦାଶ, ସୂର୍ଯ୍ୟ ଗୌଡ଼, ଶ୍ରୀ ସୂର୍ଯ୍ୟମଣି ଗୌଡ଼, ଶ୍ରୀ ପବିତ୍ର ମହାପାତ୍ର, ଶ୍ରୀ ସୁରେନ୍ଦ୍ର ନାଥ ମହାପାତ୍ର, ବେଣୁଧର ବିଶ୍ୱାଳ ଓ ପାଣିଗ୍ରାହୀ ବାବୁ ପ୍ରମୁଖଙ୍କ ଅବଦାନ ଏଥିରେ ବହୁତ ଥିଲା ।

ଜାନୁୟାରୀ ୯ ତାରିଖ ୨୦୧୪ ମସିହାରେ ସାଧୁସନ୍ଥମାନଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥଙ୍କ ପଂଚରାତ୍ର ମୂଲୁଣ୍ଡା ଗ୍ରାଉଣ୍ଡରେ ଆରମ୍ଭ ହୋଇ ସେହି ଜାନୁୟାରୀ ୧୪ ରେ ମହାସମାରୋହରେ ସମାପ୍ତ ହୋଇଥିଲା । ଏହି ମହୋତ୍ସବରେ ପ୍ରତିଦିନ ପ୍ରାୟ ୫୦,୦୦୦ ଜନ ସମାଗମ ହେଉଥିଲା । ସମସ୍ତଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଉ ଥିଲା ଓ ନୂଆଦିଲ୍ଲୀରୁ ଓକିଲ ସଂଜୀବ କୁମାର ମହାନ୍ତି, ଆମେରିକାରୁ ଶ୍ରୀକାନ୍ତ ନାୟକ, ପୁରୀ ଶ୍ରୀମନ୍ଦିର ତରଫରୁ ଶ୍ରୀ ଅରବିନ୍ଦ ପାଢୀ, ଏବଂ ମୁକ୍ତିମଣ୍ଡପର ବ୍ରାହ୍ମଣମାନେ ତଥା ଓଡିଶାରୁ ପ୍ରତି ଜଗନ୍ନାଥ ମନ୍ଦିରରୁ ପ୍ରାୟ ୫୦୦ ଲୋକ ଏଥିରେ ଯୋଗ ଦେଇଥିଲେ ।

ଏହି ପଂଚରାତ୍ର ପରେ ୨୦୧୮ ମସିହାରେ ନିର୍ମାଣ ଚାଲିଥିବା ଶ୍ରୀଜଗନ୍ନାଥ ମନ୍ଦିର ଶ୍ରୀ ଦିବ୍ୟସିଂହ ଦେବ ଗଜପତି ମହାରାଜାଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା । ଏହି ମନ୍ଦିରରେ ଅଦ୍ୟାବଧି ପ୍ରତିଦିନ ଠାକୁରଙ୍କ ରୀତି ନୀତି ଠିକ୍ ହିସାବରେ ଚାଲିଛି । ମୁମ୍ବାଇ ସହରରେ ଅନ୍ୟ ସ୍ଥାନଗୁଡିକରେ ମନ୍ଦିର ନିର୍ମାଣ କରିବାକୁ ଓଡ଼ିଆ ଭାଇମାନେ ଏବେ ମଧ୍ୟ ଚେଷ୍ଟାରେ ଅଛନ୍ତି । ବର୍ତ୍ତମାନ ଦୁଇ ଗୋଟି ଶ୍ରୀଜଗନ୍ନାଥ ମନ୍ଦିର ମୁମ୍ବାଇ ସହରରେ ସମ୍ପୂର୍ଣ୍ଣ ଭାବରେ ନିର୍ମିତ ହୋଇସାରିଛି ଓ ସେଠାରେ ରୀତି ନୀତି ଠିକ୍ ଭାବରେ ଚାଲିଛି । ଅନେକ ଭକ୍ତ ଠାକୁରଙ୍କୁ ଦର୍ଶନ କରିବାକୁ ପ୍ରତିଦିନ ସେଠାକୁ ଆସନ୍ତି ମଧ୍ୟ ।

ପଂଚରାତ୍ରରେ ବ୍ୟବହୃତ ହେଉଥିବା ଚାରି ଗୋଟି ମୂର୍ତ୍ତିଙ୍କୁ ସମୁଦ୍ରରେ ବିସର୍ଜନ କରିବା କଥା । କିନ୍ତୁ ତାହା ନ କରି ମୂର୍ତ୍ତିମାନଙ୍କୁ ଓଡିଶା ଭବନ ପରିସରରେ ଆଣି ରଖାଗଲା । ତଦ୍ୱାରା ଲୋକମାନଙ୍କ ମଧ୍ୟରେ ଠାକୁରଙ୍କୁ ଦର୍ଶନ କରିବାକୁ ଖୁବ୍ ଆଗ୍ରହ ବଢିଲା ।

ଓଡ଼ିଶା ସରକାର ଓଡ଼ିଶା ଭବନର ଦ୍ୱାର ଦେଶରେ ଠାକୁରମାନଙ୍କୁ ରଖି ନିୟମିତ ଭାବରେ ଏହାର ପୂଜା ଅର୍ଚ୍ଚନା ଏବେ ମଧ୍ୟ କରୁଛନ୍ତି । ଓଡ଼ିଶାରୁ ଆସୁଥିବା ରୋଗୀମାନଙ୍କ ପାଇଁ ଏହା ମଧ୍ୟ ଏକ ଉପାସନା କେନ୍ଦ୍ର ରୂପେ କାର୍ଯ୍ୟକାରୀ ହେଉଛି । ଭାଗବତ ଓ ଗୀତା ପାଠ, କୀର୍ତ୍ତନ, ଭଜନ ଏଠାରେ ନିୟମିତ ଭାବରେ ଚାଲିଛି । ଓଡ଼ିଆଙ୍କ ପ୍ରାଣ କେନ୍ଦ୍ର, ପ୍ରଭୁ ଶ୍ରୀ ଜଗନ୍ନାଥ, ଓଡ଼ିଆ ଅସ୍ମିତା ରକ୍ଷା କରିବାରେ ଓଡିଶା ଭବନରେ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠାକୁ ମୁମ୍ବାଇବାସୀ ବହୁ ଭାବରେ ପ୍ରଶଂସା କରି ଆନନ୍ଦ ଲାଭ କରୁଛନ୍ତି ।

**ପୂର୍ବତନ ସହକାରୀ ଆବାସିକ କମିଶନର,**
**ଓଡ଼ିଶା ଭବନ, ମୁମ୍ବାଇ**
**ଭୁବନେଶ୍ୱର, ମୋ– ୯୮୧୯୯୬୪୫୧୭**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦଇତାପତି...

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ପ୍ରାୟ ଚାରୋଟି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିବା ଜଣା ପଡ଼ିଛି । ରାମକୃଷ୍ଣଙ୍କ କଥାରୁ ଲାଗୁଛି ପ୍ରତ୍ୟକଟି ଦିଗକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତାଙ୍କୁ ଜେରା କରିଛନ୍ତି । ବିଶେଷ ସୂତ୍ରରୁ ମିଳି ଥିବା ତଥ୍ୟ ଅନୁଯାୟୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରାମ କୃଷ୍ଣଙ୍କୁ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ ପଚାରିଛନ୍ତି ।

ଶ୍ରୀମନ୍ଦିରରୁ ବଳକା ଦାରୁରେ ମୂର୍ତ୍ତି ନିର୍ମାଣ ହୋଇ ଦୀଘାରେ ପ୍ରତିଷ୍ଠା ଘଟଣା କେତେଦୂର ସତ,, ଏକଥା ରାମକୃଷ୍ଣଙ୍କୁ ପଚାରିଛନ୍ତି ମୁଖ୍ୟ ପ୍ରଶାସକ । ଏହା ସହିତ ଦୀଘାରେ ଜଗନ୍ନାଥ ଧାମ୍ ଲେଖାଯାଇଥିବା ବେଳେ ଏହାକୁ ସେଠି କାହିଁକି ବିରୋଧ କଲେନାହିଁ ରାମକୃଷ୍ଣ ଦାସ ମହାପାତ୍ର । କାହିଁକି ଓ କିଭଳି ପରିସ୍ଥିତିରେ ଦୀଘା ଯାଇ ସେଠାରେ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ଥିଲେ ରାମକୃଷ୍ଣ ଏଭଳି କିଛି ପ୍ରଶ୍ନକୁ ରାମକୃଷ୍ଣ ସାମ୍ନା କରିଥିବା ବେଳେ ବୈଠକ ମଧ୍ୟରେ କାହାକୁ ଟେଲିଫୋନ ଯୋଗେ କଥାବାର୍ତ୍ତାର ଦୃଶ୍ୟକୁ ନେଇ ସନ୍ଦେହ ଆହୁରି ବଢ଼ିଥିଲା । ସେପଟେ ବୈଠକ ପରେ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ରାମକୃଷ୍ଣ ଦାସ ମହାପାତ୍ର ଦେଇନାହାନ୍ତି । ଅନ୍ୟପଟେ ବିଭିନ୍ନ ନିଯୋଗର ସଭାପତି ସମ୍ପାଦକଙ୍କୁ ଏହି ପ୍ରସଙ୍ଗରେ ମତାମତ ଦେବାକୁ ମୁଖ୍ୟ ପ୍ରଶାସକ କହିଥିବା ବେଳେ ଦଇତମହାପାତ୍ର ନିଯୋଗ ନିଜ ମତାମତ ଦେଇଛି । ତେବେ ଘଟଣା ସମ୍ପର୍କରେ ପଶ୍ଚିମବଙ୍ଗ ସରକାରଙ୍କୁ ଟାର୍ଗେଟ କରିଛନ୍ତି ସେଠାକାର ବରିଷ୍ଠ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଛ ସେପଟେ ଶ୍ରୀମନ୍ଦିରରୁ ବଳକା ଦାରୁ ନେଇ ମୂର୍ତ୍ତି ନିର୍ମାଣ କରି ଦୀଘାରେ ପ୍ରତିଷ୍ଠା କରିବା ପ୍ରତିକ୍ରିୟା ଯୋଗୁଁ ଏବେ ଥାନାରେ ବିବାଦରେ ଛନ୍ଦି ହୋଇଛନ୍ତି ରାମକୃଷ୍ଣ ଦାସ ମହାପାତ୍ର ।

### ରଥ ଯାତ୍ରା ...

ସ୍ୱାସ୍ଥ୍ୟକେନ୍ଦ୍ର, ଟିବିଆଇଡିଏଚ୍ ହସ୍ପିଟାଲ, ଜଗନ୍ନାଥ ମେଡିକାଲ କଲେଜରେ ଅଧିକ ସଂଖ୍ୟାବେଡ, ଚିକିତ୍ସା ସୁବିଧା ଏବଂ ଔଷଧ ଆଦିର ବ୍ୟବସ୍ଥା କରିବା ପାଇଁ ସ୍ଥିର ହୋଇଥିଲା । ଚଳିତ ବର୍ଷ ଅଧିକ ସଂଖ୍ୟା ଫାଷ୍ଟ-ଏଡକେନ୍ଦ୍ର ଖୋଲିବା ପାଇଁ ସ୍ଥିର କରାଯାଇଥିଲା । ଏହି କେନ୍ଦ୍ର ଗୁଡିକ ୩ ଟିସିଫ୍ଟରେ ୨୪ ଘଣ୍ଟା ଭିତ୍ତିରେ କାର୍ଯ୍ୟ କରିବେ । ପ୍ରତି ସିଫ୍ଟରେ ଜଣେ ଡାକ୍ତର, ଜଣେ ଫର୍ମାସିଷ୍ଟ, ଜଣେ ବହୁମୁଖ୍ୟ ସ୍ୱାସ୍ଥ୍ୟ ସେବକ ଓ ଜଣେ ସହାୟକ ନିୟୋଜିତ ରହିବେ । ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ୧୨ଟି, ସମୁଦ୍ରକୂଳରେ ୩ଟି ତାଳବଣିଆ ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନ୍‌ରେ ୩ଟି, ପୁରୀ-ଭୁବନେଶ୍ୱର ରାସ୍ତାରେ ୯ଟି, ପୁରୀ-କୋଣାର୍କ ରାସ୍ତାରେ ୪ଟି, ପୁରୀ-ସାତପଡ଼ା ରାସ୍ତାରେ ୨ଟି ଏହିପରି ୩୩ଟି ଫାଷ୍ଟ-ଏଡସେବା କେନ୍ଦ୍ର ଖୋଲିବା ପାଇଁ ପ୍ରାଥମିକସ୍ତରରେ ନିଷ୍ପତ୍ତି ହୋଇଛି ।

ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମୁଦ୍ରକୂଳ, ସହରଭିତର, ପୁରୀ-ଭୁବନେଶ୍ୱର ରାସ୍ତା, ପୁରୀ-କୋଣାର୍କ ରାସ୍ତା ଓ ପୁରୀ-ସାତପଡ଼ା ରାସ୍ତାରେ ବିଭିନ୍ନ ସ୍ଥାନରେ ଅଧିକ୩୧ଟି ଆମ୍ବୁଲାନ୍ସ ନିୟୋଜନ କରାଯିବ । ଅତିରିକ୍ତ ୭ଟି ୧୦୮ ଆମ୍ବୁଲାନ୍ସ ୨୦୩ ଜାତୀୟ ରାଜପଥ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ନିୟୋଜିତ ହେବ ।

ରଥଯାତ୍ରା ସମୟରେ ଜରୁରୀକାଳୀନ ସେବା ନିଶ୍ଚିତ କରିବା ପାଇଁ ୩୦୦ରୁ ଅଧିକ ବିଶେଷଜ୍ଞ ଡାକ୍ତର, ସଂକ୍ରାମକରୋଗ ବିଶେଷଜ୍ଞ ଫାର୍ମାସିଷ୍ଟ, ନର୍ସିଂ ଅଫିସର, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଖାଦ୍ୟା ନିରାପତ୍ତା ଅଫିସର, ଡ୍ରେସର ଏବଂ ସହାୟକମାନଙ୍କୁ ନିୟୋଜିତ କରାଯିବ । ଖାଦ୍ୟ ନିରାପତ୍ତା ଏବଂ ସମ୍ଭାବ୍ୟ ସଂକ୍ରମଣ ନିରାକରଣ ନିମନ୍ତେ ଲଗାତର ନଜର, ଜଳ ଉତ୍ସବିଶୁଦ୍ଧିକରଣ, ଜଳର ଗୁଣାତ୍ମକମାନଙ୍କ ଯାଞ୍ଚ, ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆଦି ଚାଲୁରହିବ ।

ପର୍ଯ୍ୟାପ୍ତ ପରିମାଣର ଔଷଧ, ବ୍ଲଡ ବ୍ୟାଙ୍କମାନଙ୍କରେ ଅଧିକ ବ୍ଲଡ ୟୁନିଟ୍ ମହଜୁଦ, ତୁରନ୍ତ ସେବା ପ୍ରଦାନକାରୀ ଦଳ ଗଠନ ଓ ଅଧିକ ବେଡ ସ୍ଥାପନ ଆଦି କାର୍ଯ୍ୟ ନିଶ୍ଚିତ କରାଇବା ନିମନ୍ତେ ଶାସନ ସଚିବ ଅଶ୍ୱତୀ ଏସ୍ ନିର୍ଦ୍ଦେଶ ଦେଇଥିଲେ । ଏସବୁ କାର୍ଯ୍ୟ ପାଇଁ ଆବଶ୍ୟକୀୟ ପାଣ୍ଠି ଯୋଗାଇ ଦିଆଯିବ ବୋଲି ମଧ୍ୟ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପୋମାଟୁଡୁ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର, ଜଗନ୍ନାଥ ମେଡ଼ିକାଲ କଲେଜର ଅଧିକ୍ଷକ କୌଶିକ ମିଶ୍ର ଆଲୋଚନା ନିମନ୍ତେ ବିଭିନ୍ନ ପ୍ରସ୍ତାବ ତଥ୍ୟ ଉପସ୍ଥାପନ କରିଥିଲେ ।

### ଦୁର୍ଘଟଣାରେ...

ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଦୁଇ ଡ୍ରାଇଭର ହେଲେ ରତ୍ନାକର ସ୍ୱାଇଁ ଓ ଚନ୍ଦନ ଜେନା। ଧକ୍କା ଦେଇଥିବା ଆଇରନ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏହି ଘଟଣାକୁ ନେଇ ବନ୍ଦର ନିଷିଦ୍ଧାଞ୍ଚଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇ ଥିଲା । କାମ ବନ୍ଦ କରି ପାଖାପାଖି ୧୨୦୦ ହାଇୱା ଡ୍ରାଇଭର ମାନେ ବନ୍ଦରର ଦୁଇନମ୍ବର,ତିନି ନମ୍ବର,ଚାରି ନମ୍ବର ସମେତ ଅନ୍ୟ ସବୁ ଗେଟ ନିକଟରେ ଧାରଣା ଦେଇଥିଲେ । ରାତି ଦୁଇଟା ଠାରୁ ବର୍ଥରୁ ପ୍ଲଟକୁ ପଣ୍ୟ ପରିବହନ ସମ୍ପୁର୍ଣ୍ଣ ବନ୍ଦ ହୋଇଯାଇଥିଲା । ଶେଷରେ ବହୁ ବୁଝାସୁଝା ପରେ ଧାରଣା ଉଠିଲା।

ସେହିପରି ଯାଯପୁର ଜିଲ୍ଲା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଅଞ୍ଚଳ ଗୋପାଳପୁର ପଞ୍ଚାୟତ କଳାଶ୍ରୀ ଦଳେଇ ସାହିର ତିନି ନମ୍ବର ୱାଡ଼ର ୱାଡ଼ ସଭ୍ୟା ବେଙ୍ଗ ଦଳେଇ (୫୮) ତାଙ୍କ ସ୍ୱାମୀ ଉଚ୍ଛବ ଦଳେଇ (୭୧) ଓ ତାଙ୍କ ଅଣନାତି ଦୁର୍ଯ୍ୟୋଧନ ଦଳେଇ (୧୪) ଗତ କାଲି ଶନିବାର ମାଛ ଧରିବା ପାଇଁ ମାତକାତପୁର ଠାରେ ଲିଜ୍ ନେଇଥିବା ପୋଖରିକୁ ଯାଇଥିଲେ। ବର୍ଷା ଝଡ଼ ହେବାରୁ ସେମାନେ ନିଜ ଘରକୁ ଫେରୁଥିବା ସମୟରେ ବାହାଦୁରନଗର ଗ୍ରାମ ଗଡ଼ାଣିରେ ଏକ ଟ୍ରାକ୍ଟର ଦ୍ରୁତଗତିରେ ଆସିଥିଲା। ବର୍ଷା ଝଡ଼ ତୋଫାନ କାରଣୁ ଡ୍ରାଇଭରକୁ ସେମାନଙ୍କୁ ହଠାତ୍ ଦେଖିବା ପରେ ବ୍ରେକ ଉପରେ ଚଢ଼ିଯିବା ହେତୁ ଟ୍ରାକ୍ଟରଟି ସେମାନଙ୍କ ଉପରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସଙ୍ଗେ ସଙ୍ଗେ ବାହାଦୁରନଗର ଯୁବକମାନେ ସେଠାରେ ଦୁର୍ଘଟଣା ଦେଖି ପରିବାର ଲୋକଙ୍କୁ ଖବର ଦେବା ପରେ ସମେସ୍ତ ମିଶି ଉକ୍ତ ଟ୍ରାକ୍ଟରଟିକୁ ଉଠାଇ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ମାତ୍ର ଡ଼ାକ୍ତର ସେମାନକୁ ମୃତ ଘୋଷଣା କରିଥିଲେ। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବାହାଦୁରନଗର ଗଡ଼ାଣିରେ ସମସ୍ତ ମର ଶରୀର ପହଞ୍ଚିବା ପରେ ଶୋକାକୂଳ ପରିବେଶରେ ଫାଟିପଡ଼ିଥିଲା ଗାଁ ଦାଣ୍ଡ। ଶହ ଶହ ସଂଖ୍ୟାରେ ଉକ୍ତ ଶୋଭାଯାତ୍ରାରେ ଜନସାଧାରଣ ଯୋଗଦେଇଥିଲା ବେଳେ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ପୂର୍ବତନ ଜିଲ୍ଲା ପରିଷଦ ବିପିନ ବିହାରୀ ଜେନା, ଇଂ.ଯଶୋଦୀପ୍ତ ସାମଲ, ଯୁବକଂଗ୍ରେସ ନେତା ସନ୍ତୋଷ କୁମାର ବଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ସାହୁ, ସରପଞ୍ଚ ପ୍ରତିନିଧି ଚିନ୍ମୟ ଶାନ୍ତି, ପଞ୍ଚାୟତ ବିଜେଡ଼ି ସଭାପତି ବିକ୍ରମ ରାଉତ, ଶରତ ରାଉତ, ଜ୍ଞାନେନ୍ଦ୍ର ସାହୁ, କୂଳମଣି ପରିଡ଼ା, ଯାହିଦ ଖାଁ, ଅନିଲ କୁମାର ବଳ, ତପନ ଗୋଇ, ଚାରିନଙ୍ଗଳ ବଜାର କମିଟି ସଭାପତି ସଂଜୟ କୁମାର ସାମଲ, ଚାନ୍ଦ ଖାଁ, ସେକ୍ ଇକବାଲ ହୁସେନ, ସେକ୍ ଗୋରା, ତୋଫାନ କୁମାର ସାହୁ, ସେକ୍ ସଜାଉଦ୍ଦିନ୍, ସେକ୍ ଜାଉଲ ହୋଦା, ସେକ୍ ନସାଦ ଅଲ୍ଲି ପ୍ରମୁଖ ଗାଁରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସନ୍ଧ୍ୟା ସମୟରେ ବଡ଼ଚଣା ବିଜେଡ଼ି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ବ୍ଲକ ବିଜେଡ଼ି ସଭାପତି ତାପସ ରାୟ, ଗଣେଶ୍ୱର ବରାଳ, ନିରଞ୍ଜନ ବିଶ୍ୱାଳ, ପବିତ୍ର କୁମାର ମହାନ୍ତି, ସଞ୍ଜିବ ସାମଲ, ପ୍ରାକ୍ତନ ସମିତି ସଭ୍ୟ ଦେବେନ୍ଦ୍ର ଜେନା ପ୍ରମୁଖ ଶବ ଦାହ ନିକଟରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ବଡ଼ପୁଅ ବୈଲୋଚନ ଦଳେଇ ମୁଖାଗ୍ନି ଦେଇଥିଲେ। ଏଥିନେଇ ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ୧୨୩/୨୫ରେ ମାମଲା ରୁଜୁ କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି। ତେବେ ଗ୍ରାମର ସେହି ସ୍ଥାନରେ ରାସ୍ତା ଅଣଓସାରିଆ ହେତୁ ଦୁର୍ଘଟଣା ଘଟି ପୂର୍ବରୁ ଦୁଇ ଜଣଙ୍କ ଜୀବନ ଯାଇଥିବା ବେଳେ ଏବେ ସେହି ସ୍ଥାନରେ ଦୁର୍ଘଟଣା ଘଟି ଚାଲିଯାଇଛି ତିନୋଟି ଅମୂଲ୍ୟ ଜୀବନ। ଏଥିନେଇ ଗ୍ରାମବାସୀ ମାନେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଶ୍ରୀ ସାମଲ ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତା କାର୍ଯ୍ୟ ସୁଧାରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

### ନିବେଶକ...

ଡିଜିଟାଲ୍ ଶାସନ ସହଯୋଗ ପାଇଁ ସେ ନିବେଶକମାନଙ୍କ ସହ ଆଲୋଚନା କରିଥିଲେ । ଚାମ୍ବର ଫର୍ ଆଡଭାନ୍ସମେଣ୍ଟ୍ ଅଫ୍ ସ୍ମଲ୍ ଆଣ୍ଡ୍ ମିଡିୟମ୍ ଏଣ୍ଟରପ୍ରାଇଜେସ୍ ମହାରାଷ୍ଟ୍ର – ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପ୍ୟାକେଜିଂରେ ଏମଏସଏମଇ ସହଯୋଗ ପାଇଁ ସୁଯୋଗ ଅନୁସନ୍ଧାନ କରିବା, ଓଡ଼ିଶାର କଞ୍ଚାମାଲ ସୁବିଧାକୁ ବ୍ୟବହାର କରିବା ଆଦି ଆଷଳାଚନାର ପ୍ରମୁଖ ପ୍ରସଙ୍ଗ ଥିଲା । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓଡ଼ିଶାକୁ ଶିଳ୍ପ ବିକାଶ, ସାଂସ୍କୃତିକ ପ୍ରୋତ୍ସାହନ ଏବଂ ଡିଜିଟାଲ୍ ଶାସନରେ ଏହାର ରଣନୈତିକ ସୁବିଧା ପ୍ରଦର୍ଶନ କରିବା ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ ପ୍ରଦାନ କରିଥିଲା ।

### ୩ କୋଟି...

ଟଂକା ପାଇବା ପରେ ଧୀରେଧୀରେ ଜିତେନ୍ଦ୍ର ତାଙ୍କୁ ୪୦ ଲକ୍ଷ ଟଂକା ପର୍ଯ୍ୟନ୍ତ ଦେଇ ଚାଲିଲେ।

ତେବେ ଜିତେନ୍ଦ୍ର ଟଂକା କେଉଁ କମ୍ପାନିରେ ପକାଇଛ ବୋଲି ପଚାରିବା ସହ ଟଂକା ମାଗିବାରୁ ଦେବଜିତ ତୁମର ଆଇଡି ବନ୍ଦ ହୋଇଥିବା କହିଥିଲେ। ପୁଣି ଦେବଜିତ ଆଇଡି ବନ୍ଦ ହୋଇଥିବା କହି ପୁଣି ୨୨ ଲକ୍ଷ ଟଂକା ମାଗିଲେ। ଜିତେନ୍ଦ୍ର ପୁଣି ଧାର ଉଧାର କରି ୨୨ ଲକ୍ଷ ଦେଲେ। ଜିତେନ୍ଦ୍ର ଟଂକା ମାଗିବାରୁ ତୁମର ପାନ୍ ଓ ଆଧାର କାର୍ଡ ମେଚ କରୁନଥିବା କହି ୧୦ ଲକ୍ଷ ଟଂକା ମାଗିଲେ। ଏହି ଟଂକା ପକାଇଲେ ତୁମର କମିସନ ଆସିବ ବୋଲି ବୁଝାଇଥିଲା ଦେବଜିତ। ପୁଣି କହିଲେ ଯେ ଟଂକା ପାଇବାକୁ ହେଲେ ଆହୁରି ୧୦ ଲକ୍ଷ ଟଂକା ପକାନ୍ତୁ। ଏଭଳି ୮୦ ଲକ୍ଷ ଟଂକା ଜିତେନ୍ଦ୍ର ଦେବଜିତଙ୍କୁ ଦେଇଥିଲେ। ତେବେ ସମସ୍ତ ଟଙ୍କା କମିସନ ସହ ମାଗିବାରୁ ଦେବଜିତ ଡରାଇବା ଆରମ୍ଭ କରିଥିଲେ। ତୁମେ ମୋତେ ମାନସିକ ଯନ୍ତ୍ରଣା ଦେଉଛ ବୋଲି କହିବା ସହ ତୁମ ନାମରେ କେଶ କରିବି ବୋଲି ଧମକାଇଥିଲେ। ଏହି ଘଟଣା ୧୦୧୭ରୁ ୨୦୨୧ ପର୍ଯ୍ୟନ୍ତ ଚାଲିଥିଲା। ତେବେ ଜିତେନ୍ଦ୍ର ଟଂକା ନପାଇବାରୁ ବାଧ୍ୟ ହୋଇ ମାଲକାନଗିରି ଥାନାରେ ଗତବର୍ଷ ଅଗଷ୍ଟ ୯ ତାରିଖରେ ଏତଲା ଦାୟର କରିଥିଲେ। ଏତଲାକୁ ଭିତ୍ତି କରି ମାଲକାନଗିରି ପୁଲିସ ଦେବଜିତକୁ ଗିରଫ କରିଛି।ତେବେ ପୁଲିସ ତଦନ୍ତରେ ଜାଣିପାରିଛି ଯେ ଦେବଜିତ ଅନ୍ୟ ୫ ଜଣକୁ ମଧ୍ୟ ଟ୍ରେଡିଂ ନାମରେ ୩ କୋଟିରୁ ଉର୍ଦ୍ଧ୍ୱ ଟଂକା ଠକିଛି।

## ଆନ୍ତର୍ଜାତିକ ନର୍ସିଂ ଦିବସ ପାଳିତ



କେନ୍ଦୁଝର,(ସବ୍ୟୁ): ତାରିଣୀ କଲେଜ ଅଫ ନର୍ସିଂ ଧୋବାଡିହା କେନ୍ଦୁଝର ଆନୁକୁଲ୍ୟରେ ଆନ୍ତର୍ଜାତିକ ନର୍ସିଂ ଦିବସ ଓ ବାର୍ଷିକ ଉତ୍ସବ କେନ୍ଦୁଝର ପାର୍କଲାଇନ ଅଡିଟରିୟମ ହଲରେ ପାଳିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ବଡବିଲସ୍ଥିତ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ଏଚଅଡି ଏସଆର ଭିରଜିଲ ଲକ୍ରା ଯୋଗ ଦେଇଥିବାବେଳେ ମା ତାରିଣୀ ଡାକ୍ତରଖାନା କେନ୍ଦୁଝରର ପ୍ରତିଷ୍ଠାତା ଗଣେଶ୍ୱର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଧରଣୀଧର ମେଡିକାଲ କଲେଜ ହସ୍ପିଟାଲ କେନ୍ଦୁଝରର ପ୍ରଫେସର ଡ଼ା ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ନର୍ସିଂ ଅଫିସର ସୁଶାନ୍ତ କୁମାର ବାରିକ ଅତିଥି ଭାବେ ଯୋଗ ଦେଇ ନର୍ସିଂ ଦିବସର ଓ ନର୍ସିଂ ପ୍ରଫେସନର ଗୁଣ ଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅମୃତ ଚରଣ ମହାନ୍ତ , ଜୟରାମ ସାହୁ,ଦିବେନ୍ଦୁଛମହାନ୍ତ ,ସାମ୍ବାଦିକ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ,ତାରିଣୀ କଲେଜ ଅଫ ନର୍ସିଂ ପ୍ରତିଷ୍ଠାତା ଗୌରହରି ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସଭାକୁ ଉଦବୋଧନ କରିଥିଲେ । ଏହା ପରେ ନର୍ସିଂ କଲେଜ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉତ୍ସବ ମୁଖର କରାଯାଇଥିଲା।

## ଶିକ୍ଷୟିତ୍ରୀଙ୍କ ବେକରୁ ହାର ଲୁଟ ଉଦ୍ୟମ

ବେତନଟୀ,(ସବ୍ୟୁ) : ରବିବାର ସନ୍ଧ୍ୟାରେ ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ହାର ଲୁଟ ଉଦ୍ୟମ ବିଫଳି ହୋଇଛି। ବୈଶିଙ୍ଗା ବଜାରର ଗୋଳା ପୋଲ ନିକଟରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ମେର୍ଦା ଗ୍ରାମର ଜ୍ଞାନ ରଞ୍ଜନ ଲେଙ୍କାଙ୍କ ସ୍ତ୍ରୀ ସ୍ନେହଲତା ରାଉତ ନିଜ ଝିଅ ଅଙ୍କିତା ସହିତ ମେର୍ଦା ରୁ ତାଙ୍କ କେନ୍ଦୁଆ ସ୍ଥିତ ଭଡ଼ାଘରକୁ ଆସୁଥିବା ସମୟରେ ଜନଗହଳି ସହିତ ସ୍ୱଷ୍ଟ ଆଲୋକିତ ରାସ୍ତା ଉପରେ ପଛପଟୁ ଏକ କଳା ପଲସରରେ ୨ଜଣ ଦୁର୍ବୃତ୍ତ ଆସି ହଠାତ ଶିକ୍ଷୟିତ୍ରୀଙ୍କ ବେକରୁ ସୁନାହାର ଟିକୁ ଝାମ୍ପି ନେବାକୁ ବସିଥିବା ବେଳେ ଶିକ୍ଷୟିତ୍ରୀ ଗାଡି ଛାଡ଼ିଦେଇ ହାରଟିକୁ ଜାବୁଡ଼ି ଧରିଥିଲେ । ତେବେ ଲୁଟେରା ହାର ଟିକୁ ଅକ୍ତିଆର କରିନପାରି ବିଜୁଳି ବେଗରେ ରୁପ୍ସା ରାସ୍ତାରେ ଚମ୍ପଟ ମାରିଥିଲା। ତେବେ ଉକ୍ତ ଦୁର୍ଘଟଣାରେ ସ୍କୁଟିରେ ଥିବା ମାଆ ଝିଅ ଉଭୟ ଆହତ ହୋଇଥିଲେ ବି ହାରଟି ରହିଯାଇଥିଲା। ପରେ ଏନେଇ ଶିକ୍ଷୟିତ୍ରୀ ବୈଶିଙ୍ଗା ଥାନାରେ ଅଭିଯୋଗ କରିବାରୁ ପୁଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି। ଶିକ୍ଷୟିତ୍ରୀଙ୍କ ସହିତ ଯୋଗାଯୋଗ ହେବା ପରେ ସେ ସୁସ୍ଥ ଥିବା ପ୍ରକାଶ କରିଛନ୍ତି । ଏହି ଭଳି ଚୋରି ଓ ଛିନତାଇ ଭଳି ଘଟଣା ବୈଶିଙ୍ଗା ଅଂଚଳବାସୀଙ୍କୁ ଭୟଭୀତ କରିଛି ।

## ସୃଷ୍ଟିଧର ପରିଡ଼ାଙ୍କ ମୁଠାଏ ସ୍ୱପ୍ନ ଲୋକାର୍ପିତ

ବାଲେଶ୍ୱର,(ସବ୍ୟୁ) : ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ତଥା ଦୈନିକ ଓଡ଼ିଆ ଖବରକାଗଜ ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ସଦ୍ୟ ପ୍ରକାଶିତ ନୂତନ ଗଳ୍ପ ସଂକଳନ ମୁଠାଏ ସ୍ୱପ୍ନ ପୁସ୍ତକକୁ ଶୁକ୍ରବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜ ପରିସରରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି । ଏହି ଉପଲକ୍ଷେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲେଖକ ଶ୍ରୀ ପରିଡ଼ା ମୁଠାଏ ସ୍ୱପ୍ନର ପୁସ୍ତକ ରଚନାର ପୃଷ୍ଠଭୂମି ଏବଂ ସାମ୍ପ୍ରତିକ ସମାଜିକ ରାଜନୈତିକ ଅବସ୍ଥାରେ ପ୍ରଭାବିତ ସାହିତ୍ୟର ବାସ୍ତବ ସ୍ଥିତି ବାବଦରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଶ୍ରୀ ପଟ୍ଟନାୟକ ଲେଖକ ଶ୍ରୀ ପରିଡ଼ାଙ୍କ ସାହିତ୍ୟ ସାଧନା ଅଧିକ ସମୃଦ୍ଧ, ଶାଣିତ ଏବଂ ବିକଶିତ ହେଉ ବୋଲି କାମନା କରିବା ସହ ଓଡ଼ିଶାର ଜନ ଜୀବନକୁ ଉନ୍ନତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ବ୍ଲକ ଓ ଗ୍ରାମାଂଚଳରେ ପାଠାଗାର ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ରହିଥିବାରୁ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା । ଉମେଶ ସାମନ୍ତରାୟ, ମନୋଜ ବେହେରା, ସୁକାନ୍ତ ମହାନ୍ତି, ମହେଶ୍ୱର ରଥ, ଗିରିଧାରୀଲାଲ ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ।

## ଦାଣ୍ଡକୂଳରେ ବାଲି ଚୋରା ଚାଲାଣ, ବିଦ୍ୟାଳୟ ରାସ୍ତା ବିପର୍ଯ୍ୟସ୍ତ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ ଗ୍ରାମର ଉଭୟ ପାର୍ଶ୍ୱରେ ଥିବା ଗେଙ୍ଗୁଟି ଓ ବୈତରଣୀ ନଦୀ ଶଯ୍ୟାରୁ ବିପୁଳ ବାଲି ବେଆଇନ ଭାବେ ଉତ୍ତୋଳନ ଓ ପରିବହନ କରାଯାଉଥିବା ଜଣାଯାଇଛି। ଭଣ୍ଡାରିପୋଖରୀ ଥାନା ଠାରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ ହୋଇଥିବାରୁ ବାଲିମାଫିଆମାନେ ନିର୍ଭୟରେ ବାଲି ଉତ୍ତୋଳନ କରୁଥିବା ଜଣାଯାଇଛି। ଜଳଧାରା ରହିତ ଗେଙ୍ଗୁଟି ନଦୀ ଗର୍ଭରେ ଗଚ୍ଛିତ ବାଲିକୁ ୧୦ ଫୁଟ ଗଭୀରରେ ଜେସିବି ମେସିନ ସହାୟତାରେ ଉତ୍ତୋଳନ କରାଯାଇ ଧାମନଗର ଥାନା ଅନ୍ତର୍ଗତ ଦେହୁଡିଆନନ୍ଦପୁର ରାସ୍ତାରେ ହାଇୱା ଯୋଗେ ପରିବହନ କରାଯାଉଛି। ଅପେକ୍ଷାକୃତ ନିଛାଟିଆ ହୋଇଥିବାରୁ ରାତ୍ରକାଳୀନ ବାଲି ଉତ୍ତୋଳନ ବିନା ବାଧାରେ କରାଯାଉଥିବା ଜଣାଯାଇଛି। ତହସିଲ, ଥାନା, ବନବିଭାଗ ଓ ଲଘୁଖଣିଜ ବିଭାଗ ପକ୍ଷରୁ ସୂଚନା ଫଳକ ଲଗାଯାଇ ବାଲି ଉତ୍ତୋଳନକୁ ନିଷେଧ ବୋଲି ଲେଖାଯାଇଛି। ଲେଖାରେ ନିଷେଧ କରାଯାଇଥିଲେ ବି ଖୋଦ ଲଘୁଖଣିଜ ବିଭାଗର କର୍ମଚାରୀମାନେ ଏହି ବେଆଇନ ବାଲି ଉତ୍ତୋଳନରେ ଭାଗିଦାରୀ ରହିଥିବା ସମ୍ପର୍କରେ ସ୍ଥାନୀୟ ବାଲି ମାଫିଆମାନେ ଖୋଲାଖୋଲି ଭାବେ ପ୍ରକାଶ କରୁଛନ୍ତି। ଏହି ବାଲି ଉତ୍ତୋଳନକୁ ବିରୋଧ କରୁଥିବା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ପୁଲିସ ଓ ଲଘୁଖଣିଜ ବିଭାଗ କର୍ମଚାରୀଙ୍କୁ ଜଣାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ବାଲି ମାଫିଆଙ୍କ ଉକ୍ତି ସତ୍ୟ ବୋଲି ଲୋକେ ଗ୍ରହଣ କରିନେଉଛନ୍ତି। ବାଲି ମାଫିଆମାନଙ୍କୁ ପୂର୍ବ ସୂଚନା ଦେଇ ପୁଲିସ ଓ ଲଘୁଖଣିଜ କର୍ମଚାରୀମାନେ ଦିନ ବେଳା ଏହି ସ୍ଥାନକୁ ଲୋକଦେଖାଣିଆ ଭାବେ ବୁଲି ଆସୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ପ୍ରତି ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବାଲିମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ସ୍ଥାନୀୟ ଲୋକେ ଆଶା ହରାଇଛନ୍ତି ବୋଲି ମତ ରଖିଛନ୍ତି।

## ସମୀକ୍ଷା ମିଶ୍ର କଣାସ ବ୍ଲକ୍ ଟପ୍ପର



କଣାସ,(ସବ୍ୟୁ) : ଶୁକ୍ରବାର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି ଛମୋଟ ୯୪.୯୩ ଶତକଡା ପାସହାର ରହିଛି । ସେଥିମଧ୍ୟରୁ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ ହାର ବଢ଼ିଛି । କଣାସ ବ୍ଲକ୍ ନୀଳକଣ୍ଠଦେବ ବିଦ୍ୟାପୀଠ,ତେନ୍ତୁଳିମୂଳର ଛାତ୍ରୀ ସମୀକ୍ଷା ମିଶ୍ର ମୋଟ ୬୦୦ ମାର୍କରୁ ୫୬୦ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି । ତାଙ୍କ ତଳକୁ ରହିଛନ୍ତି ଶ୍ରୀଚନ୍ଦନେଶ୍ୱର ହାଇସ୍କୁଲ ଗଡଖାରଦର ଅନନ୍ୟା ସାହୁ ମ,କୁଳମଣୀ ନୋଡାଲ ବିଦ୍ୟାପୀଠ ଆଡାଲ ବଡାଲର ଗଙ୍ଗୋତ୍ରୀ ବଳିଆରସିଂହ ୫୫୧ ରଖି ତୃତୀୟ ,ସରକାରୀ ଉଚ୍ଚ ବିଦ୍ୟାଳୟ କଣାସର ଶୁଭମ୍ ଜ୍ୟୋତି ସ୍ୱାଇଁ ୫୪୯ ରଖି ଚତୁର୍ଥ ଓ ସେହିପରି ନୀଳକଣ୍ଠଦେବ ବିଦ୍ୟାପୀଠ ତେନ୍ତୁଳିମୂଳ ଦେବାଶିଷ ମିଶ୍ର ୫୪୫ ନମ୍ବର ରଖି ପଞ୍ଚମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ଖବର କଣାସ ଅଞ୍ଚଳରେ ପ୍ରସାରିତ ହେବା ପରେ ଅଭିଭାବକ , ଶିକ୍ଷକ ଶିକ୍ଷୟତ୍ରୀ , ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀଙ୍କ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି । ସମୀକ୍ଷା ମିଶ୍ର କହିଛନ୍ତି ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଓ ବାପା ମାଆଙ୍କ ସହଯୋଗ ଓ ଆଶୀର୍ବାଦ ଯୋଗୁ ଏହି ସଫଳତା ପାଇଛି ।

## ସରାଟ ସେବା ସମବାୟ ସମିତିରେ ରକ୍ତଦାନ ଶିବିର

ବାଲିପାଟଣା ,(ସବ୍ୟୁ) :ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସରାଟ ସେବା ସମବାୟ ସମିତି ତରଫରୁ ଆମ ଓଡ଼ିଶା ସଂଗଠନ ସହଯୋଗରେ ସମିତିର କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ତହସିଲଦାର କଳ୍ପନା ଦାସ, ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଶ୍ରୀକାନ୍ତ ବେହେରା,ବରିଷ୍ଠ ସମବାୟ ଅଧିକାରୀ ପ୍ରିୟବ୍ରତ ପଣ୍ଡା, ସହକାରୀ ନିବନ୍ଧକ ଲଳିତ କୁମାର ବିଶ୍ୱାଳ, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଦିବ୍ୟରଞ୍ଜନ୍ ପ୍ରଧାନ, ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୌମ୍ୟ ରଞ୍ଜନ ତ୍ରିପାଠୀ ଓ ସମିତିର ସଭାପତି ଭାରତ ଭୂଷଣ ମହାନ୍ତି ଗାରେଡିପାଞ୍ଚଣ ସେବା ସମବାୟ ସମିତି ର ସଂପାଦକ ଶୁସିଲ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ।ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକଯୁବତୀ ଆଗ୍ରହର ସହିତ ରକ୍ତଦାନ କରିଥିଲେ। ଭୁବନେଶ୍ୱର ମ୍ୟୁନିସିପାଲଟି ହସ୍ପିଟାଲ ତରଫରୁ ରକ୍ତ ସଂଗ୍ରହ କରାଯାଇଥିଲା। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା।ଅନ୍ୟ ମାନଙ୍କ ମଧ୍ୟରେ ସମିତିର ସଂପାଦକ ପ୍ରଭୁ ପ୍ରସାଦ ଜେନା,ଅନ୍ୟ ସମିତି ମାନଙ୍କର ସମ୍ପାଦକ ବୃନ୍ଦ,ଆମ ଓଡ଼ିଶା ସଂଗଠନ ତରଫରୁ ସାମ୍ବାଦିକ ବସନ୍ତ କୁମାର ଦାଶ,ସମିତିର ନିର୍ଦ୍ଦେଶକ ସଂଗ୍ରାମ କୃଷ୍ଣ ଦାସ,ପ୍ରସନ୍ନ ସ୍ୱାଇଁ,ଅମୂଲ୍ୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ ।

## ବିଷ୍ଣୁ ପ୍ରସାଦ ଜେନା ବାଲିପାଟଣା ଟପ୍ପର

ବାଲିପାଟଣା ,(ସବ୍ୟୁ) :ଶୁକ୍ରବାର ରାଜ୍ୟରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ର ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ବାଲିପାଟଣାରେ ୧୧ ଜଣ ଏ-୧ରେ କୃତିତ୍ୱ ହାସଲ କରିଛନ୍ତି।ରଜସ ସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ବିଷ୍ଣୁ ପ୍ରସାଦ ଜେନା ୫୭୨ ନମ୍ବର ରଖି ବାଲିପାଟଣା ବ୍ଲକ୍ ଟପ୍ପର ହୋଇଛନ୍ତି।ଦ୍ୱିତୀୟ ସ୍ଥାନରେ ପିପୂଲ୍ଲ ସରକାରୀ ଉଚ୍ଚ ବିଦ୍ୟାଳୟର ଅମିତ୍ର ପ୍ରିତମ ତ୍ରିପାଠୀ ୫୬୦ ଓ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରିୟାଂଶୁ ଆଚାର୍ଯ୍ୟ ୫୫୭ ନମ୍ବର ରଖି ତୃତୀୟ ସ୍ଥାନ ରେ ରହିଛନ୍ତ।ଅନ୍ୟମାନଙ୍କ ମଧ୍ୟରେ କୁଶଭଦ୍ରାର ଓଁକାର ପାତ୍ର ୫୫୩, ସୌମ୍ୟ ରଞ୍ଜନ ସାହୁ ୫୪୪,ମକୁନ୍ଦାସପୁର ଉଚ୍ଚ ବିଦ୍ୟାଳୟ ର ନୁରୁଲ୍ ରାଜା ୫୪୫,ଅସୀମା ସାହୁ ୫୪୨,ବିପିନ ବିହାରୀ ଉଚ୍ଚ ବିଦ୍ୟାଳୟ ର ଅନନ୍ୟା ସ୍ୱାଇଁ ୫୪୩,ନାରିଶୋ ଉଚ୍ଚ ବିଦ୍ୟାଳୟ ର ସୌରଦିପା ମହାପାତ୍ର ୫୫୫,ବାଲୁଙ୍କେଶ୍ୱର ବିଦ୍ୟାପୀଠର ପୁଷ୍ପାଞ୍ଜଳି ସାହୁ ୫୫୨ ଓ ମଧୁସ୍ମିତା ପାଢ଼ି ୫୪୬ ରଖିଛନ୍ତି।ବାଲିପାଟଣା ବ୍ଲକରେ ୮ ଗୋଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୪୧୭ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇ ପ୍ରାୟ ଶତକଡା ୯୪ ଜଣ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି।

**AFFIDAVIT**

By virtue of an affidavit sworn before the Executive Magistrate Bhuban on dated 1163/25.04.2025. I Mrs. Barsha Nayak w/o Biswajit nayak address Ekatali, via bhuban dist dhenkanal have changed my daughter's name from "Tanushree Tejoswini " to "Tanushree Tejaswini Nayak" Henceforth she shall be known as " Tanushree Tejaswini Nayak" for all purpose

## ଇତିହାସ ବିଭାଗ ଆନୁକୂଲ୍ୟରେ ଜାତୀୟ ଆଲୋଚନାଚକ୍ର

ଖଇରା,(ସବ୍ୟୁ) :ଖଇରା କଲେଜ ଇତିହାସ ବିଭାଗ ଆନୁକୂଲ୍ୟରେ ଏକ ଜାତୀୟ ଆଲୋଚନା ଚକ୍ର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଶୀର୍ଷକ ଓଡିଶାରେ ସ୍ୱାଧିନତା ସଂଗ୍ରାମ : ବାଲେଶ୍ୱର ଜିଲ୍ଲା ଏକ ଅବଲୋକନ ଉପରେ ଆୟୋଜିତ ଏହି ସେମିନାରରେ ବିଭାଗୀୟ ଅଧ୍ୟାପକ ଡ ଉଦୟ ରଞ୍ଜନ ଦାସ ପ୍ରାରମ୍ଭିକ ଉପସ୍ଥାପନାରେ ସ୍ୱାଧିନତା ସଂଗ୍ରାମରେ ବାଲେଶ୍ୱର ମାଟିର ଶହୀଦଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅଧ୍ୟାପକ ଡ ସୁଜିତ କୁମାର ଛାଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଯୋଗ ଦେଇ ଭାରତର ସ୍ୱାଧିନତା ସଂଗ୍ରାମରେ ଅଭିଭକ୍ତ ବାଲେଶ୍ୱର ର ବିଭିନ୍ନ ଅଞ୍ଚଳରେ ଘଟିଥିବା ଘଟଣାବଳୀ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପୁନେସ୍ଥିତ ଏମଆଇଟି ୱାରଲ୍ଡ ପିସ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ ଦର୍ଶନ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ଖଇରାଡିହି,ଗଣ୍ଡିବେଡ,ତୁଡିଗଡିଆ ଆଦି ଅଞ୍ଚଳରେ ସ୍ୱାଧିନତା ଆନ୍ଦୋଳନ ସମ୍ପର୍କରେ ସୁଚନା ଦେଇଥିଲେ । ବିଭାଗୀୟ ମୁଖ୍ୟ ସୁରେଶ ପ୍ରସାଦ ରାଉତ,ସୋର ୟୁଏନ କଲେଜ ଅଧ୍ୟାପକ ଡ କୃଷ୍ଣଚନ୍ଦ୍ର ଦାସ,ସିମୁଳିଆ କଲେଜ ଅଧ୍ୟାପକ ଡ ମାନସ କୁମାର ସାହୁ,କୁପାରୀ କଲେଜ ଅଧ୍ୟାପକ ଡ ଦୀପକ କୁମାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶେଷରେ ଅତିଥିମାନଙ୍କୁ ମାନପତ୍ର ପ୍ରଦାନ ପରେ ଡ ଉଦୟ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ଖଇରା କଲେଜର ଛାତ୍ରୀଛାତ୍ରୀ,ଅଧ୍ୟାପନା ମଣ୍ଡଳୀ,କର୍ମଚାରୀ ଗଣ ଉପସ୍ଥିତ ଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Balangir, dated 15.04.2025 I, Laxmidhara Mohapatra, At-Rameswar Nagar,Po/Ps-Balangir, Dist- Balangir, Odisha, Pin- 767001 declare that I have changed my Daughter's name from Bansita Mohapatra to Banshita Mohapatra. Henceforth, she shall be known as Banshita Mohapatra for all purposes.

**AFFIDAVIT**

By virtue of an affidavit sworn before Notary Public Titilagarh, Dated. 29/04/2025 I, Rubi Nag, Address At/Po- Gourgoth, Ps-Tusura, Dist- Balangir, Odisha, Pin-767067 declare that I have changed my name from Kayal Rani Bag to Rubi Nag. Henceforth, I shall be known as Rubi Nag for all purposes.

**AFFIDAVIT**

By virtue of an affidavit sworn before Notary Public Titilagarh, Dated 29/04/2025 I, Deepa Kumbhar, Address At/Po- Dumerpita, Ps-Tushura, Dist- Balangir, Odisha, Pin-767048 declare that I have changed my name from Nirandri Mahananda to Deepa Kumbhar. Henceforth, I shall be known as Deepa Kumbhar for all purposes.

**AFFIDAVIT**

By virtue of an affidavit sworn before Notary Public Titilagarh, dated 21/04/2025 I, Rabindra Jal, Address At-Kanarla, Po- Binekela, Ps-Titilagarh, Dist- Balangir, Odisha, Pin-767033 declare that I have changed my son's name from Ajiti Jal to Ajit Jal. Henceforth, he shall be known as Ajit Jal for all purposes.

**SWAPNESWAR BALASHRAM**

AT- BOILO, PO- PURUNAHAT, P.S.- KISHORENAGAR, DIST- CUTTACK
Regd. No- 4294-595 of 985-86
Ref. No. 006/SB/2025-26 Date : 02.05,2025

**ADVERTISEMENT FOR CONTRACTUAL ENGAGEMENT IN CHILD CARE INSTITUTION**

Application in invited for filling of vacant Post in Swapneswar Balashram under Mission Vatsalya Scheme, for details visit our website **https://www.swapneswarbalashram. blogspot.com.** Apply within 15 days form this publication through online to **swapneswarbalashram@gmail.com** and also hard copy of the same should be submitted via speed post/registered post to the Secretary, swapneswar Balashram, At- Boilo, Po- Purunahat, PS.- Kishannagar, Block- Salipur, Dist- Cuttack, Pin 754131.

Sd/- Secretary
Swapneswar Balashram, Boilo, Cuttack

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୭୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଭୁବନେଶ୍ୱରର ବାଲିପାଟଣା ବ୍ଲକରେ ବିଜେପିର ମହା ମିଶ୍ରଣ

# ସାଂସଦ ଅପରାଜିତାଙ୍କ ଉପସ୍ଥିତିରେ ଯୋଗଦେଲେ ଶତାଧିକ କର୍ମୀ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ବ୍ଲକର ଆଲିସି ପଞ୍ଚାୟତର ଶତାଧିକ ଲୋକ ରବିବାର ବିଜେପିରେ ଯୋଗଦେଇଛନ୍ତି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଦଳୀୟ ପତାକା ଓ ଉତ୍ତରୀୟ ପ୍ରଦାନ କରି ସେମାନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି । ବିଜେପିରେ ଯୋଗଦେଇଥିବା କର୍ମୀଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ, ପୂର୍ବତନ ସମିତି ସଭ୍ୟାଙ୍କ ସମେତ ସଂଖ୍ୟାଲଘୁ ସମ୍ପ୍ରଦାୟର ୩୦ଟି ପରିବାର ଅଛନ୍ତି । ବିଜେପିର ସ୍ୱଚ୍ଛ ଏବଂ ନିର୍ମଳ ଶାସନ ଏବଂ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ଯୋଗ ଦେଇଥିବା କହିଛନ୍ତି । ଏହି ଅବସରରେ ଏକ ବିଶାଳ ପଦଯାତ୍ରାର ମଧ୍ୟ ଆୟୋଜନ କରାଯାଇଥିଲା । ଯେଉଁଥିରେ ନିଜେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ତାଙ୍କ ପ୍ରତିନିଧି ଅଶୋକ ପଟ୍ଟନାୟକ, ବାବି ଚୌଧୁରୀ, ଶଶୀଭୂଷଣ ପାତ୍ରଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ଯୋଗଦାନ କରିଥିଲେ । ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ ହେଉଛି ବିଜେପି । ଯାହାର ୨୦ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟ ଅଛନ୍ତି । ପୁଣି ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ଅଛନ୍ତି । ୨୦୧୯ ଆଉ ୨୦୨୫ରେ ଲୋକେ ଭୋଟ୍ ଦେଇ ଲୋକସଭା ପଠାଇଥିବାରୁ ଓ ଆଜି ଭୁବନେଶ୍ୱରବାସୀଙ୍କ ସେବା କରିବାର ସୁଯୋଗ ପାଇଛି ବୋଲି କହି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଅପରାଜିତା । ଆଗାମୀ ଦୁଇବର୍ଷ ମଧ୍ୟରେ ତାଙ୍କ ସଂସଦୀୟ କ୍ଷେତ୍ରର ସମସ୍ତ ପଞ୍ଚାୟତ ଓ ସମସ୍ତ ଗାଁରେ ବିକାଶ କାର୍ଯ୍ୟ ପହଞ୍ଚାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଜୟଦେବ ନିର୍ବାଚନ ମଣ୍ଡଳୀର ସବୁଠୁ ପୁରୁଣ୍ କ୍ଲବ ଗୋପୀନାଥ ଯୁବକ ସଂଘ ପକ୍ଷରୁ ଏହି ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା । ଯେଉଁଥିପାଇଁ ଗୋପୀନାଥ ଯୁବକ ସଂଘର ଏକ ଅସମ୍ପୂର୍ଣ୍ଣ ପାଠାଗାରକୁ ସମ୍ପୂର୍ଣ୍ଣ କରିବାକୁ ସାଂସଦ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ଅପରାଜିତା ।




## ବୋଇଙ୍ଗ ପକ୍ଷରୁ ୟୁନିଭର୍ସିଟି ଇନୋଭେଶନ ପ୍ରୋଗ୍ରାମ ବିଜେତାଙ୍କ ନାମ ଘୋଷଣା

ଭୁବନେଶ୍ୱର, (ସବ୍ୟୁ): ବୋଇଙ୍ଗ (ଏନଓ୍ୱାଇଏସଇ:ବିଏ) ପକ୍ଷରୁ ବୋଇଙ୍ଗ ୟୁନିଭର୍ସିଟି ଇନୋଭେଶନ ଲିଡରସିପ ଡେଭ୍ଲପମେଂଟ (ବିଲ୍ଡ) ପ୍ରୋଗ୍ରାମ ୨୦୨୪-୨୫ର ୪ର୍ଥ ସଂସ୍କରଣର ବିଜେତା ଭାବେ ୭ଟି ଟିମ୍‌ର ନାମ ଘୋଷଣା କରାଯାଇଛି । ଯେଉଁଥିରେ ୟୁନିଭର୍ସିଟି ଛାତ୍ରଛାତ୍ରୀ ଓ ପ୍ରାରମ୍ଭିକ ପର୍ଯ୍ୟାୟର ଷ୍ଟାର୍ଟଅପର ଉଦ୍ୟୋଗୀମାନେ ସାମିଲ ଅଛନ୍ତି। ୭ ଜଣ ବିଜେତା ଟିମ ହେଉଛନ୍ତି ଟ୍ରଷ୍ଟଓ୍ୱର୍କସ ଡାଇନେଟିକ୍ସ, ନେକ୍ସସ ପାଓ୍ୱର, ଏକ୍ସଟ୍ରାଇଭ ଇନୋଭେସନ୍ସ, କ୍ୱାଲିଭନ ଟେକ୍ନୋଲେଶଜିସ, ରଫା ବାୟୋନିକ୍ସ, ହାଇପ୍ରିକ୍ସ ଏଭିଏସନ ଏବଂ ତ୍ରିଶୂଳ ସ୍ପେସ। ଏହି ବିଜେତାମାନଙ୍କୁ ସେମାନଙ୍କର ବିଚାରଗୁଡ଼ିକୁ ବଜାର ପ୍ରସ୍ତୁତ ଓ ମୂଲ୍ୟବାନ ବ୍ୟବସାୟିକ ସମାଧାନରେ ପରିଣତ କରିବାରେ ସାହାଯ୍ୟ କରିବା ପାଇଁ ଆସନ୍ତା ୬ ମାସ ମଧ୍ୟରେ ବୋଇଙ୍ଗ ଓ ସେମାନଙ୍କର ଇନ୍‌କ୍ୟୁବେଟର ପାର୍ଟନରଙ୍କ ଦ୍ୱାରା ସହଯୋଗ ପ୍ରଦାନ କରାଯିବ। ଏହି ବିଜେତା ଦଳଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଙ୍କୁ ଆର୍ଥିକ ଅନୁଦାନ ଭାବରେ ୧୦ ଲକ୍ଷ ଟଙ୍କା ମିଳିବ ଯାହା ଏରୋସ୍ପେସ୍ ଏବଂ ପ୍ରତିରକ୍ଷା, ଟେକ୍ନୋଲୋଜି, ସାମାଜିକ ପ୍ରଭାବ ଏବଂ ସ୍ଥାୟୀତ୍ୱ କ୍ଷେତ୍ରରେ ସେମାନଙ୍କ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ।

## ଓଷ୍ଟା ପକ୍ଷରୁ ଶିକ୍ଷା ଏବଂ ଶୈଶବର ଯତ୍ନ ସଂକ୍ରାନ୍ତରେ

# ଜାତୀୟ ସ୍ତରୀୟ କର୍ମଶାଳା ଓ ଆଲୋଚନା ଚକ୍ର

କଟକ, (ସବ୍ୟୁ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଶିକ୍ଷା ଏବଂ ଶୈଶବର ଯତ୍ନ'' ଶୀର୍ଷକ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଓଷ୍ଟା ରାଜ୍ୟ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ସର୍ବଭାରତୀୟ ସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କଟକର ନଗରପାଳ ସୁବାସ ଚନ୍ଦ୍ର ସିଂହ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେଯେ ଓଷ୍ଟାର ଇତିହାସ ବହୁ ପୁରାତନ । ଶିକ୍ଷା ଓ ଶୈଶବର ଯତ୍ନ ନିମନ୍ତେ ବିଦ୍ୟାଳୟଗୁଡ଼ିକୁ ବିକଶିତ କରିବା ପାଇଁ ଅର୍ଥ ଓ ଭିତ୍ତିଭୂମିର ଆବଶ୍ୟକତା ଜରୁରୀ । ବିଶ୍ୱ ଶିକ୍ଷକ ସଂଗଠନର ସଭାପତି ଡ. ଅମୀୟ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଶିକ୍ଷା ଏକ ଚିରାଚରିତ ଧାରା କହିବା ସହ ଜାତୀୟ ଶିକ୍ଷାନୀତି -୨୦୨୦ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଗୋପବନ୍ଧୁ, ଇସ୍ପାଇଲ୍ ଓ ୟୁନିସ୍କୋର ଚିନ୍ତାଧାରାକୁ ପ୍ରତିପାଦନ କରିବା ସହ ପ୍ରତ୍ୟେକ ପିଲା ପାଠ ପିଢିବେ ଏବଂ ଏଥିରୁ କେହି ବଞ୍ଚିତ ହୋଇ ରହିବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପାଲଲହଡ଼ାର ମାନ୍ୟବର ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲେ । ଏଆଇଏଫଇଏ ର ସଭାପତି ସୁଧୀର କୁମାର ଉକ୍ତ କର୍ମଶାଳାରେ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ନବ କୁମାର କର୍ମାକାର ଆୟୋଜିତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କର୍ମଶାଳାରେ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଶିକ୍ଷା ଏବଂ ଶୈଶବର ଯତ୍ନ'' ମୂଳ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । ଓଷ୍ଟାର ସଭାପତି ବିକ୍ରମ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନା ଚକ୍ରରେ ଅଖିଳ




ସମ୍ମାନିତ ଅତିଥି ଭାବେ ବାରବାଟୀ କଟକର ବିଧାୟିକା ସୋଫିଆ ଫିରଦୋସ୍ ଯୋଗଦେଇ ଐତିହାସିକ କଟକ ସହରକୁ ବୁଦ୍ଧିଜୀବୀମାନଙ୍କ ସହର ଭାବରେ ଅବତାରଣା କରିଥିଲେ । ନିଜର ପିଲାଦିନର ସ୍ମୃତିକୁ ମନେପକାଇବା ସହ ଏକତା ମାଧ୍ୟମରେ ସବୁକିଛି ସମ୍ଭବ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ ଭାରତୀୟ ଶିକ୍ଷକ ମହାସଂଘର ସମସ୍ତ ପଦାଧିକାରୀଙ୍କ ସମେତ ମିଥିଲେଶ ଶର୍ମା, କୋଷାଧ୍ୟକ୍ଷ ମନୋଜ କୁମାର, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କଟକର ନା ରଖିଲେ ଅଭିଯାନ ନାଟ୍ୟ ସଂସ୍ଥା

କଟକ,(ସବ୍ୟୁ): ଊନବିଂଶ ପଞ୍ଚପଟମାଳି ନାଟ୍ୟ ମହୋତ୍ସବ ରେ କଟକ ର ନାଟ୍ୟ ସଂସ୍ଥା ଥିଏଟର ଅଭିଯାନ ର ନାଟକ ରକ୍ତର ରଙ୍ଗ ଶ୍ରେଷ୍ଠ ନାଟକ ର ପୁରସ୍କାର ଲାଭ କରିଛି । ନାଟକ ଟିକୁ ରଚନା କରିଥିଲେ ଭାବଗ୍ରାହୀ ଦାଶ,ସହନିର୍ଦ୍ଦେଶନା ଚୌଧୁରୀ ଶାଶ୍ୱତ ମହାପାତ୍ର, ସଂଗୀତ,ମମତା କବି ଏବଂ ନିର୍ଦ୍ଦେଶନା ଦେଇଥିଲେ ନାଟ୍ୟ ଗୁରୁ ଅକ୍ଷୟ ରଣା । ଏହି ନାଟକ ରେ ପ୍ରେମାନନ୍ଦ ସ୍ୱାଇଁ,ସତ୍ୟଜିତ ବଳ, ସାନ୍ତାରାମ ଆଚାର୍ଯ୍ୟ , ସ୍ୱପ୍ନାରାଣୀ ପାତ୍ର,ଅର୍ପିତା ମିଶ୍ର ,ଜ୍ୟୋତିର୍ମୟୀ ସ୍ୱାଇଁ ଅଭିନୟ କରିଥିଲେ । ଏହି ନାଟକ ରକ୍ତ ର ରଙ୍ଗ ପାଇଁ ,ଥିଏଟର ଅଭିଯାନ ଶ୍ରେଷ୍ଠ ଅଭିନେତା ପ୍ରେମାନନ୍ଦ ସ୍ୱାଇଁ, ଶ୍ରେଷ୍ଠ ସଙ୍ଗୀତ ମମତା କବି,ଶ୍ରେଷ୍ଠ ନିର୍ଦ୍ଦେଶକ ,ନାଟ୍ୟ ଗୁରୁ ଅକ୍ଷୟ ରଣା , ଶ୍ରେଷ୍ଠ ନାଟ୍ୟକାର (ଦ୍ୱିତୀୟ) ଶ୍ରେଷ୍ଠ ଅଭିନେତ୍ରୀ (ତୃତୀୟ) ପୁରସ୍କାର ପ୍ରାପ୍ତି ହୋଇଥିଲା । ଅଭିଯାନ ର ଏହି କାର୍ଯକ୍ରମ ଟି ଆଲୋକ ସ୍ୱାଇଁ ଙ୍କ ଦ୍ୱାର ସମ୍ପାଦିତ ହୋଇଥିଲା ।

# ଆଇଏନ୍‌ଡବ୍ଲ୍ୟୁଇସି ଜାତୀୟ ମହିଳା ବାଣିଜ୍ୟମେଳା ଉଦ୍‌ଯାପିତ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ୫ ଦିନିଆ ଆଇଏନଡବ୍ଲ୍ୟୁଇସି ଜାତୀୟ ମହିଳାଙ୍କ ବାଣିଜ୍ୟ ମେଳା ଉଦ୍‌ଯାପିତ ହୋଇଯାଇଛି । ମେଳାର ଅନ୍ତିମ ଦିବସରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତିଙ୍କ ସମେତ କିମ୍ବଦନ୍ତୀ ବିଜ୍ଞାପନ ସିନେମା ନିର୍ମାତା ପ୍ରହ୍ଲାଦ କକ୍କର ଓ ଆଧାତ୍ମିକ ମାର୍ଗଦର୍ଶକ ତଥା ସୁସ୍ଥତା ବିଶେଷଜ୍ଞ ଡ. ଜୟ ମଦନଙ୍କ ଭଳି ପ୍ରସିଦ୍ଧ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ । ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳା ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଏହି ଦିବସରେ ଆଦିବାସୀ ଷ୍ଟଲ ମାଲିକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଷ୍ଟାର୍ଟଅପ୍, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ଏବଂ ବ୍ୟବସାୟ ଓ ଗୋଷ୍ଠୀ ବିକାଶରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନିତ କରାଯାଇଥିଲା ।

ଏହି ଅବସରରେ ଉଲ୍ଲେଖନୀୟ ସଫଳତା ପାଇଁ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ରାଜ୍ୟପାଳଙ୍କ ଠାରୁ ଡାକ୍ତର ମାୟା ଗନ୍ତାୟତ ଭେଷଜରେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ (ଜୀବନ ବ୍ୟାପୀ ସାଧନା ପୁରସ୍କାର) ଗ୍ରହଣ କରିଥିଲେ । ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁପମ ପଟ୍ଟନାୟକ ଓ ବର୍ଷା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଶ୍ରୀମତୀ ନିଶା ଜାମୱାଲ ଡିଜାଇନ, ବ୍ରାଣ୍ଡିଂ ଏବଂ ପରୋପକାର କ୍ଷେତ୍ରରେ ତାଙ୍କର ଅସାଧାରଣ କାର୍ଯ୍ୟ ପାଇଁ ସମ୍ମାନିତ ହୋଇଥିବା ବେଳେ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁ ଏବଂ ସାମଗ୍ରିକ ସୁସ୍ଥତା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଡକ୍ଟର ଜୟ ମଦନଙ୍କୁ ସମ୍ମାନିତ କରାଯାଇଥିଲାଛ ଏହି ପୁରସ୍କାରଗୁଡ଼ିକ ଏହି ବ୍ୟକ୍ତିମାନଙ୍କର ନିଜ ନିଜ କ୍ଷେତ୍ରରେ ପରିବର୍ତ୍ତନମୂଳକ ପ୍ରଭାବକୁ ପାଳନ କରିଥିଲା । ଆଇଏନଡବ୍ଲ୍ୟୁଇସିର ସହ ଆବାହକ ସ୍ୱାତି କେଜ୍ରିୱାଲଙ୍କ ଦ୍ୱାରା ପରିଚାଳିତ ବ୍ୟବସାୟରେ ମହିଳାଙ୍କ ପାଇଁ ଆଧାତ୍ମିକତାର ଭୂମିକା ଉପରେ ଡ. ଜୟ ମଦନଙ୍କ ସହ ଏକ ଭାବ ବିନିମୟ ଅଧିବେଶନରେ ଆଲୋଚନା କରାଯାଇଥିଲା । ଅର୍ଥ ଓ ମାର୍କେଟିଂ ସମ୍ପର୍କିତ ପ୍ୟାନେଲ ଆଲୋଚନାରେ ସିଡ୍‌ବିର ଡିଜିଏମ୍ ପ୍ରଦ୍ୟୁମ୍ନ ଚୌଧୁରୀ, ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥି, ନିର୍ଦ୍ଦେଶକ ପ୍ରିୟଦର୍ଶିନୀ ମହାନ୍ତି ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ ଉପ ନିର୍ଦ୍ଦେଶକ ନୀତିଶା ମାନ ଓ କମ୍ପାନି ସଚିବ ତଥା ଉଦ୍ୟୋଗୀ ସିଏସ୍ ସୁନିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ମହିଳା ଉଦ୍ୟୋଗୀମାନଙ୍କ ଅସାଧାରଣ ସମ୍ଭାବନା ଏବଂ ଉପଲବ୍ଧିକୁ ପାଳନ କରି ୫ ଦିନିଆ ଆଇଏନଡବ୍ଲ୍ୟୁଇସି ଜାତୀୟ ମହିଳା ଉଦ୍ୟୋଗୀଙ୍କ ବାଣିଜ୍ୟ ମେଳା ୨.୦ ଏକ ଶକ୍ତିଶାଳୀ ପ୍ରଭାବ ସହିତ ଶେଷ ହୋଇଛି ।

## ବାଇକ ଦୁର୍ଘଟଣାରେ ଫଟୋଗ୍ରାଫରଙ୍କ ମୃତ୍ୟୁ : ରାସ୍ତାରୋକ

ଜଗତସିଂହପୁର,(ସବ୍ୟୁ) :ଫଟୋଗ୍ରାଫରଙ୍କ ବାଇକ ଦୁର୍ଘଟଣାରେ ମୃତ୍ୟୁକୁ ନେଇ ରବିବାର ଦିନ ଜଗତସିଂହପୁର-ମାଛଗାଁ ରାସ୍ତାକୁ ସ୍ଥାନୀୟ ଜନସାଧାରଣ ଅବରୋଧ କରିବା ସହିତ ରାସ୍ତାରୋକ କରିଥିଲେ ।ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ସହିତ ଦୁର୍ଘଟଣା ସ୍ଥଳର ଉଭୟ ପଟରେ ସ୍ପିଡ ବ୍ରେକର ଲଗାଇବା,ମୁଖ୍ୟରାସ୍ତାରୁ ସଂଯୋଗ କରୁଥିବା ରାସ୍ତାକୁ ସଠିକ ଢଙ୍ଗରେ କରିବା ଦାବୀ ନେଇ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ ।ଖବର ପାଇ ଜଗତସିଂହପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୋକ କରିବା ଲୋକମାନଙ୍କୁ ବୁଝାସୁଝା କରିଥିଲେ ହେଁ ସେମାନେ ରାସ୍ତାରୋକରୁ ଓହରି ନଥିଲେ ।ପରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ,ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ପୌର ନିର୍ବାହୀ ଅଧିକାରୀ ସୀମା ଜେନା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ସମସ୍ତ ଦାବୀକୁ ପୂରଣ କରିବା ପାଇଁ ପ୍ରତିଶୃତି ଦେବା ପରେ ରାସ୍ତାରୋକ ହଟିଥିଲା ।ଗତକାଲି ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଫଟୋଗ୍ରାଫର ତଥା ଜଗତସିଂହପୁର ସହର ମଧ୍ୟରେ ଥିବା ସର୍ବ ପୁରାତନ କୁଇକ ଷ୍ଟୁଡିଓର ମୁଖ୍ୟ ପଞ୍ଚାନନ ପ୍ରଧାନଙ୍କ ଦୁର୍ଘଟଣାରେ ଅକାଳ ବିୟୋଗ ହୋଇଥିଲା ।ପଞ୍ଚାନନ ପ୍ରଧାନଙ୍କ ଘର ଯୋଗଧାରୀ ନୂତନ ବସଷ୍ଟାଣ୍ଡ ଠାରେ ହୋଇଥିବା ବେଳେ ସେ ସକାଳ ୧୦ ସମୟରେ ଘରୁ ବାହାରି ଷ୍ଟୁଡିଓ ଅଭିମୁଖେ ଯାଉଥିଲେ ।ଘରୁ ବାହାରି ମୁଖ୍ୟ ରାସ୍ତାକୁ ଓଠିବା ସମୟରେ ଅନ୍ୟ ଏକ ଦ୍ରୁତଗାମୀ ବାଇକ ତାଙ୍କୁ ଧକ୍କା ଦେଇଥିଲା ।ଫଳରେ ସେ କିଛି ଦୁରକୁ ଛିଟିକି ପଡିବା ସହିତ ତାଙ୍କର ମୁଣ୍ଡରେ ଜୋରରେ ଆଘାତ ଲାଗିଥିଲା ।ସ୍ଥାନୀୟ ଲୋକେ ତାଙ୍କୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପ୍ରକାଶ ଥାଉକି ଦୁର୍ଘଟଣା ସ୍ଥଳକୁ ଲାଗି ନୂତନ ବସଷ୍ଟାଣ୍ଡ ନିର୍ମାଣ ହେଉଥିବା ବେଳେ ମାତ୍ର ୧୦୦ମିଟର ଦୁରରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ,ଡ୍ରଗ ଇନସପେକ୍ଟରଙ୍କ କାର୍ଯ୍ୟାଳୟ,ଆରସେଟି,ଜିଲ୍ଲା ଶିଳ୍ପ କେନ୍ଦ୍ର କାର୍ଯ୍ୟାଳୟ,ସହରାଞ୍ଚଳ ଜଳ ଯୋଗାଣ କାର୍ଯ୍ୟାଳୟ ଆଦି ରହିଥିବା ବେଳେ ସଂପୃକ୍ତ ଅଫିସ ଗୁଡିକୁ ଯିବା ପାଇଁ ଏକ ସଂକୀର୍ଣ୍ଣ ରାସ୍ତା ରହିଛି ।ଉକ୍ତ ସଂକୀର୍ଣ୍ଣ ରାସ୍ତାଟି ଜଗତସିଂହପୁର-ମାଛଗାଁ ମୁଖ୍ୟ ରାସ୍ତା ସହିତ ସଂଯୋଗ ହୋଇଥିଲେ ହେଁ ତାହା ବିପଦପୂର୍ଣ୍ଣ ଭାବରେ ରହିଛି ।ଦୈନନ୍ଦିନ ହଜାର ହଜାର ଜନସାଧାରଣ ଉକ୍ତ ରାସ୍ତା ଦେଇ ଅଫିସ ଗୁଡିକୁ ଯିବା ଆସିବା କରୁଥିବା ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି ।ଉକ୍ତ ରାସ୍ତା ପାଇଁ ସ୍ଥାନୀୟ ଜନସାଧାରଣ ବାରମ୍ବାର ପ୍ରଶାସନ ନିକଟରେ ଦାବୀ କରିଆସୁଥିଲେ ହେଁ ତାର ସମାଧାନ ହୋଇପାରିନାହିଁ ।

## ମେରାଇନ ପୋଲିସ ଦ୍ୱାରା ଭ୍ୟାନ ଅଟକ

ପାରାଦୀପ , (ଜିପ୍ର): ରବିବାର ଅପରାହ୍ନରେ ମେରାଇନ ପୋଲିସ ଏକ ଭ୍ୟାନକୁ ଅଟକ ରଖିଛି । ଓଡି-୨୯ ଏଚ-୩୨୪୩ ନମ୍ବର ବିଶିଷ୍ଟ ଏହି ଭ୍ୟାନରେ କିଛି ସାମଗ୍ରୀ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ଏକ ଜାହାଜକୁ ଯାଉଥିଲା ନିୟମ ମୁତାବକ ବନ୍ଦର ଚାରି ନମ୍ବର ଗେଟ ଦେଇ କଷ୍ଟମ କ୍ଲିୟରାନ୍ସ ପରେ କୌଣସି ସାମଗ୍ରୀ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ପ୍ରବେଶ କରିବା କଥା କିନ୍ତୁ ଭ୍ୟାନଟି କିଛି ସାମଗ୍ରୀ ଧରି ପାଣି ପଟେ ଯାଇ ଜାହାଜରେ ଲୋଡିଂ କରିବାର ଥିଲା କୌଣସି ସୂତ୍ରରୁ ପୋଲିସ ଖବର ପାଇ ଭ୍ୟାନ ଟିକୁ ଅଟକ ରଖିବା ସହ ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଘଟଣା ସମ୍ପର୍କରେ ମେରାଇନ ପୋଲିସ ଅଧିକାରିଣୀଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇପାରି ନାହିଁ ।

# ପାତ୍ରପଡ଼ାରେ ବାଦୀପାଲା



ଭୁବନେଶ୍ୱର, (ସବ୍ୟୁ): ନିକଟସ୍ଥ ୬୫ନଂ ୱାର୍ଡ ଅନ୍ତର୍ଗତ ପାତ୍ରପଡ଼ା ଗ୍ରାମରେ ସବୁ ବର୍ଷ ପରି ଚଳିତ ବର୍ଷ ୫୧ତମ ବାଦୀପାଲା ମହୋତ୍ସବ ଗତ ୩୦ ତାରିଖରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୬ ତାରିଖ ଦିନ ସରିବ । ଚଳିତବର୍ଷ ଗାୟିକା ସ୍ମୀତାରାଣୀ ଦାସ (ଜଗତ୍‌ସିଂହପୁର) ଓ ଉଷାରାଣୀ ନାୟକ (କେନ୍ଦ୍ରାପଡ଼ା)ଙ୍କ ମଧ୍ୟରେ ପ୍ରତ୍ୟହ ସନ୍ଧ୍ୟାରେ ମହାଭାରତ, ପୁରାଣ, ଗିତିନାଟ୍ୟ, କୁମାର ସମ୍ଭବ ପ୍ରଭୃତି ବିଷୟଗୁଡ଼ିକରେ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି । ଏଥିରେ ବହୁସଂଖ୍ୟାରେ ଯୋଗଦେବାକୁ ପାଲାକମିଟି ଓ ପାତ୍ରପଡ଼ା ଗ୍ରାମ ତରଫରୁ ଅନୁରୋଧ କରାଯାଉଛି ।

## ଅଡମ୍ବରୁ ଶନି ମହାମେଳା : ଡ୍ରିମ୍‌ସ ପକ୍ଷରୁ ଜଳ ବିତରଣ ଶିବିର

କଟକ, (ସ୍ୱପ୍ର) : ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଅଡମ୍ବରୁର ପ୍ରସିଦ୍ଧ ଶନି ମହାମେଳାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଓ ପଦ୍ମିନୀ କେୟାର ହସ୍‌ପିଟାଲ ପକ୍ଷରୁ ଜଳ ବିତରଣ ସେବା ଶିବିର ଖୋଲା ଯାଇଥିଲା । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରିବା ସହ ଶ୍ରଦ୍ଧାଳୁଙ୍କୁ ଦହି ପଣା ବିତରଣ କରିଥିଲେ । ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ମନ୍ତ୍ରୀ ନିରଂଜନ ପଟ୍ଟନାୟକ, ବିଜେପି ନେତା ଅରିନ୍ଦମ୍ ରାୟ, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସ, ସରପଞ୍ଚ ରଶ୍ମୀରଂଜନ ରାଉତ, ଯୁବ ସଙ୍ଗଠକ ବିଘ୍ନେଶ୍ୱର ସ୍ୱାଇଁ, ଡ୍ରିମ୍‌ସର ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିୟମିତା ରଥ, ଟାଙ୍ଗୀ ଥାନା ଆଇଆଇସି ଶିବ ପ୍ରସାଦ ଭଦ୍ର , ସାହିତ୍ୟିକ ରମେଶ ବେହେରା ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଶିବିର ପରିଦର୍ଶନ କରିବା ଅବସରରେ ସ୍ୱେଚ୍ଛାସେବୀ ଛାତ୍ରଙ୍କ ସେବା କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର କର୍ମଚାରୀ ଶିବିର ପରିଚାଳନା କରିଥିଲେ ।



## ଛନ୍ଦମ ଡ୍ୟାନ୍ସ ଏକାଡେମୀର ୨୬ ବର୍ଷ ପୂର୍ତ୍ତି

ଭୁବନେଶ୍ୱର, (ସବ୍ୟୁ) : ୧୯୯୮ରେ କୋଲ୍‌କାତାରେ ଏହାର ଆରମ୍ଭ ପରଠାରୁ କଥକ ନୃତ୍ୟ ଶିକ୍ଷାର ଏକ ଆଶାର କିରଣ ଭାବେ, ଛନ୍ଦମ ଡ୍ୟାନ୍ସ ଏକାଡେମୀ ଚଳିତ ବର୍ଷ ଏହାର ୨୬ତମ ବାର୍ଷିକ ସଙ୍ଗୀତ କାର୍ଯ୍ୟକ୍ରମ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଶ୍ରୀମତି ଶ୍ରୀରୂପା ଘୋଷ ( ସମ୍ମାନିତ ଗୁରୁଜୀ ପ୍ରଫେସର ବ୍ରୋଜେନ ମୁଖାର୍ଜୀଙ୍କ ଶିଷ୍ୟା)ଙ୍କ ଦ୍ୱାରା ସ୍ଥାପିତ ଏହି ଏକାଡେମୀ ସମସ୍ତ ବୟସ ବର୍ଗରେ କଥକ ନୃତ୍ୟ ଶିକ୍ଷା, ଏହାର ବିକାଶ ଓ ପ୍ରଚାରପ୍ରସାର ପ୍ରତି ନିଜକୁ ଉତ୍ସର୍ଗୀକୃତ କରିଆସିଛି। ଏହି ଏକାଡେମୀର ଭୁବନେଶ୍ୱର ଶାଖାକୁ ୨୦୨୦ରେ ସ୍ଥାପନ କରାଯାଇଥିଲା ଯାହା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଗଭୀର ସଂଯୋଗ ବିକଶିତ କରି ଏହି ପବିତ୍ର ଗୁରୁ-ଶିଷ୍ୟ ପରମ୍ପରାକୁ ଆଗକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ମେହଫିଲ ବିଷୟବସ୍ତୁ ଥିବା ଏହି କନ୍‌ସର୍ଟରେ ୩୨ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀ କଥକ ପାଇଁ ନିଜର ଦକ୍ଷତା ଓ ଆଗ୍ରହକୁ ପ୍ରଦର୍ଶିତ କରିବେ। ଏହି କାର୍ଯ୍ୟକ୍ରମରେ ମଦର୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତ୍ରୀ ଶ୍ରୀମତି ପଲି ପଟ୍ଟନାୟକ ଏବଂ କୋଲ୍‌କାତାରୁ ଜଣେ ପ୍ରଖ୍ୟାକ ହୋମିଓପାଥି ଡାକ୍ତର ଡଃ ସମିତ ଘୋଷ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ସେମାନଙ୍କର ଉପସ୍ଥିତି ସମୁଦାୟ ମଧ୍ୟରେ ଏହି କାର୍ଯ୍ୟକ୍ରମର ସାଂସ୍କୃତିକ ମହତ୍ୱକୁ ହାଇଲାଇଟ କରିବ।

## ଇନର ହୁଇଲ କ୍ଲବ କଟକ ସେଣ୍ଟ୍ରାଲ ପକ୍ଷରୁ ଶ୍ରମିକ ଦିବସ




ଭୁବନେଶ୍ୱର (ସବ୍ୟୁ): ଇନର ହୁଇଲ କ୍ଲବ କଟକ ସେଣ୍ଟ୍ରାଲ ପକ୍ଷରୁ ନରାଜ ନିକଟସ୍ଥ ସାଧବାଣିପୁର ଠାରେ ଶ୍ରମିକ ଦିବସ ପାଳିତ ହୋଇଥିଲା । ସେଠାରେ ଏକତ୍ରିତ ଭାବେ ୩୫ ଜଣ ଶ୍ରମଜୀବୀଙ୍କୁ ଉତ୍ତରୀୟ ପ୍ରଦାନ କରି କ୍ଲବ ତରଫରୁ ସମ୍ମାନିତ କରାଯାଇଥିଲା । ଶ୍ରମିକ ଦିବସର ତାତ୍ପର୍ଯ୍ୟ ବିଷୟରେ କ୍ଲବ ସଭାପତି ମମତା ବେବର୍ତ୍ତା ସୂଚନା ପ୍ରଦାନ କରିଥିଲେ । ସେମାନେ ଏକତ୍ରିତ ହୋଇ ଗୀତ ଗାଇ ଥିଲେ ଏବଂ କ୍ଲବ ମେମ୍ବର ମାନଙ୍କ ସହିତ ବାର୍ତ୍ତାଳାପ କରି ଆନନ୍ଦ ଅନୁଭବ କରିଥିଲେ । ସର୍ବଶେଷ ରେ ଶ୍ରମିକ ମାନଙ୍କୁ ଗୋଟିଏ ଲେଖାଏଁ ବ୍ୟାଗ ଏବଂ ମଧ୍ୟାହ୍ନ ଭୋଜନ ବହନ ପାଇଁ ଷ୍ଟିଲ ଡବା,ଫୁଟି ,ବିସ୍କୁଟ ଓ ପାଣି ବୋତଲ ବଣ୍ଟନ କରାଯାଇଥିଲା । ପୂର୍ବତନ ସଭାପତି ସୁଜାତା ମହାପାତ୍ର, ପଦ୍ମଜା ତ୍ରିପାଠୀ, ମଧୁଲିତା ଦାସ, ସଭ୍ୟା ଡଃ ତୃପ୍ତି ନାୟକ, ଶ୍ରୀମତୀ ନିରୁପମା କର, ଶ୍ରୀମତୀ ରଂଜିତା ମହାନ୍ତି,ଶ୍ରୀମତୀ ଲୀଳାବତୀ ମହାନ୍ତି ଆଦି ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ ।

# ନୂଆ ଓଡ଼ିଆ ଚଳଚ୍ଚିତ୍ର ନାୟିକାର ଟାଇଟଲ ଘୋଷଣା

ଭୁବନେଶ୍ୱର (ସବ୍ୟୁ): ଜୟ ଜଗନ୍ନାଥ ନତଜ୍ୟୋତ୍ସ୍ନା ପ୍ରଡ଼କସନ୍ ହାଉସ ଦ୍ୱାରା ପ୍ରସ୍ତୁତ ନୂଆ ଓଡ଼ିଆ ଚଳଚ୍ଚିତ୍ର ନାୟିକା ର ନାମ ଘୋଷଣା ସହିତ ପୋଷ୍ଟର ଉନ୍ମୋଚନ କରାଯାଇଛି । ଏହି ଉତ୍ସବରେ ପ୍ରଯୋଜକ



ରୁପେଶ କୁମାର ନାୟକ, ସହ ପ୍ରଯୋଜିକା ସଂଗୀତା ବିଷୋୟୀ, ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ତଥା ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ ପ୍ରମୁଖ ଯୋଗଦେଇଥିଲେ । ନାୟିକା ଭୂମିକାରେ ଯିଏ ନଜର ଆସିବେ ତାଙ୍କୁ ଓଡିଶାରେ କିଏ ବା ନ ଜାଣେ । ଓଲିଉଡ଼ର ବହୁ ଚର୍ଚ୍ଚିତା ସେଦିନର ଗୌରୀ ନାନୀ ଅର୍ଥାତ ମହାଶ୍ୱେତା ରାୟଙ୍କ ନାୟିକା ଭୂମିକା କୁ ବଡ଼ ପରଦାରେ ଦେଖିବେ ଦର୍ଶକ । ତେବେ, ଏବେ ପ୍ରେକ୍ଷାଳୟ ପ୍ରତି ସମସ୍ତ ସିନେପ୍ରେମୀଙ୍କର ଆଗ୍ରହ ବଢ଼ିବାରେ ଲାଗିଛି । ବିଭିନ୍ନ ମୌଳିକ କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ହେଉଥିବାରୁ ନିକଟ ଅତୀତରେ ଅନେକ ସିନେମା ହିଟ୍ ମଧ୍ୟ ହୋଇଛି । ସେମିତି ଏକ ମୌଳିକ କାହାଣୀକୁ ନେଇ ନାୟିକା ନିର୍ମାଣ ହେବାକୁ ଯାଉଛି ଝ ନାୟିକା ନାଁ ଏବଂ ପୋଷ୍ଟରରୁ ଅନୁମାନ କରାଯାଇପାରେ ଏହା ଏକ ମଞ୍ଚ ନାଟକର କାହାଣୀ ଉପରେ ପର୍ଯ୍ୟବେଶିତ ହେଇଥିବ ନିଶ୍ଚୟ । କାହାଣୀରେ ପ୍ରେମ ମଧ୍ୟ ଭରପୁର ରହିଛି । ଏହି ଚଳଚ୍ଚିତ୍ରକୁ ପ୍ରଯୋଜନା କରିଛନ୍ତି ରୁପେଶ କୁମାର ନାୟକ ଏବଂ ନିର୍ଦ୍ଦେଶନା ଦେଉଛନ୍ତି ଇଣ୍ଡଷ୍ଟ୍ରିର ଷ୍ଟାଇଲିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ । କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ । ଏହାର ସହ ପ୍ରଯୋଜନା କରିଛନ୍ତି ସଂଗୀତା ବିଷୋୟୀ । ପ୍ରଡ଼କସନ ଡିଜାଇନର ଚିତ୍ତ ରଞ୍ଜନ ଆଚାର୍ଯ୍ୟ ଏବଂ ପ୍ରଚାର ଓ ପ୍ରସାର ମୁଖ୍ୟ ରହିଛନ୍ତି ମିଡ଼ିଆ ପ୍ଲାନର ଭରତ ପ୍ରଧାନ ।

## ସିଏମ୍‌ଏଫ୍ ଫୋନ୍ ୨ ପ୍ରୋ'ର ବିକ୍ରି ୫ରୁ

ଭୁବନେଶ୍ୱର (ସବ୍ୟୁ): ଲଣ୍ଡନସ୍ଥିତ ପ୍ରଯୁକ୍ତି କମ୍ପାନୀ ନଥିଂର ଏକ ଉପବ୍ରାଣ୍ଡ ସିଏମଏଫ ପକ୍ଷରୁ ୫ ମଇ ମଧ୍ୟାହ୍ନ ୧୨ଟା ପରଠାରୁ ସିଏମଏଫ୍ ଫୋନ୍ସ ବିକ୍ରି ଶୁଭାରମ୍ଭ ହେବାକୁ ଯାଉଛି। ଫ୍ଲିପକାର୍ଟ, ଫ୍ଲିପ୍କାର୍ଟ ମିନିଟ୍ସ, ବିଜୟ ସେଲ୍ସ, କ୍ରୋମା ସମେତ ସମସ୍ତ ଖୁଚୁରା ବିକ୍ରୟ କେନ୍ଦ୍ରରେ ସିଏମଏଫ୍ ଫୋନ୍ ୨ ପ୍ରୋ'ର ବିକ୍ରି ହେବା ସମ୍ପର୍କରେ ଆଜି ଘୋଷଣା କରାଯାଇଛି। ଏକ ସ୍ୱତନ୍ତ୍ର ଶୁଭାରମ୍ଭ ଅଫର୍ ସ୍ୱରୂପ ପ୍ରଥମ ଦିନରେ ଫୋନ୍ ୨ ପ୍ରୋ' ୧୬,୯୯୯ (ସବୁ ଅଫର୍ ସହିତ) ଟଙ୍କାରେ ବିକ୍ରି କରାଯିବ । ୨୮ ଏପ୍ରିଲ ୨୦୨୫ରେ ନଥିଂର ସିଏମଏଫ ଫୋନ୍ ୨ ପ୍ରୋକୁ ବିଶ୍ୱସ୍ତରରେ ଉନ୍ମୋଚନ କରାଯାଇଥିଲା। ଏଥିରେ ରହିଛି ନିଜସ୍ୱ ଶ୍ରେଣୀରେ ସବୁଠୁ ଶ୍ରେଷ୍ଠତମ ତିନୋଟି କ୍ୟାମେରା ବ୍ୟବସ୍ଥା, ଏକ ଚମତ୍କାର ଉଜ୍ଜ୍ୱଳ ଡିସପ୍ଲେ ଏବଂ ଏକ ପ୍ରିମିୟମ ଡିଜାଇନ୍। ସିଏମଏଫ ଫୋନ୍ ୨ ପ୍ରୋ ସବୁଠୁ ପସନ୍ଦଯୋଗ୍ୟ ଦୈନିକ ବ୍ୟବହାରକାରୀ ଫୋନ୍ ରୂପେ ମାନ୍ୟତା ଲାଭ କରିଛି ।

# ସୀମାଙ୍କୁ ହତ୍ୟା ଉଦ୍ୟମ : ଅଭିଯୁକ୍ତ ଗିରଫ



ଲକ୍ଷ୍ନୌ : ଉତ୍ତରପ୍ରଦେଶର ଗୌତମ ବୁଦ୍ଧ ନଗରର ରବୁପୁରା ଗାଁରେ ରହୁଥିବା ପାକିସ୍ତାନୀ ନାଗରିକ ସୀମା ହାଇଦରଙ୍କ ଉପରେ ଆକ୍ରମଣ ହୋଇଛି।

ସୀମାଙ୍କ ଉପରେ ଆକ୍ରମଣ କରିଥିବା ଯୁବକଙ୍କ ନାମ ତେଜସ ଝାନି । ସେ ଗୁଜରାଟର ବାସିନ୍ଦା ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଏପ୍ରିଲ ୩ ତାରିଖ ଦିନ ସୀମାଙ୍କ ଘରେ ପଶି ତେଜସ ଝାନି ଆକ୍ରମଣ କରିଥିଲା । ତେଜସ ପ୍ରଥମେ ଘରର ଦ୍ୱାରକୁ ଗୋଇଠା ମାରିଥିଲା । ଗୋଇଠା ମାଡ଼ରେ କବାଟ ଖୋଲି ଯିବା ପରେ ସେ ଭିତରକୁ ଜୋରଜବରଦସ୍ତି ପଶି ସୀମା ହାଇଦରଙ୍କ ଉପରେ ଆକ୍ରମଣ କରି ଗଳାକାଟି ହତ୍ୟା କରିବାକୁ ଉଦ୍ୟମ କରିଥିଲା । ଜୀବନବିକଳରେ ସୀମା ଉଦ୍ଧାର ପାଇଁ ଡାକ ପକାଇଥିଲେ । ସୀମାଙ୍କ ଡାକ ଶୁଣି ପାଖରେ ଥିବା ଲୋକମାନେ ସଙ୍ଗେସଙ୍ଗେ ଘଟଣାସ୍ଥଳକୁ ଧାଇଁ ଆସି ତେଜସକୁ କାବୁ କରି ନେଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତେଜସକୁ ହେପାଜତକୁ ନେଇ ପଚରାଉଚରା ଜାରି ରଖିଛି । ଏଥିସହିତ ଆକ୍ରମଣକାରୀର ମୋବାଇଲ୍ ଫୋନକୁ ପୁଲିସ ଜବତ କରି ନେଇଛି । ସୀମାଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଏସିପି ସାର୍ଥକ ସେଙ୍ଗାର କହିଛନ୍ତି, ‘ ଅଭିଯୁକ୍ତକୁ ହେପାଜତକୁ ନିଆଯାଇ ପଚରାଉଚରା କରାଯାଉଛି । ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ କହିଛି,‘‘ ସୀମା ତାଙ୍କ ଉପରେ କଳାଯାଦୁ କରିଛନ୍ତି । ତେଣୁ ସେ ତାଙ୍କୁ ହତ୍ୟା କରିବାକୁ ଯାଇଥିଲେ ।’ସନ୍ଦେହ କରାଯାଉଛି କି ତେଜସଙ୍କ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନାହିଁ । ପୁଲିସ ସମ୍ପୂର୍ଣ୍ଣ ମାମଲାକୁ ଗମ୍ଭୀରତାର ସହ ତଦନ୍ତ କରୁଛି । ସୀମା ହାଇଦର ୨୦୨୩ ମସିହାରେ ନୋଏଡାର ବାସିନ୍ଦା ସଚିନଙ୍କ ପ୍ରେମରେ ପଡ଼ି ପାକିସ୍ତାନରୁ ନେପାଳ ଦେଇ ଭାରତ ଚାଲି ଆସିଥିଲେ । ସୀମା ନେପାଳରେ ସଚିନଙ୍କୁ ବିବାହ କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବାୟୁସେନା ମୁଖ୍ୟ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଲେ ବାୟୁସେନା ମୁଖ୍ୟ । ଏୟାର ମାର୍ଶଲ ଅମରପ୍ରୀତ ସିଂଙ୍କ ସହ ଆଲୋଚନା କରୁଛନ୍ତି ମୋଦୀ । ଗତକାଲି ନୌସେନା ମୁଖ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନାର ପୃଷ୍ଠଭୂମିରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ, ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ ତ୍ରିପାଠି ଶନିବାର ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆରବ ସାଗରରେ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥଗୁଡ଼ିକର ସାମଗ୍ରିକ ପରିସ୍ଥିତି ବିଷୟରେ ଅବଗତ କରାଇଥିଲେ । ତିନି ସେନାମୁଖ୍ୟଙ୍କ ସହ ଶୁକ୍ରବାର ବୈଠକର ଗୋଟିଏ ଦିନ ପରେ ପୁଣିଥରେ ନୌସେନା ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ । ଆଉ ପୁଣି ବାୟୁସେନା ମୁଖ୍ୟ ମୋଦିଙ୍କ ସହ ସାକ୍ଷାତ କରିଛନ୍ତି । ତେବେ ପୂର୍ବ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନିଲ ଚୌହାନ ଏବଂ ତିନି ସେନା ମୁଖ୍ୟ ଯୋଗ ଦେଇଥିଲେ ।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନିଲ ଚୌହାନ ଏବଂ ତିନି ସେବା ମୁଖ୍ୟଙ୍କ ଉପସ୍ଥିତିରେ ଏକ ବୈଠକ ହେବାର କିଛି ଦିନ ପରେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ଜାତୀୟ ରାଜଧାନୀର ଲୋକ କଲ୍ୟାଣ ମାର୍ଗସ୍ଥିତ ତାଙ୍କ ବାସଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ଉପସ୍ଥିତ ଥିଲେ ।

# ଯୁଦ୍ଧରେ ମାତ୍ର ୪ ଦିନ ଟିକ୍ଷି ପାରିବ ପାକିସ୍ତାନ !

ନୂଆଦିଲ୍ଲୀ: ପାକିସ୍ତାନର ବାହାରିଯିବ ସବୁ କାଢ଼ୁଆପଣ । ଯଦି ଭାରତ ଯୁଦ୍ଧ ଡାକରା ଦେଲା, ତାହେଲେ, ୪ ଦିନ ବି ଠିକ୍ ସେ ଟିକ୍ଷି ପାରିବନି ପାକିସ୍ତାନ । ଖାଲି ଯାହା କଥା ବଡ଼ ବଡ଼ କହୁଛି । ଗତ ମାସରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ସହିତ ଉତ୍ତେଜନା ମଧ୍ୟରେ, ପାକିସ୍ତାନ ଫମ୍ପା ଧମକ ଦେଉଥିବା ବେଳେ ଏବେ ପାକିସ୍ତାନ ସାମରିକ ବାହିନୀ ଗୁରୁତ୍ୱପୂର୍ଣ୍ଣ ତୋପ ଗୋଳାବାରୁଦର ଘୋର ଅଭାବ ସହିତ ସଂଘର୍ଷ କରୁଛି । ଆଉ ଯଦି ଏବେ ଯୁଦ୍ଧ ହୁଏ, ତାହେଲେ ପାକିସ୍ତାନର କ୍ଷମତା ମାତ୍ର ଚାରି ଦିନ । ୪ ଦିନ ପରେ ମାଟି କାମୁଡିବ ପାକିସ୍ତାନ ।

ମିଳିଥିବା ସୂଚନା ମୁତାବକ, ଭାରତ ସହିତ ଉତ୍ତେଜନା ମଧ୍ୟରେ ପାକିସ୍ତାନ ସାମରିକ ବାହିନୀ ଗୁରୁତର ତୋପ ଗୋଳାବାରୁଦ ଅଭାବର ସମ୍ମୁଖୀନ ହେଉଛି । ୟୁକ୍ରେନ ସହିତ ସମ୍ପ୍ରତିକ ଅସ୍ତ୍ରଶସ୍ତ୍ର ଚୁକ୍ତି ପାକିସ୍ତାନର ଯୁଦ୍ଧ ସଂରକ୍ଷଣକୁ ହ୍ରାସ କରିଛି । ଉଚ୍ଚ ଚାହିଦା, ପୁରୁଣା ସୁବିଧା ଯୋଗୁଁ ଯୋଗାଣଗୁଡ଼ିକ ଉନ୍ନତି ପାଇଁ ସଂଘର୍ଷ କରୁଛି ପାକ୍ ସେନା । ଆଉ ଏବେ ଆଞ୍ଚଳିକ ସଂଘର୍ଷର ଭୟ ମଧ୍ୟରେ, ସେନାକୁ ଯୋଗାଣ କରୁଥିବା ପାକିସ୍ତାନ ଅର୍ଡନାନ୍ସ ଫ୍ୟାକ୍ଟ୍ରି, ପିଓଏଫ୍ ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି ଏବଂ ପୁରୁଣା ଉତ୍ପାଦନ ସୁବିଧା ମଧ୍ୟରେ ଯୋଗାଣ ପୂରଣ କରିବା ପାଇଁ ସଂଘର୍ଷ କରୁଛି । ଯାହା ପାକ୍ ସେନଙ୍କ ପାଇଁ ଆଉ ଏକ ବଡ଼ ଚାଲେଞ୍ଜ ।

ରିପୋର୍ଟ ଏହା ବି ଦାବି କରିଛି, ଯୋଗାଣ ହ୍ରାସ ପାଇବା ସହିତ, ପାକିସ୍ତାନର ଗୋଳାବାରୁଦ ଭଣ୍ଡାର କେବଳ ୯୬ ଘଣ୍ଟାର ଉଚ୍ଚ-ତୀବ୍ରତା ସଂଘର୍ଷକୁ ବଜାୟ ରଖିପାରିବ । ସାଧାରଣତଃ, ପାକିସ୍ତାନର ସାମରିକ ସିଦ୍ଧାନ୍ତ ଭାରତର ସଂଖ୍ୟାତ୍ମକ ଶ୍ରେଷ୍ଠତାକୁ ମୁକାବିଲା କରିବା ପାଇଁ କେନ୍ଦ୍ରିତ । ଭାରତୀୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ବିଫଳ କରିବା ପାଇଁ ସେନା ପାଖରେ ଏହାର ହାଓ୍ୱିଜର୍ସ ପାଇଁ ପର୍ଯ୍ୟାପ୍ତ ୧୫୫ ଏମଏମ ସେଲ୍ କିମ୍ବା ୧୨୨ ଏମଏମ ରକେଟ୍ ନାହିଁ । ଗତ ଏପ୍ରିଲରେ ଏକ୍ସରେ ଅନେକ ପୋଷ୍ଟ ଦାବି କରିଥିଲା ଯେ, ୧୫୫ ଏମଏମ ତୋପ ସେଲ୍ ୟୁକ୍ରେନକୁ ପଠାଯାଇଥିଲା, ଯାହା ଫଳରେ ପାକିସ୍ତାନ ଷ୍ଟକ୍ ବିପଜ୍ଜନକ ଅବସ୍ଥାରେ ଥିଲା ।

ସୂତ୍ର ଅନୁଯାୟୀ, ପାକିସ୍ତାନୀ ପ୍ରତିରକ୍ଷା ବାହିନୀ ଗୁରୁତ୍ୱପୂର୍ଣ୍ଣ ଗୋଳାବାରୁଦର ଅଭାବକୁ ନେଇ ଗଭୀର ଚିନ୍ତିତ ଏବଂ ଭୟଭୀତ ମଧ୍ୟ । ଏହି ପ୍ରସଙ୍ଗ ଗତ ୨ ମେରେ ସ୍ୱତନ୍ତ୍ର କର୍ପସ କମାଣ୍ଡର୍ସ ସମ୍ମିଳନୀରେ ମଧ୍ୟ ଉଠାଯାଇଥିଲା । ପାକିସ୍ତାନ ସମ୍ଭାବ୍ୟ ଭାରତୀୟ ଆକ୍ରମଣର ଆଶଙ୍କାରେ ଭାରତ-ପାକିସ୍ତାନ ସୀମା ନିକଟରେ ଗୋଳାବାରୁଦ ଡିପୋ ନିର୍ମାଣ କରିଥିଲା । ଆହୁରି ମଧ୍ୟ ଅତୀତରେ, ପୂର୍ବତନ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ କମର ଜାଭେଦ ବାଜଓ୍ୱା ସାମରିକ ବାହିନୀ ଦ୍ୱାରା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ସ୍ୱୀକାର କରିଥିଲେ । କହିଥିଲେ, ଦୀର୍ଘକାଳୀନ ସଂଘର୍ଷର ପରିସ୍ଥିତିରେ ଭାରତ ସହିତ ମୁକାବିଲା କରିବା ପାଇଁ ପାକିସ୍ତାନ ପାଖରେ ଗୋଳାବାରୁଦ ଏବଂ ଆର୍ଥିକ ଶକ୍ତିର ଅଭାବ ରହିଛି ।

କିନ୍ତୁ ଏହା ଉପରକୁ ଯାଇ ଅନେକ ପାକିସ୍ତାନୀ ନେତା ଖାଲି ବଡ଼ ବଡ଼ କଥା କହୁଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ପଡ଼ୋଶୀ ଦେଶ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବ । ଆଉ ସେମାନଙ୍କର ସଶସ୍ତ୍ର ବାହିନୀ କାଳେ ଭାରତୀୟ ଆକ୍ରମଣର ଉପଯୁକ୍ତ ଜବାବ ଦେବେ । ହେଲେ ବାସ୍ତବ ଚିତ୍ର ଭିନ୍ନ । ପାକ ସେନାର ନଗ୍ନ ଚିତ୍ର କିଛି ଅଲଗା ହିଁ ବୟାନ କରୁଛି । ନା ଅଛି ଆର୍ଥିକ ସହାୟତା, ନା ଅସ୍ତ୍ରଶସ୍ତ୍ର । ସେପଟେ ପୁଣି ମଝିରେ ରିପୋର୍ଟ ପ୍ରକାଶ ପାଇଥିଲା, ଅର୍ଥ ଅଭାବରୁ ପାକ୍ ଯବାନ ସେନା ଛାଡ଼ି ବାହାରକୁ ଚାକିରି ପାଇଁ ପଳାଇଛନ୍ତି । ହେଲେ ନେତା ଖାଲି ବାହସ୍ଫଟ ମାରୁଛନ୍ତି ।

# ସଂସ୍କୃତ ସମ୍ଭାଷଣ ଶିବିରର ଉଦଯାପନୀ ଉତ୍ସବରେ ଶାହ




ନୂଆଦିଲ୍ଲୀ:କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ୧୦୦୮ଟି ସଂସ୍କୃତ ସମ୍ଭାଷଣ ଶିବିରର ଭବ୍ୟ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମରେ ନିଜର ଅଭିଭାଷଣରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ୧୦୦୮ଟି ସଂସ୍କୃତ ସମ୍ଭାଷଣ ଶିବିର ଆୟୋଜନ କରିବାରେ ସଂସ୍କୃତ ଭାରତୀର ଉଲ୍ଲେଖନୀୟ ଏବଂ ସାହସିକ ପଦକ୍ଷେପକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଔପନିବେଶିକ ଶାସନର ପୂର୍ବରୁ ସଂସ୍କୃତର ଅବନତି ଆରମ୍ଭ ହୋଇଥିଲା ଏବଂ ଏହାର ପୁନରୁଦ୍ଧାର ପାଇଁ ସମୟ ଏବଂ ନିରନ୍ତର ପ୍ରୟାସ ଆବଶ୍ୟକ ହେବଛ ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସଂସ୍କୃତର ପୁନରୁତ୍ଥାନ ପାଇଁ ସାରା ଦେଶରେ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି ।

ଶ୍ରୀ ଶାହ କହିଥିଲେ ଯେ ୧୯୮୧ମସିହାରୁ ସଂସ୍କୃତ ଭାରତୀ ସଂସ୍କୃତରେ ଉପଲବ୍ଧ ବ୍ୟାପକ ଜ୍ଞାନକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ସଂସ୍କୃତ କହିବା ଏବଂ ଶିଖିବା ପାଇଁ ତାଲିମ ଦେବା ଏବଂ ସକ୍ଷମ କରିବା ପାଇଁ କାର୍ଯ୍ୟ କରିଆସୁଛି । ସେ ଉଲ୍ଲେଖ କରିଥିଲେ ଯେ ବିଶ୍ୱର ଅନେକ ପ୍ରସିଦ୍ଧ ବିଦ୍ୱାନ ସଂସ୍କୃତକୁ ସର୍ବାଧିକ ବିଜ୍ଞାନ ସମ୍ମତ ଭାଷା ଭାବେ ସ୍ୱୀକାର କରିଛନ୍ତି ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ମୋଦୀ ସରକାରଙ୍କ ନୂତନ ଜାତୀୟ ଶିକ୍ଷା ନୀତି (ଏନଇପି) ଭାରତୀୟ ଜ୍ଞାନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛି, ଯାହାର ମୁଖ୍ୟ ସ୍ତମ୍ଭ ହେଉଛି ସଂସ୍କୃତଛ ସେ ଉଲ୍ଲେଖ କରିଥିଲେ ଯେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନକୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି । ସେ କହିଥିଲେ ଯେ ସଂସ୍କୃତ ଭାରତର ବିଶ୍ୱାସ, ପରମ୍ପରା, ସତ୍ୟ ଏବଂ କାଳଜୟୀକୁ ପ୍ରତିନିଧିତ୍ୱ କରେ । ଜ୍ଞାନ ଏବଂ ବୁଦ୍ଧିର ଆଲୋକ ସଂସ୍କୃତ ଭାଷାରେ ଗଭୀର ଭାବେ ନିହିତ ରହିଛ । ଅଧିକାଂଶ ଭାରତୀୟ ଭାଷାର ଜନନୀ ଭାବେ, ସଂସ୍କୃତର ପ୍ରଚାର କେବଳ ଏହାର ପୁନରୁଦ୍ଧାର ନୁହେଁ, ବରଂ ଦେଶର ସାମଗ୍ରିକ ପ୍ରଗତିକୁ ଆଗକୁ ମଧ୍ୟ ବଢ଼ାଇଥାଏ ।

# ପଶ୍ଚିମବଙ୍ଗରେ ହୋଇପାରେ ରାଷ୍ଟ୍ରପତି ଶାସନ!



କୋଲକାତା: ୱାକଫ ସଂଶୋଧନ ଆଇନ ବିରୋଧରେ ପ୍ରତିବାଦ ସମୟରେ ମୁର୍ଶିଦାବାଦରେ ଘଟିଥିବା ହିଂସା ସମ୍ପର୍କରେ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ କେନ୍ଦ୍ର ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି । ସେ ୧୮-୧୯ ଏପ୍ରିଲ୍, ୨୦୨୫ ରେ ଦଙ୍ଗା ପ୍ରଭାବିତ ମାଲଦା ଏବଂ ମୁର୍ଶିଦାବାଦ ଗସ୍ତ କରିଥିଲେ ।

ସେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ମୌଳବାଦ ଏବଂ ଉଗ୍ରବାଦର ଦ୍ୱୈତ ସମସ୍ୟା ରାଜ୍ୟ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ପାଲଟିଛି । ପଶ୍ଚିମବଙ୍ଗର ପ୍ରଶାସନିକ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି ଏବଂ ଏହା ଭୁଶୁଡ଼ି ପଡୁଛି ବୋଲି କୁହାଯାଇଛି । ଲକ୍ଷ୍ୟଭେଦମୂଳକ ସାମ୍ପ୍ରଦାୟିକ ଆକ୍ରମଣର ମାମଲା ବୃଦ୍ଧି ପାଇଛି । ରାଜ୍ୟପାଳ ୱାକଫ (ସଂଶୋଧନ) ବିଲ୍ ପରେ ମୁର୍ଶିଦାବାଦରେ ହୋଇଥିବା ପୂର୍ବ ଯୋଜନାବଦ୍ଧ ହିଂସା ଏବଂ ପୂର୍ବ ଚେତାବନୀ ସତ୍ତ୍ୱେ ପୋଲିସର ନିଷ୍କ୍ରିୟତା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ ।

ସେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ମୌଳବାଦ ଏବଂ ଉଗ୍ରବାଦର ଦ୍ୱୈତ ସମସ୍ୟା ରାଜ୍ୟ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ପାଲଟିଛି । ପଶ୍ଚିମବଙ୍ଗର ପ୍ରଶାସନିକ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି ଏବଂ ଏହା ଭୁଶୁଡ଼ି ପଡୁଛି ବୋଲି କୁହାଯାଇଛିଛ

ସେ ସମ୍ବେଦନଶୀଳ ସୀମାନ୍ତ ଜିଲ୍ଲାଗୁଡ଼ିକରେ ରାଜନୈତିକ ଲାଭ ପାଇଁ ମୌଳବାଦୀକରଣ ଏବଂ ଧାର୍ମିକ ପରିଚୟର ଅପବ୍ୟବହାର ବିଷୟରେ ଚେତାବନୀ ଦେଇଥିଲେ। ବୋଷ ତାଙ୍କ ରିପୋର୍ଟରେ ଅନେକ ପଦକ୍ଷେପ ପରାମର୍ଶ ଦେଇଛନ୍ତି, ଯେଉଁଥିରେ ଏକ ତଦନ୍ତ କମିଶନ ଗଠନ ଏବଂ ବାଂଲାଦେଶ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ କେନ୍ଦ୍ରୀୟ ଫୋର୍ସ ପୋଷ୍ଟ ସ୍ଥାପନ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ, ସେ ଲେଖିଛନ୍ତି, କହିବା ବାହୁଲ୍ୟ ଯେ, ସମ୍ବିଧାନର ଧାରା ୩୫୬ ଅନ୍ତର୍ଗତ ବ୍ୟବସ୍ଥା ମଧ୍ୟ ଏକ ବିକଳ୍ପ ରହିବ ।

# ବିହାର ନିର୍ବାଚନ ଏକାଠି ଲଢ଼ିବେ ଆରଜେଡି, କଂଗ୍ରେସ

ପଟନା: ବିହାର ବିଧାନସଭା ନିର୍ବାଚନକୁ ନେଇ ବୈଠକର ପର୍ଯ୍ୟାୟ ଆରମ୍ଭ ହୋଇଛି । ରବିବାର ପାଟନାରେ ମହାଗଠବନ୍ଧନ ନେତାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମହାଗଠବନ୍ଧନର ଏହି ବୈଠକରେ, ଆରଜେଡି, କଂଗ୍ରେସ, ସିପିଆଇ, ସିପିଆଇଏମଏଲ, ସିପିଏମ, ବିଆଇପି ଦଳର ସଭାପତିମାନେ ଉପସ୍ଥିତ ଥିଲେ ।

ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଆରଜେଡି ସାଂସଦ ମନୋଜ ଝାଙ୍କର ଏକ ବଡ଼ ବୟାନ ସାମ୍ନାକୁ ଆସିଛି । ସେ କହିଥିଲେ ଯେ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉତ୍ତମ ସମନ୍ୱୟ ସହିତ ମହାଗଠବନ୍ଧନର ଏଜେଣ୍ଡାକୁ ଆଗକୁ ନେବା । ସମଗ୍ର ମହାଗଠବନ୍ଧନ ୨୪୩ଟି ଆସନରେ ନିର୍ବାଚନ ଲଢୁଛି । ମନୋଜ ଝା କହିଛନ୍ତି, ସମ୍ପୂର୍ଣ୍ଣ ମହାଗଠବନ୍ଧନ ୨୦ ମଇରେ ଦେଶବ୍ୟାପୀ ଶ୍ରମିକ ଧର୍ମଘଟକୁ ସମର୍ଥନ କରିବ । ନିର୍ବାଚନରେ ତେଜସ୍ୱୀ ଯାଦବଙ୍କ ଚେହାରାକୁ ନେଇ କୌଣସି ବିବାଦ ନାହିଁ । ଆମକୁ ଘୋଷଣା ପାଇଁ ବହୁତ ଆନ୍ତରିକତାର ସହିତ ଅପେକ୍ଷା କରିବାକୁ ପଡିବ ଏବଂ ଘୋଷଣା ସମୟ ଅନୁସାରେ କରାଯିବ । ତାଙ୍କର ବିବୃତ୍ତିରୁ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ ମହାଗଠବନ୍ଧନରେ କୌଣସି ଫାଟ କିମ୍ବା ବିବାଦ ଗୁଜବର କୌଣସି ସତ୍ୟତା ନାହିଁ ।

# ଆମକୁ ସହଯୋଗୀ ଆବଶ୍ୟକ, ଜ୍ଞାନ ଦେବାବାଲା ନୁହେଁ

ନୂଆଦିଲ୍ଲୀ: ପହଲଗାମ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବହୁ ପରିମାଣରେ ବୃଦ୍ଧି ପାଇଛି । ଉଭୟ ଦେଶ ଯୁଦ୍ଧର ଦ୍ୱାରଦେଶରେ ଠିଆ ହୋଇଛନ୍ତି । ତେବେ ୟୁରୋପୀୟ ସଂଘ ଦୁଇଦେଶ ଉତ୍ତେଜନା ହ୍ରାସ ପାଇଁ ପ୍ରସ୍ତାବ ଦେଇଛି । ଏହାର ପ୍ରତିକ୍ରିୟାରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ୟୁରୋପ ସମେତ ସମଗ୍ର ବିଶ୍ୱକୁ ଏକ ସ୍ପଷ୍ଟ ଏବଂ ସିଧାସଳଖ ବାର୍ତ୍ତା ଦେଇଛନ୍ତି । ଜୟଶଙ୍କର ଆର୍କଟିକ ସର୍କଲ ଇଣ୍ଡିଆ ଫୋରମ୍ ୨୦୨୫ରେ କହିଛନ୍ତି ଭାରତକୁ ସହଯୋଗୀଙ୍କ ଆବଶ୍ୟକତା ଅଛି, ଉପଦେଷ୍ଟା ନୁହେଁ । ବିଶେଷକରି ନିଜ ଘରେ ଗୋଟିଏ ଉପଦେଶ, ଅନ୍ୟମାନଙ୍କ କ୍ଷେତ୍ରରେ ଅନ୍ୟ ଏକ ଉପଦେଶ ଦେବାବାଲା ଆମର ଆବଶ୍ୟକ ନାହିଁ ।

ଡକ୍ଟର ଜୟଶଙ୍କର କହିଛନ୍ତି ଯେ ଭାରତ ପାରସ୍ପରିକ ସମ୍ମାନ ଏବଂ ବୁଝାମଣା ପ୍ରଦର୍ଶନ କରୁଥିବା ଦେଶମାନଙ୍କ ସହିତ କାମ କରିବାକୁ ଚାହୁଁଛି । ସେ ୟୁରୋପକୁ କଟାକ୍ଷ କରି କହିଥିଲେ ଯେ କିଛି ୟୁରୋପୀୟ ଦେଶଙ୍କ ମୂଲ୍ୟବୋଧ ଓ କର୍ମରେ ବିରାଟ ପାର୍ଥକ୍ୟ ରହିଛି ।ଭାରତ ଓ ପାକିସ୍ତାନ କୂଟନୈତିକ ଆଲୋଚନା ମାଧ୍ୟମରେ ନିଜର ବିବାଦ ସମାଧାନ କରନ୍ତୁ ଓ ଉତ୍ତେଜନା ହ୍ରାସ କରନ୍ତୁ ବୋଲି ୟୁରୋପୀୟ ସଂଘ ପରାମର୍ଶ ଦେଇଥିଲା । ଏହାକୁ ନେଇ ଭାରତ କ୍ଷୁବ୍ଧ ହୋଇଛି ।

# ‘ଯୁଦ୍ଧ ଆରମ୍ଭ କ୍ଷଣି ହିଁ ଇଂଲଣ୍ଡ ଯିବି’: ପାକିସ୍ତାନ ସାଂସଦ

ନୂଆଦିଲ୍ଲୀ: ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ନେଇ ଏବେ ଭୟରେ ପାକ୍ ଲୋକଙ୍କ ଠାରୁ ରାଜନେତା । କିଏ ବଙ୍କର ପ୍ରସ୍ତୁତିରେ ଲାଗିଲେଣି ତ ଆଉ କିଏ ଦେଶ ଛାଡ଼ି ଯିବା ପାଇଁ ଯୋଜନା କଲେଣି । ଏହାରି ଭିତରେ ଏବେ ଜଣେ ପାକିସ୍ଥାନୀ ରାଜନେତାଙ୍କ ବୟାନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଯଦି ପାକିସ୍ତାନ ଆଉ ଭାରତ ମଧ୍ୟରେ ଯୁଦ୍ଧ ଛିଡେ ତାହେଲେ ସେ ପାକିସ୍ତାନ ଛାଡ଼ି ଲଣ୍ଡନ ପଳେଇବେ । କିଛି ଏପରି ମନ୍ତବ୍ୟ ଦେଇ ଏବେ ଚର୍ଚ୍ଚାରେ ସାଂସଦ ଶେର୍ ଅଫଜଲ୍ ଖାନ ମାରଓ୍ୱାଟ୍, ଯିଏକି ପାକିସ୍ତାନର ଜାତୀୟ ପରିଷଦର ଜଣେ ସଦସ୍ୟ । ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ପାକିସ୍ତାନର ଜାତୀୟ ପରିଷଦର ସଦସ୍ୟ ଶେର ଅଫଜଲ୍ ଖାନ ମାରଓ୍ୱାଟଙ୍କୁ ଯେତେବେଳେ ପାକିସ୍ତାନ ରିପୋର୍ଟର ପଚାରିଥିଲେ, ଯଦି ଭାରତ ସହିତ ଯୁଦ୍ଧ ହୁଏ, ତେବେ ସେ ବନ୍ଧୁକ ଧରି ସୀମାକୁ ଯିବେ କି?, ଯାହାର ଉତ୍ତରରେ ସାଂସଦ କହିଥିଲେ, ଯଦି ଭାରତ ସହିତ ଯୁଦ୍ଧ ହୁଏ ତେବେ ମୁଁ ଇଂଲଣ୍ଡ ଯିବି । ଆଉ ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ବିଶ୍ୱାସ କରନ୍ତି କି ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତେଜନା କମ କରିବା ପାଇଁ ପଛକୁ ହଟିଯିବେ, ସେତେବେଳେ ସେ ବ୍ୟଙ୍ଗାତ୍ମକ ଭାବରେ କହିଥିଲେ, ମୋଦି କ’ଣ ମୋ ମାଉସୀଙ୍କ ପୁଅ ଯେ ସେ କେବଳ ମୁଁ କହିବାରୁ ପଛକୁ ହଟିଯିବେ? ଯାହାଙ୍କ ସେ ବାଇଟ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି । ଯାହାକୁ ନେଇ ସମାଲୋଚନା ଶିକାର ହୋଇଛନ୍ତି, ପାକିସ୍ତାନ ରାଜନେତା । ତାଙ୍କର ଉତ୍ତର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପାକିସ୍ତାନୀ ରାଜନେତାମାନେ ମଧ୍ୟ ସେମାନଙ୍କ ସେନାକୁ ବିଶ୍ୱାସ କରନ୍ତି ନାହିଁ ବୋଲି ମନ୍ତବ୍ୟ ରଖିଥିଲେ ୟୁଜର୍ସ ।

ତେବେ ମାରଓ୍ୱାଟ୍ ପୂର୍ବରୁ ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପାକିସ୍ତାନ ତେହରିକ୍-ଏ-ଇନସାଫ (ପିଟିଆଇ)ର ସଦସ୍ୟ ଥିଲେ । ପରେ, ଦଳ ଏବଂ ଏହାର ନେତୃତ୍ୱର ବାରମ୍ବାର ସମାଲୋଚନା ଯୋଗୁଁ ଇମ୍ରାନ ଖାନ ତାଙ୍କୁ ପ୍ରମୁଖ ପଦବୀରୁ ହଟାଇ ଦେଇଥିଲେ ।

# ରାହୁଲଙ୍କ ବୟାନକୁ ନେଇ ତାତିଲା ବିଜେପି



ନୂଆଦିଲ୍ଲୀ: କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୁଣି ଥରେ ତାଙ୍କ ବୟାନ ପାଇଁ ଖବରର ଶିରୋନାମାରେ ଅଛନ୍ତି । ବିଜେପି ପ୍ରାୟତଃ କଂଗ୍ରେସ ନେତାମାନଙ୍କୁ ବିଦେଶରେ ଦେଇଥିବା ବୟାନ ପାଇଁ ଆକ୍ରମଣ କରିଥାଏ । ଭଗବାନ ରାମଙ୍କୁ ଏକ କାଳ୍ପନିକ ଚରିତ୍ର ବୋଲି କହିବା ତାଙ୍କ ବୟାନ ପୁଣି ଥରେ ହଙ୍ଗାମା ସୃଷ୍ଟି କରିଛି । ନିକଟରେ ତାଙ୍କର ଆମେରିକା ଗସ୍ତ ସମୟରେ, ରାହୁଲ ଗାନ୍ଧୀ ବ୍ରାଉନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଥିଲେ ଯେ ସମସ୍ତେ ପୌରାଣିକ ଚରିତ୍ର । ପ୍ରଭୁ ରାମ ସେହିପରି ଥିଲେ, ସେ କ୍ଷମାଶୀଳ ଏବଂ ଦୟାଳୁ ଥିଲେ ।

ଏହି ଭାଇରାଲ ଭିଡିଓକୁ ନେଇ ଭାରତୀୟ ଜନତା ପାର୍ଟି (ବିଜେପି) ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛି । ରାହୁଲ ଗାନ୍ଧୀଙ୍କ ଏହି ଭିଡିଓ ସେୟାର କରି ବିଜେପି ମୁଖପାତ୍ର ଶହଜାଦ ପୁନାଓ୍ୱାଲା କହିଛନ୍ତି ଯେ ଭଗବାନ ରାମଙ୍କ ଅସ୍ତିତ୍ୱ ଉପରେ ସନ୍ଦେହ କରିବା ପାଇଁ ଏହି ଦେଶ ରାହୁଲ ଗାନ୍ଧୀଙ୍କୁ କେବେ କ୍ଷମା କରିବ ନାହିଁ । ଶହଜାଦ ପୁନାଓ୍ୱାଲା କହିଛନ୍ତି ଯେ ଦେଶ ବିରୋଧୀ କଂଗ୍ରେସ ଏବେ ରାମ ବିରୋଧୀ କଂଗ୍ରେସରେ ପରିଣତ ହୋଇଛି । ରାହୁଲ ଗାନ୍ଧୀ ପ୍ରଭୁ ଶ୍ରୀରାମଙ୍କୁ ଏକ ପୌରାଣିକ ଏବଂ କାଳ୍ପନିକ ଚରିତ୍ର ଭାବରେ ବର୍ଣ୍ଣନା କରିଛନ୍ତି ।

ଏହା ହେଉଛି କଂଗ୍ରେସର ପ୍ରକୃତ ଚରିତ୍ର, ପ୍ରଥମେ ସେମାନେ ରାମ ମନ୍ଦିରକୁ ବିରୋଧ କରିଥିଲେ ଏବଂ ଏବେ ସେମାନେ ଭଗବାନ ରାମଙ୍କ ଅସ୍ତିତ୍ୱ ଉପରେ ସନ୍ଦେହ କରୁଛନ୍ତି । ବିଜେପି ମୁଖପାତ୍ର କହିଛନ୍ତି ଯେ ଏହା ଦଳର ରାମ ବିରୋଧୀ ଏବଂ ହିନ୍ଦୁ ବିରୋଧୀ ମାନସିକତାର ସବୁଠାରୁ ବଡ଼ ସୂଚନା । ହିନ୍ଦୁ ଏବଂ ଭଗବାନ ଶ୍ରୀରାମଙ୍କୁ ଅପମାନିତ କରିବା କଂଗ୍ରେସର ପରିଚୟ ପାଲଟିଛି । କଂଗ୍ରେସ ହିନ୍ଦୁ ଆତଙ୍କବାଦ ଭଳି ଶବ୍ଦ ବ୍ୟବହାର କରିଆସୁଛି । ଏବେ ଆଉ ଏକ ବୟାନ ଆସିଛି ଯେଉଁଥିରେ ସେ କହିଛନ୍ତି ଯେ ପ୍ରଭୁ ରାମ ପୌରାଣିକ । ୟୁପିଏ ସରକାର ସମୟରେ ରାମ ସେତୁକୁ ଭାଙ୍ଗିବା ପାଇଁ ସୋନିଆ ଗାନ୍ଧୀ ଏହି ସମାନ ଭାଷା ବ୍ୟବହାର କରିଥିଲେ ।

# ୭୦୦ ଫୁଟ ତଳକୁ ଖସିଲା ସେନା ଗାଡ଼ି: ୩ ଯବାନ ସହିଦ

ଶ୍ରୀନଗର: ଜମ୍ମୁ-କାଶ୍ମୀରର ରାମବନ ଜିଲ୍ଲାରେ ରବିବାର ଏକ ବଡ଼ ଦୁର୍ଘଟଣା ଘଟିଛି । ଏକ ସେନା ଟ୍ରକ ୭୦୦ ଫୁଟ ତଳକୁ ଖସିପଡ଼ିବାରୁ ତିନି ଜଣ ସୈନିକ ସହିଦ ହୋଇଛନ୍ତି ।

ଅଧିକାରୀମାନଙ୍କ କହିବାନୁଯାୟୀ, ଦୁର୍ଘଟଣାଟି ସକାଳ ୧୧:୩୦ ସମୟରେ ଜାତୀୟ ରାଜପଥ-୪୪ର ବ୍ୟାଟେରୀ ଚଷମା ନିକଟରେ ଘଟିଥିଲା । ଏହି ସେନା ଟ୍ରକଟି ଜମ୍ମୁରୁ ଶ୍ରୀନଗର ଯାଉଥିବା ଏକ କନଭୟର ଅଂଶ ଥିଲା ।

ଦୁର୍ଘଟଣା ପରେ ଏସଡିଆରଏଫ୍, ପୋଲିସ, ସେନା ଏବଂ ସ୍ଥାନୀୟ ଲୋକେ ମିଳିତ ଭାବରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୁର୍ଘଟଣାରେ ଗାଡ଼ିଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା । ଏଥିରେ ଯାତ୍ରା କରୁଥିବା ତିନି ଜଣ ସୈନିକ ସହିଦ ହୋଇଥିଲେ ।

ତେବେ ସହିଦ ସୈନିକଙ୍କ ନାମ ଅମିତ କୁମାର, ସୁଜିତ କୁମାର ଏବଂ ମାନ ବାହାଦୁର ବୋଲି ଜଣାପଡ଼ିଛି । ସେମାନଙ୍କ ମୃତଦେହକୁ ଖାଲରୁ ବାହାର କରାଯାଇଛି । ଅଧିକାରୀମାନେ କହିଛନ୍ତି ଯେ ଦୁର୍ଘଟଣା ଏତେ ଭୟାନକ ଥିଲା ଯେ ଦୁର୍ଘଟଣା ପରେ ଗାଡ଼ିଟି ଲୁହା ଗଦାରେ ପରିଣତ ହୋଇଯାଇଥିଲା ।



## ମହିଳା ହକି: ବିଜୟ ସହ ଭାରତର ଅଭିଯାନ ଶେଷ



ନୂଆଦିଲ୍ଲୀ, ୪।୫ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ମହିଳା ଦଳ ଶେଷ ମ୍ୟାଚ୍‌ରେ ବିଜୟ ହାସଲ କରି ଅଭିଯାନ ଶେଷ କରିଛି । ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦଳ ଶୋଚନୀୟ ଭାବେ ହାରିଥିଲା । କିନ୍ତୁ ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତ ବିଜୟ ସହ ସମ୍ମାନ ରଖିଛି । ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୧-୦ ଗୋଲ୍‌ରେ ଅଷ୍ଟ୍ରେଲିଆକୁ ପରାଜିତ କରିଥିଲା । ଏହା ଭାରତୀୟ ଦଳର ୫ମ ମ୍ୟାଚ୍ । ପର୍ଥ ହକି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ନବନୀତ କୌର ୨୧ତମ ମିନିଟ୍‌ରେ ବିଜୟସୂଚକ ଗୋଲ କରିଥିଲେ । ଏହାପରେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ବି ଉଭୟ ପକ୍ଷରୁ ଆଉ ଗୋଲ୍ ହୋଇ ନଥିଲା ।

ଏହି ଗସ୍ତରେ ଭାରତୀୟ ଦଳ ମୋଟ ୫ଟି ମ୍ୟାଚ୍ ଖେଳିଛି । ପ୍ରଥମେ ଅଷ୍ଟ୍ରେଲିଆ-ଏ ନିକଟରୁ ଭାରତ ଦୁଇଟି ମ୍ୟାଚ୍ ହାରିଥିଲା । ପୁନଶ୍ଚ ଅଷ୍ଟ୍ରେଲିଆ ବରିଷ୍ଠ ଦଳ ସହ ୩ଟି ମ୍ୟାଚ୍ ଖେଳିଥିଲା ।

## ଭାରତ ପହଞ୍ଚିଲେ ରବାଡ଼ା



ନୂଆଦିଲ୍ଲୀ, ୪।୫ (ଏଜେନ୍ସି): ଗୁଜରାଟ ଟାଇଟନ୍ସ ଦ୍ରୁତ ବୋଲର କାଗିସୋ ରବାଡ଼ା ଆଇପିଏଲ୍ ଅଧାରୁ ସ୍ୱଦେଶ ଫେରିଯାଇଥିଲେ । ପରେ ସେ ରିକ୍ରିଏସନାଲ ଡ୍ରଗ୍ସ ସେବନ କରିଥିବାରୁ ସାମୟିକ ଭାବେ ବାସନ୍ଦ ହୋଇଥିଲେ । ଏହାସତ୍ତ୍ୱେ ରବାଡ଼ା ପୁନର୍ବାର ଭାରତ ଫେରିଆସିଛନ୍ତି । ସେ ଚଳିତ ଆଇପିଏଲ୍‌ରେ ଖେଳିବା ନେଇ ମଧ୍ୟ ସମ୍ଭାବନା ବ୍ୟକ୍ତ କରିଛନ୍ତି । ଯଦି ସବୁକିଛି ଠିକ୍‌ଠାକ ହୁଏ, ତେବେ ସେ ମେ-୬ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଖେଳିପାରନ୍ତି । ଅବଶ୍ୟ ଏନେଇ କ୍ରିକେଟ ଦ.ଆଫ୍ରିକାର ଅନୁମତିକୁ ଅପେକ୍ଷା କରିଛନ୍ତି । ରବାଡ଼ା ଡ୍ରଗ୍ସ ସେବନ କରିଥିଲେ ତାଙ୍କ ଦଣ୍ଡ କୋହଳ କରାଯିବାର ସମ୍ଭାବନା ରହିଛି । ୱାଡା ତାଲିକାରେ ଏହି ଡ୍ରଗ୍ସ ପରଫର୍ମାନ୍ସ ବୃଦ୍ଧି ଶ୍ରେଣୀରେ ରଖାଯାଇ ନାହିଁ । ଏହି ଡ୍ରଗ୍ସ ସେବନକାରୀଙ୍କୁ ଅତିବେଶୀରେ ୩ ମାସ ଦଣ୍ଡିତ କରାଯାଇଥାଏ । ରବାଡ଼ା ୧ ମାସ ହେବ ଏହି ଦଣ୍ଡ ଭୋଗୁଥିବାରୁ ତାଙ୍କୁ ଖେଳିବା ପାଇଁ ଅନୁମତି ପ୍ରଦାନ କରାଯିବାର ସମ୍ଭାବନା ରହିଛି ।

## ଆଇପିଏଲ୍ ମହାସମର

# ଶେଷ ଓଭର ରୋମାଞ୍ଚ



କୋଲକାତା, ୪।୫ (ଏଜେନ୍ସି): ଆଇପିଏଲ୍‌ର ୫୩ତମ ମ୍ୟାଚ୍‌ରେ ରୋମାଞ୍ଚ ଦେଖିବାକୁ ମିଳିଛି । ଶେଷ ଓଭରରେ କୋଲକାତା ନାଇଟ୍ ରାଇଡର୍ସ ୧ ରନରେ ରାଜସ୍ଥାନ ରୟାଲ୍ସକୁ ହରାଇଥିଲା । ଏଥିସହ କୋଲକାତାର ପ୍ଲେଅଫ୍ ପ୍ରବେଶ ଆଶା ଜୀବିତ ରହିଛି । ରିଆନ ପରାଗଙ୍କ ୯୫ ରନର ଇନିଂସ୍ ବ୍ୟର୍ଥ ହୋଇଛି । ପ୍ରଥମେ ବ୍ୟାଟିଂ କରି କୋଲକାତା ୨୦ ଓଭରରେ ୪ ୱିକେଟ ୨୦୬ କରିଥିଲା । ଅଙ୍ଗକ୍ରିସ ରଘୁବଂଶୀ ୪୪ ଓ ଆନ୍ଦ୍ରେ ରସେଲ ୫୭ ରନର ଇନିଂସ୍ ଖେଳିଥିଲେ ।

ଜବାବରେ ରାଜସ୍ଥାନ ୨୦ ଓଭରରେ ୭ ୱିକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା । ରିଆନ ପରାଗ ୪୫ ବଲ୍‌ରେ ୯୫ ରନ କରିଥିଲେ । ପରାଗ ୬ଟି ବଲ୍‌ରେ ୬ଟି ଛକା ମାରିଥିଲେ । ସେ ମୋଇନ ଅଲ୍ଲୀଙ୍କ ବଲ୍ ଓଭରରେ ୫ଟି ଓ ବରୁଣ ଚକ୍ରବର୍ତ୍ତୀଙ୍କ ଓଭରର ପ୍ରଥମ ବଲ୍‌ରେ ଛକା ମାରିଥିଲେ । ଆଇପିଏଲ୍ ଇତିହାସରେ ସେ ପ୍ରଥମ ବ୍ୟାଟର ଭାବେ ୬ ବଲ୍‌ରେ ୬ ଛକା ମାରିଛନ୍ତି । ଶେଷ ଓଭରରେ ରାଜସ୍ଥାନ ବିଜୟ ପାଇଁ ୨୨ ରନ ଆବଶ୍ୟକ କରୁଥିଲା । ଜୋଫ୍ରା ଆର୍ଚ୍ଚର ପ୍ରଥମ ବଲ୍‌ରେ ୨ ଓ ଦ୍ୱିତୀୟ ବଲ୍‌ରେ ୧ ରନ କରିଥିଲେ । ଏହାପରେ ଶିବମ୍ ଦୁବେ ତୃତୀୟ ବଲ୍‌ରେ ଛକା, ଚତୁର୍ଥ ବଲ୍‌ରେ ଚୌକା ଏବଂ ୫ମ ବଲ୍‌ରେ ଛକା ମାରି ରାଜସ୍ଥାନ ସପକ୍ଷରେ ମ୍ୟାଚ୍‌କୁ ଆଣିଥିଲେ । ଶେଷ ବଲରେ ବିଜୟ ପାଇଁ ୩ ରନ ଆବଶ୍ୟକ କରୁଥିବାବେଳେ ଦୁବେ ଓ ଆର୍ଚ୍ଚର ୧ ରନ ସଂଗ୍ରହ କରିଥିଲେ । ଦ୍ୱିତୀୟ ରନ୍ ବେଳକୁ ଆର୍ଚ୍ଚର ରନଆଉଟ ହୋଇଥିଲେ । ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଅନ୍ୟମାନେ ବିଶେଷ କିଛି କରିପାରି ନଥିଲେ । ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ କେବଳ ୪ ରନ କରିଥିବାବେଳେ ୩ ଜଣ ବ୍ୟାଟର ରନ ଖାତା ଖୋଲିପାରି ନଥିଲେ । ସିମ୍‌ରନ ହେଟମେୟାର ୨୯, ଶିବମ ଦୁବେ ୨୫ ଓ ଜୋଫ୍ରା ଆର୍ଚ୍ଚର ୧୨ ରନ କରିଥିଲେ । ତେଣୁ ରାଜସ୍ଥାନ ୨୦ ଓଭରରେ ୮ ୱିକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା । ବୋଲିଂ କୋଲକାତାର ମୋଇନ ଅଲ୍ଲୀ, ହର୍ଷିତ ରାଣା ଓ ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏଁ ତଥା ବୈଭବ ଅରୋରାଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଥିଲା ।

କୋଲକାତା ନାଇଟ୍ ରାଇଡର୍ସର ଅଧିନାୟକ ଆଜିଙ୍କ୍ୟ ରାହାଣେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ରହମନୁଲ୍ଲା ଗୁରବାଜଙ୍କ ସହ ସୁନୀଲ ନାରିନ ପାଳି ଆରମ୍ଭ କରିଥିଲେ । ନାରିନ ୯ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ମାରି ୧୧ ରନ କରିଥିଲେ । ଗୁରୁବାଜ ୨୫ ବଲ୍‌ରୁ ୩୫ ରନ କରି ପାଭିଲିଅନ ଫେରିଥିଲେ । ଅଧିନାୟକ ଆଜିଙ୍କ୍ୟ ରାହାଣେ ୨୪ ବଲରୁ ୩୦ ରନ, ଅଂଗକ୍ରିସ ରଘୁବଂଶୀ ୪୪ ତଥା ଶେଷ ଭାଗରେ ଆନ୍ଦ୍ରେ ରସେଲ ୨୫ ବଲରୁ ୬ଟି ଛକା ମାରି ୫୭ ଓ ରିଙ୍କୁ ସିଂ ୬ ବଲ୍‌ରୁ ୧୯ ରନ କରିଥିଲେ । ତେଣୁ କୋଲକାତା ୨୦ ଓଭରରେ ୪ ୱିକେଟ ହରାଇ ୨୦୬ ରନ କରିଥିଲା । ରାଜସ୍ଥାନର ଜୋଫ୍ରା ଆର୍ଚ୍ଚର ଯୁଦ୍ଧବୀର ସିଂହ, ମହେଶ ଥେକ୍‌ସାନା ଏବଂ ୱାନିନ୍ଦୁ ହସରଙ୍ଗା ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ । ଏହି ବିଜୟ ସହ କୋଲକାତା ନାଇଟ୍ ରାଇଡର୍ସ ୧୧ ମ୍ୟାଚ୍‌ରୁ ୧୧ ପଏଣ୍ଟ ସହ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି । ପରାଜିତ ରାଜସ୍ଥାନ ରୟାଲ୍ସର ପ୍ଲେଅଫ୍ ଆଶା ଶେଷ ହୋଇଛି । ଦଳ ୧୨ ମ୍ୟାଚ୍‌ରୁ ୩ ବିଜୟ ଓ ୯ଟି ପରାଜୟ ସହ ୬ ପଏଣ୍ଟ ହାସଲ କରି ଅଷ୍ଟମ ସ୍ଥାନରେ ରହିଛି ।

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୧ | ୮ | ୩ | ୧୬ |
| ପଞ୍ଜାବ | ୧୧ | ୭ | ୩ | ୧୫ |
| ମୁମ୍ବାଇ | ୧୧ | ୭ | ୪ | ୧୪ |
| ଗୁଜରାଟ | ୧୦ | ୭ | ୩ | ୧୪ |
| ଦିଲ୍ଲୀ | ୧୦ | ୬ | ୪ | ୧୨ |
| କୋଲକାତା | ୧୧ | ୫ | ୫ | ୧୧ |
| ଲକ୍ଷ୍ନୌ | ୧୧ | ୫ | ୬ | ୧୦ |
| ରାଜସ୍ଥାନ | ୧୨ | ୩ | ୯ | ୬ |
| ସନ୍‌ରାଇଜର୍ସ | ୧୦ | ୩ | ୭ | ୬ |
| ଚେନ୍ନାଇ | ୧୧ | ୨ | ୯ | ୪ |

### ଆଜିର ମ୍ୟାଚ

ହାଇଦ୍ରାବାଦ- ଦିଲ୍ଲୀ
ସମୟ: ରାତି ୭.୩୦
ସ୍ଥାନ: ହାଇଦ୍ରାବାଦ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

## ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍ ଉଦ୍‌ଯାପିତ

ଭୁବନେଶ୍ୱର, ୪।୫ ( ସବ୍ୟୁ), ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡିଶା ଦ୍ୱାରା ଗତ ମେ ୨ରୁ ୪ ତାରିଖ ମଧ୍ୟରେ ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍‌ର ରାଜ୍ୟସ୍ତରୀୟ କ୍ୱାଟର ଫାଇନାଲ ତଥା ସେମି ଫାଇନାଲ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହୋଇଯାଇଥିବାବେଳେ, ଶେଷ ଦିନ ଏହାର ଫାଇନାଲ ମ୍ୟାଚ ଓଡ଼ିଶାର ୪ ଦଳମାନଙ୍କ ମଧ୍ୟରୁ ଉତ୍ତର ଏବଂ ଦକ୍ଷିଣ ଦଳଗୁଡ଼ିକ ମଧ୍ୟରେ, ଭୁବନେଶ୍ୱର ସ୍ଥିତ ହାଇଟେକ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି । ୪ ତାରିଖ ଦିନ ଏହାର ଉଦ୍ଘାଟନୀ ସମାରୋହ ହୋଇଥିବାବେଳେ, ଶେଷଦିନ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ ପାରଳାଖେମୁଣ୍ଡିର ସମ୍ମାନନୀୟ ବିଧାୟକ ରୁପେଶ କୁମାର ପାଣିଗାହୀ, ହାଇଟେକ ଗ୍ରୁପ ଓଫ୍ ଇନଷ୍ଟିଚ୍ୟୁସନ୍‌ର ଡାଇରେକ୍ଟର ଓଫ୍ ସ୍ପୋର୍ଟସ, ଲଳିତ ମହାନ୍ତି, ସତ୍ୟସାଇ ସେବା ସଂଗଠନ, ଓଡିଶାର, ରାଜ୍ୟ ସଭାପତି, ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ରାଜ୍ୟ ଉପ-ସଭାପତି, ସି. ସାଇ ପ୍ରସାଦ, ରାଜ୍ୟ ଯୁଗ୍ମ ଯୁବ ସଂଯୋଜକ, ଅଞ୍ଜନୀ ପଟ୍ଟନାୟକ, ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍ : ଓଡିଶା ଚ୍ୟାପ୍ଟରର କାର୍ଯ୍ୟକର୍ତ୍ତା, ଶୀତଲ ସ୍ୱରୂପ ତ୍ରିପାଠୀ, ସତ୍ୟସାଇ ସେ ଏହାର ଉଦଯାପନୀ ସମାରୋହରେ ଉପସ୍ଥିତ ହୋଇଥିଲେ, ଲଳିତ ମହାନ୍ତି, ସତ୍ୟସାଇ ସେବା ସଂଗଠନ, ପୂର୍ବ ଭାରତର ମଣ୍ଡଳ ସଭାପତି, ନାରାୟଣ ପ୍ରସାଦ ସର, ରାଜ୍ୟ ଯୁବ ସଂଯୋଜକ, ତୁଷାରକାନ୍ତ ନାଥ, ରାଜ୍ୟ ଯୁଗ୍ମ ଯୁବ ସଂଯୋଜକ, ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍‌ର କାର୍ଯ୍ୟକର୍ତ୍ତା, ଭୁବନେଶ୍ୱର ସାଇ ଜିଲ୍ଲାର ଜିଲ୍ଲା ସଭାପତି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ବୃନ୍ଦ । ପରବର୍ତ୍ତୀ ସମୟରେ, ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଭାରତର ସମସ୍ତ ରାଜ୍ୟରୁ ଚୟନିତ ଦଳମାନଙ୍କ ମଧ୍ୟରେ, ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍ ଆୟୋଜିତ ହେବ ।


## ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍: ପ୍ରାରବ୍ଧ ଚାମ୍ପିଅନ



ଭୁବନେଶ୍ୱର, ୪।୫ (ସବ୍ୟୁ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନସିପ୍‌ର ୮ ବର୍ଷରୁ କମ ବର୍ଗରେ ପ୍ରାରବ୍ଧ ମିଶ୍ର ଚାମ୍ପିଅନ ହୋଇଛନ୍ତି ।

ଏହି ବର୍ଗରେ ପ୍ରିୟମ ହୋତା ଦ୍ୱିତୀୟ, ଆୟୁଷ୍ମାନ ମହାନ୍ତି ତୃତୀୟ, ସାଇ ଆୟଙ୍କ ସାହୁ ଚତୁର୍ଥ ଓ ତନ୍ମୟ ମହାନ୍ତି ପଞ୍ଚମ ସ୍ଥାନରେ ରହିଛନ୍ତି । ୧୬ ବର୍ଷରୁ କମ ବର୍ଗରେ ମନୀଶ ରଞ୍ଜନ ଦାସ ଚାମ୍ପିଅନ ହୋଇଥିବାବେଳେ ଶୁଭମ ପ୍ରତୀକ ମିଶ୍ର ଦ୍ୱିତୀୟ, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ ତୃତୀୟ, ଆଦ୍ୟକାନ୍ତ ନାୟକ ୪ର୍ଥ ଓ ସ୍ୱେତନଜିତ ପଟ୍ଟନାୟକ ୫ମ ସ୍ଥାନ ଅଧିକାର କରିଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆର ବାସୁଦେବ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ରୟାଲ ପବ୍ଲିକ୍ ସ୍କୁଲର ଭାଇସ୍ ପ୍ରିନ୍ସପାଲ ପ୍ରଜ୍ଞା ପରିମିତା ସାହୁ ଏବଂ ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ ।

## ଧର୍ମଶାଳାରେ ପଞ୍ଜାବ ବିଜୟୀ



ଧର୍ମଶାଳା, ୪।୫ (ଏଜେନ୍ସି): ଆଇପିଏଲ୍‌ର ୫୪ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ୩୭ ରନ ବ୍ୟବଧାନରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ଧରାଶାୟୀ କରି ପ୍ଲେଅଫ୍ ଆଡ଼େ ଆଉ ପାଦେ ଆଗେଇଛି । ଧର୍ମଶାଳାରେ ପଞ୍ଜାବ ଦଳ ୧୨ ବର୍ଷ ପରେ ବିଜୟ ହାସଲ କରିଛି । ଶେଷଥର ପାଇଁ ୨୦୧୩ରେ ପଞ୍ଜାବ କିଙ୍ଗସ୍ ଧର୍ମଶାଳାରେ ବିଜୟୀ ହୋଇଥିଲା । ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ୨୦ ଓଭରରେ ୫ ୱିକେଟ ହରାଇ ୨୩୬ ରନ କରିଥିଲା । ଜବାବରେ ଲକ୍ଷ୍ନୌ ୨୦ଓଭରରେ ୭ ୱିକେଟ ହରାଇ ୧୯୯ ରନ କରିବାକୁ ସକ୍ଷମ ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗସ୍ ପକ୍ଷରୁ ପ୍ରଭସିମ୍‌ରନ ସିଂହ ୯୧ ରନ, ଜୋସ୍ ଇଂଲିଶ୍ ୩୦, ଅଧିନାୟକ ଶ୍ରେୟାସ ଆୟର ୪୫, ନେହାଲ ୱାଧେରା ୧୬, ଶଶାଙ୍କ ସିଂ ୩୩ ଓ ମାର୍କସ ଷ୍ଟୋଇନିସ୍ ୧୫ ରନ କରିଥିଲେ । ଲକ୍ଷ୍ନୌର ଦିଗଭେସ ରଥୀ ଓ ଆକାଶ ସିଂଙ୍କୁ ୨ଟି କରି ୱିକେଟ ସଫଳତା ମିଳିଥିଲା । ଲକ୍ଷ୍ନୌ ୨୩୭ ରନକୁ ପିଛା କରି ୧୯୯ରେ ସୀମିତ ରହିଥିଲା । ଦଳ ପକ୍ଷରୁ ଆୟୁଷ ବଦୋନି ସର୍ବାଧିକ ୭୪, ଅବଦୁଲ ସମଦ ୪୫ ରନ କରିଥିଲେ । ତେଣୁ ଦଳ ବିଜୟଲକ୍ଷ୍ୟ ଠାରୁ ମାତ୍ର ୩୭ ରନ ପଛରେ ରହିଯାଇଥିଲା । ପଞ୍ଜାବର ଅର୍ଶଦୀପ ସିଂଙ୍କୁ ସର୍ବାଧିକ ୩ ୱିକେଟ ସଫଳତା ମିଳିଥିଲା । ବିଜୟ ସହ ପଞ୍ଜାବ ୧୧ ମ୍ୟାଚ୍‌ରୁ ୧୫ ପଏଣ୍ଟ ହାସଲ କରି ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି ।

## ଅବନୀତଙ୍କ ଫଟୋକୁ ଲାଇକ୍ କରି ଫସିଲେ ବିରାଟ




ମୁମ୍ବାଇ, ୪।୫ (ଏଜେନ୍ସି): ସୋସିଆଲ୍ ମିଡିଆରେ ବିରାଟ କୋହଲିଙ୍କୁ ନେଇ ବଡ଼ ହଇଚଇ ସୃଷ୍ଟି ହୋଇଛି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବ୍ୟାଟର କୋହଲିଙ୍କ ଗୋଟିଏ ଲାଇକ୍ ଯୋଗୁ ସୋସିଆଲ ମିଡିଆରେ ଝଡ଼ ଦେଖାଦେଇଛି । କୋହଲି ତାଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଏକ ଷ୍ଟୋରି ପୋଷ୍ଟ କରି ସଫେଇ ଦେଇଛନ୍ତି । କହିଛନ୍ତି ଏହା ସ୍ପଷ୍ଟ କରିବାକୁ ଚାହୁଁଛି ଯେ ମୁଁ ଏହା ଜାଣିଶୁଣି କରିନାହିଁ, ଭୁଲରେ ହୋଇଯାଇଥିଲା । ତେଣୁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ଯେ ଏହା ଉପରେ କୌଣସି ଧାରଣା ନରଖନ୍ତୁ । ମୋ କଥାକୁ ବୁଝିବା ପାଇଁ ଧନ୍ୟାବାଦ । ବିରାଟଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ଜଣେ ଅଭିନେତ୍ରୀଙ୍କ ଫଟୋ ଲାଇକ୍ ହୋଇଯାଇଥିଲା । ଏହାପରେ ସୋସିଆଲ୍ ମିଡିଆରେ ଚହଳ ପଡ଼ିଥିଲା । ଅଭିନେତ୍ରୀ ଅବନୀତି କୌର ଏପ୍ରିଲ୍ ୩୦ରେ ତାଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ କିଛି ଫଟୋ ପୋଷ୍ଟ କରିଥିଲେ । ଏଥିରେ ସେ ଏକ ଛୋଟ ସ୍କର୍ଟ୍ ସହିତ ସବୁଜ ରଙ୍ଗର ଟପ୍ ପିନ୍ଧିଥିବାର ନଜର ଆସିଥିଲେ । ଅନେକ ଲୋକ ତାଙ୍କ ଫଟୋକୁ ଲାଇକ୍ କରିଥିଲେ । କିନ୍ତୁ ଯେତେବେଳେ କୋହଲି ଏହି ଫଟୋକୁ ଲାଇକ୍ କଲେ ସେତେବେଳେ ହଙ୍ଗାମା ସୃଷ୍ଟି ହୋଇଥିଲା । କାରଣ ମେ' ୧ ତାରିଖରେ ଅନୁଷ୍କା ଶର୍ମାଙ୍କ ଜନ୍ମଦିନ ଥିଲା । ସେହିଦିନ କୋହଲି ଅବନୀତ କୌରଙ୍କ ଫଟୋକୁ ଲାଇକ୍ କରିଥିଲେ । ଯାହାଫଳରେ ପ୍ରଶଂସକ ତାଙ୍କୁ ଟ୍ରୋଲ କରିବାକୁ ଲାଗିଲେ । କୋହଲିଙ୍କୁ ସଫେଇ ଦେବାକୁ ପଡ଼ିଲା । ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟୋରି ପୋଷ୍ଟ କରି ଏହି ମାମଲାରୁ ପରଦା ଉଠାଇବାକୁ ଚେଷ୍ଟା କରିଛନ୍ତି ।

## ଦିବାରାତ୍ର ଭଲିବଲ: ଭୀମପୁର ଚାମ୍ପିଅନ

ବାଲୁଗାଁ, ୪।୫ (ସବ୍ୟୁ) :ବାଲୁଗାଁ ନିକଟସ୍ଥ ଭେଲେରୀ ଇଂଜନପୁର ଠାରେ ସ୍ୱାଇକି ପଞ୍ଚ କ୍ଲବ ପକ୍ଷରୁ ଶୁକ୍ରବାର ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ପୁରୀ, ବାଲୁଗାଁ, ଭୀମପୁର, ନିମିକ୍ଷେତା , ବଉଳାବନ୍ଧ, ସୋରଣ, ଭେଲେରୀ ଇଂଜନପୁର ସମେତ ୮ ଗୋଟି ଟିମ ଭାଗ ନେଇଥିଲେ ଓ ପ୍ରତ୍ୟେକ ଟିମ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ । ଫାଇନାଲ ମ୍ୟାଚ ଭୀମପୁର ଓ ଭେଲେରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ଭୀମପୁର ଚମ୍ପିୟାନ ହୋଇଥିବା ବେଳେ ଭେଲେରୀ ରନର୍ସ ଅପ ହୋଇଥିଲା । ଏହି ଟୁର୍ନାମେଣ୍ଟକୁ ଅଭିନାଶ ଜେନା, ଅମୁଲ୍ୟ ବାରିକ, ଶୁଭାଶିଷ ବେହେରା ରେଫରି ରୂପେ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ରୂପେ ଚିଲିକା ପ୍ରେସ୍ କ୍ଲବର ସଭାପତି ପ୍ରକାଶ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଜେ. ଡ଼ି. ଏ ଆର୍ଟ ମାଲିକ ହରିହର ବେହେରା ଯୋଗ ଦେଇ ଚମ୍ପିୟାନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

# ଭଦ୍ରକ ଜିଲ୍ଲା କ୍ରିକେଟ ଆସୋସିଏସନ ନିର୍ବାଚନ: ବିଜୟ ସଭାପତି, ଧୀରେନ ସମ୍ପାଦକ

ଭଦ୍ରକ, ୪।୫ (ସବ୍ୟୁ): ରବିବାର ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ପରିଚାଳନା ସମିତି ପୁନର୍ଗଠିତ ହୋଇଯାଇଛି । ଏଥିପାଇଁ ସାଧାରଣ ସଭାର ଏକ ସ୍ୱତନ୍ତ୍ର ଅଧିବେଶନ ହ୍ୟାପ୍ପି ହୋମ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ ନିର୍ବାଚନ ଅଧିକାରୀ ରୂପେ ପରିଚାଳନା କରିଥିଲେ । ପର୍ଯ୍ୟବେକ୍ଷକ ରୂପେ ଓଡିଶା କ୍ରିକେଟ୍ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଯୋଗ ଦେଇଥିଲେ । ସମିତିର ୧୫ଟି ପଦବୀ ନିମନ୍ତେ ପ୍ରତି ପଦବୀ ପାଇଁ ଗୋଟିଏ ଲେଖାଏଁ ନାମାଙ୍କନ ପତ୍ର ନିର୍ଦ୍ଧାରିତ ସମୟ ସୁଦ୍ଧା ମିଳିଥିବାରୁ ସମସ୍ତ ପ୍ରତିଦ୍ୱନ୍ଦୀ ନିର୍ଦ୍ୱନ୍ଦରେ ବିଜୟୀ ହୋଇଥିଲେ । ନିର୍ବାଚନ ଅଧିକାରୀ ସାଧାରଣ ସଭାର ଅନୁମୋଦନ କ୍ରମେ ବିଜେତା ମାନଙ୍କ ନାମ ଘୋଷଣା କରିଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ ଆଇନଜୀବୀ ବିଜୟ କୁମାର ଜେନା ସଭାପତି ରୂପେ ନିର୍ବାଚିତ ହୋଇଥିବା ବେଳେ ଧୀରେନ୍ ପଲାଇ ସାଧାରଣ ସମ୍ପାଦକ ରୂପେ ପୁନଃନିର୍ବାଚିତ ହୋଇଛନ୍ତି । ଦୁଇଟି ଉପସଭାପତି ପଦବୀ ପାଇଁ ଆଇନଜୀବୀ ଯତିକାନ୍ତ ନାୟକ ଓ ବ୍ରଜନାରାୟଣ ଜେନାଙ୍କ ନାମ ଘୋଷଣା କରାଯାଇଛି । ସେହିପରି ବିଜୟ କୁମାର ଲଖାନୀ ଓ ସୁଦାମ କୁମାର ନାୟକ ଯୁଗ୍ମ ସମ୍ପାଦକ ପଦ ପାଇଁ ନିର୍ବାଚିତ ହୋଇଛନ୍ତି । କୋଷାଧ୍ୟକ୍ଷ ରୂପେ ବ୍ୟୋମୋକେଶ ସେନାପତି ପୁନଃ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟ ରୂପେ ନିର୍ବାଚିତ ହୋଇଥିବା ୮ ଜଣ ସଦସ୍ୟ ହେଲେ ପାର୍ଥସାରଥୀ ଗୁହା,ଠାକୁରତା ରାୟ,ବେଦପ୍ରକାଶ ଗୁପ୍ତା, ଆଇନଜୀବୀ ପବନ କୁମାର ଶର୍ମା, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସଞ୍ଜୀବ ଦାସ, ସୋମନାଥ ସାହୁ, ଆଇନଜୀବୀ ତୁଷାର କାନ୍ତ ଦାସ ଏବଂ ଓଡିଶାର ବିଶିଷ୍ଟ କ୍ରିକେଟ୍ କୋଚ୍ କେଭି ପ୍ରସାଦ ।




ଏହି ଅବସରରେ ଓସିଏ ପର୍ଯ୍ୟବେକ୍ଷକ ପ୍ରଭାତ କୁମାର ଭୋଳ ଓ ନିର୍ବାଚନ ଅଧିକାରୀ ଦିବ୍ୟସିଂହ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ନିର୍ବାଚନ ଅଧିକାରୀ ଶ୍ରୀନାୟକ ନିଜ ପ୍ରତିକ୍ରିୟାରେ ସଦ୍ୟସମାପ୍ତ ନିର୍ଦ୍ୱନ୍ଦ ନିର୍ବାଚନ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସଦସ୍ୟମାନଙ୍କ ଏକତା ଓ ଉତ୍ତମ ବୁଝାମଣାର ସ୍ପଷ୍ଟ ସଂକେତ ବୋଲି କହିଥିଲେ । ଓସିଏ ପର୍ଯ୍ୟବେକ୍ଷକ ଶ୍ରୀ ଭୋଳ ଓଡ଼ିଶାର କ୍ରିକେଟ୍ ମାନଚିତ୍ରରେ ଭଦ୍ରକ ଏକ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା ସୃଷ୍ଟି କରିଛି ବୋଲି କହିବା ସହ ନବଗଠିତ ପରିଚାଳନା ସମିତି ସେ ସମାନର ଧାରା ଅକ୍ଷୁର୍ଣ୍ଣ ରଖିବ ବୋଲି ଆଶା ପ୍ରକାଶ କରିଥିଲେ । ଶେଷରେ ନବନିର୍ବାଚିତ ସଭାପତି ବିଜୟ କୁମାର ଜେନା ପରିଚାଳନା ସମିତି ତରଫରୁ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଥିଲେ । ସାଧାରଣ ସମ୍ପାଦକ ଧୀରେନ୍ ପଲାଇ ଓ ଆଇନଜୀବୀ ଅତିଶ କୁମାର ବେହେରା ନିର୍ବାଚନ ଅଧିକାରୀ, ଓସିଏ ପର୍ଯ୍ୟବେକ୍ଷକ ତଥା ସାଧାରଣ ସଭାର ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ହ୍ୟାପ୍ପି ହୋମ୍ ସ୍କୁଲର ନିର୍ଦ୍ଦେଶିକା ପ୍ରଜ୍ଞା ପରିମିତା ଏହି ସ୍ୱତନ୍ତ୍ର ଅଧିବେଶନକୁ ସଂଚାଳନ କରିଥିବା ବେଳେ କ୍ରିଡ଼ା ଅଧ୍ୟାପକ ରବିନାରାୟଣ ଓଝା ଓ ଅଧୀକ୍ଷକ ରୁଦ୍ର ନାରାୟଣ ବାରିକ ସହଯୋଗ କରିଥିଲେ ।

ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି